ବର୍ଷ-୨୪, ସଂଖ୍ୟା-୧୬୪
ଭୁବନେଶ୍ୱର
୧୩ ଜୁଲାଇ, ୨୦୨୪ ଶନିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 164
Bhubaneswar
13 July, 2024, Saturday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



ତିନି ରଥର ହେଲା ଦକ୍ଷିଣମୋଡ଼

## ହାଇକୋର୍ଟଙ୍କ ଦ୍ୱାରସ୍ଥ ହେଲେ ଦୀପାଳି ଦାସ

କଟକ, ୧୨।୭(ମହାଭାରତ): ହାଇକୋର୍ଟରେ ଝାରସୁଗୁଡ଼ା ବିଧାନସଭା ଆସନ ନିର୍ବାଚନ ପ୍ରସଂଗ ପହଞ୍ଚିଛି। ପୂର୍ବତନ ବିଧାୟକ ଦୀପାଳି ଦାସ ହାଇକୋର୍ଟରେ ନିର୍ବାଚନୀ ମୋକଦ୍ଦମା ରୁଜୁ କରିଛନ୍ତି। ଝାରସୁଗୁଡ଼ା ଆସନରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିବା ବିଜେପି ପ୍ରାର୍ଥୀ ଟଙ୍କଧର ତ୍ରିପାଠୀଙ୍କ ନିର୍ବାଚନ ଅସିଦ୍ଧ ଘୋଷଣା ପାଇଁ ପରାଜିତ ବିଜେଡି ପ୍ରାର୍ଥୀ ଦୀପାଳି ଦାସ ଏହି ମାମଲା ରୁଜୁ କରିଛନ୍ତି।

ନାମାଙ୍କନ ବେଳେ ଶ୍ରୀ ତ୍ରିପାଠୀ ଦାଖଲ କରିଥିବା ସତ୍ୟପାଠ ତ୍ରୁଟିପୂର୍ଣ୍ଣ ଓ ଏଥିରେ ତାଙ୍କ ବିରୋଧରେ ଥିବା ଅପରାଧିକ ମାମଲା ସଂପର୍କିତ ସଂପୂର୍ଣ୍ଣ ତଥ୍ୟ ଉଲ୍ଲେଖ କରାଯାଇ ନାହିଁ। ବୋଲି ଆବେଦନରେ ଦର୍ଶାଯାଇଛି ମିଥ୍ୟା ସତ୍ୟପାଠ ଦେଇଥିବାରୁ ଜନ ପ୍ରତିନିଧି ଆଇନ ଅନୁସାରେ ଶ୍ରୀ ତ୍ରିପାଠୀଙ୍କ ନିର୍ବାଚନ ଅସିଦ୍ଧ ଘୋଷଣା କରାଯାଉ ବୋଲି ଆବେଦନରେ ଉଲ୍ଲେଖ କରାଯାଇଛି।

ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ୯୧୧୦୫ ଖଣ୍ଡ ଭୋଟ ପାଇ ବିଜେପି ପ୍ରାର୍ଥୀ ଶ୍ରୀ ତ୍ରିପାଠୀ ଝାରସୁଗୁଡ଼ା ଆସନରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ଅନ୍ୟପକ୍ଷରେ ୮୯୭୭୨ ଖଣ୍ଡ ଭୋଟ ପାଇ ବିଜେଡି ପ୍ରାର୍ଥୀ ଦିପାଳୀ ଦାସ ଦ୍ୱିତୀୟ ସ୍ଥାନରେ ରହିଥିଲେ।

# ରଥ ଉପରେ ମୋବାଇଲ୍ ନିଷେଧ



ପୁରୀ, ୧୨।୭(ମହାଭାରତ): ଆଡ଼ପ ପହଣ୍ଡି ବେଳେ ଚାରମାଳରେ ବଡ ଠାକୁର ଶ୍ରୀ ବଳଭଦ୍ର ପଡିବା ଘଟଣାରେ ପ୍ରତିକ୍ରିୟା ରଖି ନବନିଯୁକ୍ତ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ କହିଛନ୍ତି ଯେ, ବ୍ୟବସ୍ଥାବଳୀ ଅନୁସାରେ ଯାହା ନୀତିକାନ୍ତି ରହିଛି କିଭଳି ଭାବେ ସଠିକ୍ ସମୟରେ ଏବଂ ସମସ୍ତଙ୍କର ସହଯୋଗରେ ସୁଚାରୁ ରୂପେ ସମ୍ପାଦନ ହେବ ତାହା ଉପରେ ଗୁରୁତ୍ୱ ଦିଆଯିବ। ଜିଲ୍ଲା ପ୍ରଶାସନ ଏବଂ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ନୀତି ଶୃଙ୍ଖଳାକୁ ସର୍ବାଧିକ ଗୁରୁତ୍ୱ ଦିଆଯିବ । ଆମେ ଆଶା କରୁଛୁ ଏନେଇ ସମସ୍ତଙ୍କର ସହଯୋଗ ରହିବ । ଯେଉଁ ସେବକ ମାନେ ବିଶୃଙ୍ଖଳିତ ଆଚରଣ କରିବେ, ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । କିଛି ସେବାୟତ ମୋବାଇଲ୍ ଫୋନ୍ ନେଇ ରଥ ଉପରକୁ ଯାଉଛନ୍ତି ଯେଉଁମାନେ ସେବା ଅଧିକୃତ ନୁହଁନ୍ତି । ଆଗକୁ ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଆମେ ସମ୍ପୃକ୍ତ ନିଯୋଗ ସହିତ କଥା ହୋଇଛୁ । ଆଶା କରିବୁ ସମସ୍ତେ ଏଥିରେ ସହଯୋଗ କରିବେ । ଯଦ୍ଦ୍ୱାରାକି ଆମ ସଂସ୍କୃତିର ପ୍ରଚାର ପ୍ରସାର ପରିବର୍ତ୍ତେ କୌଣସି ପ୍ରକାର ନିନ୍ଦା ଅପବାଦ ଆଣିବେ ନାହିଁ । ସମ୍ପୃକ୍ତ ନିଯୋଗ ମାନଙ୍କ ସହିତ ଆଜି ସଂନ୍ଧ୍ୟାରେ ବୈଠକ ଅନୁଷ୍ଠିତ ହେବ। ଏନେଇ ଅଧିକ ସୂଚନା ଦେଇ ଶ୍ରୀ ପାଢୀ କହିଛନ୍ତି ଯେ, ଏ ବାବଦରେ ସମସ୍ତ ସେବକଙ୍କ ସହିତ କଥା ହେବୁ ଏବଂ ଏଥିରେ ସମସ୍ତଙ୍କର ସହଯୋଗ ରହିବ ବୋଲି ଆମେ ଆଶା କରୁଛୁ । ସେବକ ମାନେ ଏଥିରେ ସହୟତା କରିବେ ବୋଲି ଆମକୁ ପ୍ରତିଶ୍ରୁତି ଦେଇଛନ୍ତି । ପହଣ୍ଡି ବେଳେ ଯେଉଁ ଅଘଟଣ ଘଟିଲା ସେଥିପାଇଁ ଆମେ ଠାକୁରଙ୍କ ନିକଟରେ କ୍ଷମା ପ୍ରାର୍ଥନା କରୁଛୁ । ଏବେ ପରିଚାଳନା କମିଟିର ଯାହା ସୂଚନା ଅନୁସାରେ ଏବଂ ଯେଉଁ ନିଷ୍ପତି ନିଆଯାଇଛି, ସେହି ଅନୁସାରେ ମଧ୍ୟ ଏକ କମିଟି ଗଠନ କରାଯାଇଛି। କମିଟିର ରିପୋର୍ଟ ଆସିବା ଯାଏଁ ଆମେ ନିଶ୍ଚିତ ଭାବେ ଅପେକ୍ଷା କରିବୁ । ଏବଂ ଏଭଳି ଘଟଣାର ଯେଭଳି ପୁନରାବୃତି ନହୁଏ, ସେଥି ନିମନ୍ତେ ଶ୍ରୀମନ୍ଦିର ପ୍ରଶାସନ ନିଶ୍ଚିତ ଭାବେ ଧ୍ୟାନ ଦେବ। ବାହୁଡ଼ା ପହଣ୍ଡି ଏବଂ ନୀଳାଦ୍ରି ବିଜେ ପହଣ୍ଡି ଏବଂ ଆଗକୁ ଶ୍ରୀଜୀଉଙ୍କ ଯାହା ବି ନୀତିକାନ୍ତି ରହିଛି, ସେସବୁ ସୁରୁଖୁରୁରେ ସମ୍ପାଦିତ ହେଉ ବୋଲି ଆମେ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରୁଛୁ । ଆଗକୁ ରଥ ଉପରେ କେହି ମୋବାଇଲ ଫୋନ୍ ର ବ୍ୟବହାର କରିପାରିବେ ନାହିଁ । ଫଟୋ ଉଠାଇ ପାରିବେ ନାହିଁ । ଆମେ ଏନେଇ ସେବକ ମାନଙ୍କୁ ନିବେଦନ କରିଛୁ, ପରାମର୍ଶ ଦେଇଛୁ । ଯେଉଁ ସେବକ ମାନଙ୍କର କୌଣସି ସେବା ନାହିଁ ସେମାନେ ରଥ ଉପରକୁ ଯିବେ ନାହିଁ।

ପ୍ରକାଶ ଥାଉକି, ମଙ୍ଗଳବାର ରାତିରେ ଆଡ଼ପ ପହଣ୍ଡି ବେଳେ ଘଟିଥିଲା ଏହି ଅଘଟଣ । ଚାରମାଳରେ ଆଗକୁ ଝୁଙ୍କି ପଡିଥିଲେ ବଡ ଠାକୁର ଶ୍ରୀ ବଳଭଦ୍ର । ଫଳରେ ଜଣେ ଦଇତାପତିଙ୍କ ସମେତ ଏକାଧିକ ସେବାୟତ ଆହତ ହୋଇଥିଲେ ।

## ୨୫ ଜୁନ ସମ୍ବିଧାନ ହତ୍ୟା ଦିବସ ଘୋଷଣା

**ନୂଆଦିଲ୍ଲୀ, ୧୨।୭(ମହାଭାରତ):** ମୋଦୀ ସରକାର ଜୁନ୍ ୨୫କୁ 'ସମ୍ବିଧାନ ହତ୍ୟା ଦିବସ' ଭାବେ ଘୋଷଣା କରିଛନ୍ତି। ଏ ନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ୧୯୭୫ ଜୁନ୍ ୨୫ରେ ଦେଶରେ ଜରୁରୀକାଳୀନ ପରିସ୍ଥିତି ଲାଗୁ ହୋଇଥିଲା। ନିଜେ ଗୃହମନ୍ତ୍ରୀ ଅମିତ ଶାହ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଜୁନ୍ ୨୫କୁ ସମ୍ବିଧାନ ହତ୍ୟା ଦିବସ ଭାବେ ଘୋଷଣା କରିବା ନେଇ ସୂଚନା ଦେଇଛନ୍ତି।

ଗୃହମନ୍ତ୍ରୀ ଅମିତ ଶାହା ତାଙ୍କ ପୋଷ୍ଟରେ ଲେଖିଛନ୍ତି, ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ନେଇଥିବା ଏହି ନିଷ୍ପତ୍ତିର ଉଦ୍ଦେଶ୍ୟ ଲକ୍ଷ ଲକ୍ଷ ଲୋକଙ୍କ ସଂଘର୍ଷକୁ ସମ୍ମାନ ଦେବା, ଯେଉଁମାନେ ଏକଛତ୍ରବାଦୀ ସରକାରଙ୍କ ଅଗଣିତ ନିର୍ଯାତନା ଏବଂ ଅତ୍ୟାଚାରର ସମ୍ମୁଖୀନ ହୋଇ ଗଣତନ୍ତ୍ରକୁ ପୁନରୁଦ୍ଧାର କରିବା ପାଇଁ ସଂଗ୍ରାମ କରିଥିଲେ। ଗଣତନ୍ତ୍ରର ସୁରକ୍ଷା ଏବଂ ବ୍ୟକ୍ତିଗତ ସ୍ୱାଧୀନତାର ଅମର ଜ୍ୟୋତିକୁ ପ୍ରତ୍ୟେକ ଭାରତୀୟଙ୍କ ଭିତରେ ବଞ୍ଚାଇ ରଖିବା ପାଇଁ 'ସମ୍ବିଧାନ ହତ୍ୟା ଦିବସ' କାର୍ଯ୍ୟ କରିବ, ଯାହାଫଳରେ ଭବିଷ୍ୟତରେ କଂଗ୍ରେସ ପରି କୌଣସି ଏକଛତ୍ରବାଦୀ ମାନସିକତା ଏହାର ପୁନରାବୃତ୍ତି କରିପାରିବ ନାହିଁ। ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ କାର୍ଯ୍ୟକାଳ ସମୟରେ ୧୯୭୫ ମସିହା ଜୁନ୍ ୨୫ ତାରିଖରେ ସମଗ୍ର ଦେଶରେ ଜରୁରୀକାଳୀନ ପରିସ୍ଥିତି ଲାଗୁ ହୋଇଥିଲା। ତତ୍କାଳୀନ ସରକାରଙ୍କ ଏହି ନିଷ୍ପତ୍ତି ବେଶ ବିବାଦୀୟ ଥିଲା। ଇନ୍ଦିରା ସରକାର ଏହାକୁ କାର୍ଯ୍ୟକାରୀ କରିବାର କାରଣ ଭାବେ ରାଜନୈତିକ ଅସ୍ଥିରତାକୁ ମଧ୍ୟ ଦର୍ଶାଇଥିଲେ।

## ଶକ୍ତି ପରୀକ୍ଷାରେ ହାରିଲେ ପ୍ରଚଣ୍ଡ ସରକାର

କାଠମାଣ୍ଡୁ, ୧୨।୭(ମହାଭାରତ): ନେପାଳର ପ୍ରଧାନମନ୍ତ୍ରୀ ପୁଷ୍ପ କମଲ ଦହଲ 'ପ୍ରଚଣ୍ଡ' ପାଇଁ ଶୁକ୍ରବାର ଏକ ଖରାପ ଖବର ଆଣିଛି। ତାଙ୍କ ସରକାର ସଂସଦରେ ଶକ୍ତି ପରୀକ୍ଷାରେ ହାରି ଯାଇଛନ୍ତି। ବର୍ତ୍ତମାନ ତାଙ୍କର ୧୯ ମାସର ସରକାରର ପତନ ଘଟିଛି। ଏବେ ତାଙ୍କୁ ଇସ୍ତଫା ଦେବାକୁ ପଡିବ।



ବାସ୍ତବରେ ପୂର୍ବତନ ପ୍ରଧାନମନ୍ତ୍ରୀ କେ.ପି ଶର୍ମା ଓଲିଙ୍କ ନେତୃତ୍ୱରେ ସିପିଏନ୍-ୟୁଏମ୍ଏଲ୍ ମିଳିତ ମଞ୍ଚ ସରକାରଙ୍କଠାରୁ ସମର୍ଥନ ପ୍ରତ୍ୟାହାର କରିବା ପରେ ପ୍ରଚଣ୍ଡ ଏକ ବିଶ୍ୱାସ ଭୋଟର ସମ୍ମୁଖୀନ ହେବାକୁ ବାଧ୍ୟ ହୋଇଥିଲେ। କମ୍ୟୁନିଷ୍ଟ ପାର୍ଟି ନେତା କେ.ପି ଓଲି ନୂତନ ପ୍ରଧାନମନ୍ତ୍ରୀ ହେବେ ବୋଲି କୁହାଯାଉଛି। ୨୫ ଡିସେମ୍ବର ୨୦୨୨ରେ ପ୍ରଧାନମନ୍ତ୍ରୀ ପଦ ଗ୍ରହଣ କରିବାର ଦେ ବର୍ଷ ମଧ୍ୟରେ ପ୍ରଚଣ୍ଡଙ୍କ ପାଇଁ ଏହା ହେଉଛି ପଞ୍ଚମ ବିଶ୍ୱାସ ଭୋଟ। ବିଶ୍ୱାସ ଭୋଟ୍ ପାଇବା ପାଇଁ ତାଙ୍କୁ ୨୭୫ ସଦସ୍ୟ ବିଶିଷ୍ଟ ସଂସଦରେ ଅତି କମରେ ୧୩୮ ଭୋଟର ଆବଶ୍ୟକତା ଥିଲା। କିନ୍ତୁ ଏହା ହୋଇପାରିଲା ନାହିଁ।

ବର୍ତ୍ତମାନ ନେପାଳ କଂଗ୍ରେସର ୮୯ ଟି ସିଟ୍ ଥିବାବେଳେ ସିପିଏନ୍-ୟୁଏମ୍ଏଲ୍ ୭୮ ଟି ସିଟ୍ ରହିଛି। ସେମାନଙ୍କର ମିଳିତ ଶକ୍ତି ହେଉଛି ୧୬୭ ଯାହା ଲୋୟର ହାଉସରେ ସଂଖ୍ୟାଗରିଷ୍ଠତା ପାଇଁ ଆବଶ୍ୟକ ୧୩୮ ସିଟ୍ ଠାରୁ ବହୁତ ଅଧିକ। ନେପାଳର ପ୍ରଚଣ୍ଡଙ୍କର କମ୍ୟୁନିଷ୍ଟ ପାର୍ଟି (ମାଓବାଦୀ କେନ୍ଦ୍ର) ୩୨ଟି ଆସନ ପାଇଛି। ନେପାଳୀ କଂଗ୍ରେସ ସଭାପତି ଶେର ବାହାଦୁର ଦେଓବା ଓଲିଙ୍କୁ ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ଭାବରେ ସମର୍ଥନ କରିସାରିଛନ୍ତି। ଜାତୀୟ ସ୍ୱାର୍ଥର ସୁରକ୍ଷା ତଥା ନେପାଳକୁ ସମୃଦ୍ଧ ତଥା ନେପାଳବାସୀଙ୍କୁ ଖୁସି କରିବା ପାଇଁ ସମ୍ବିଧାନରେ ସଂଶୋଧନ କରିବାର ଆବଶ୍ୟକତା ଉପରେ ଉଭୟ ପକ୍ଷ ସହମତ ହୋଇଥିବା କହିଛନ୍ତି।

## ଜୁଲାଇ ୧୯ ଯାଏଁ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୧୨।୭(ମହାଭାରତ): ଆସନ୍ତାକାଲି ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବ ଏହାର ପ୍ରଭାବରେ ରାଜ୍ୟରେ ବର୍ଷାର ପରିମାଣ ବଢିବା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ କରିଛି ଆସନ୍ତା ୧୯ ତାରିଖ ଯାଏଁ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ସମ୍ଭାବନା ରହିଛି ପାଣିପାଗ କେନ୍ଦ୍ର ଜୁଲାଇ ୧୩ ତାରିଖ ପାଇଁ ୮ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ସେଗୁଡ଼ିକ ହେଲା ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, ଗଜପତି, ଗଞ୍ଜାମ, ମୟୂରଭଞ୍ଜ ଓ କେନ୍ଦୁଝର।

ସେପଟେ ୨୮ ପ୍ରତିଶତ କମ୍ ବର୍ଷା ହୋଇପାରେ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି ପାଣିପାଗ ବିଭାଗ ଆସନ୍ତ ୩ ଘଣ୍ଟା ପାଇଁ ୧୨ ଜିଲ୍ଲା ସହ ଭୁବନେଶ୍ୱରକୁ ୟେଲୋ ାର୍ଣ୍ଣିଂ ଜାରିଛି। ଆସନ୍ତା ୩ ଘଣ୍ଟା ମଧ୍ୟରେ ୧୨ ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ମଧ୍ୟମଧରଣର ବର୍ଷା ହୋଇପାରେ।

## ବଜେଟ୍ ପାଇଁ ମତାମତ ନେଲେ ରାଜ୍ୟ ସରକାର

### ୧୨ହଜାର ଲୋକଙ୍କ ଓ ୨୫ ଅର୍ଥନୈତିକ ବିଶେଷଜ୍ଞ ଦେଇଛନ୍ତି ମୂଲ୍ୟବାନ ମତାମତ ଓ ପ୍ରସ୍ତାବ

ଭୁବନେଶ୍ୱର, ୧୨।୭(ମହାଭାରତ): ବଜେଟକୁ ନେଇ ଶେଷ ହେଲା ସରକାରଙ୍କ ବୈଠକ ଶେଷ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଚଳିତ ବଜେଟ ପ୍ରସ୍ତୁତି ପାଇଁ ବୈଠକ ହୋଇଯାଇଛି । ବୈଠକ ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ମୁଖ୍ୟମନ୍ତ୍ରୀଚ଼ହିଛନ୍ତି, ଆସନ୍ତା ୨୫ ତାରିଖରେ ୨୦୨୪ ବର୍ଷ ପାଇଁ ବଜେଟ୍ ଉପସ୍ଥାପନ ହେବ। ସମସ୍ତଙ୍କ ଆଶା, ଆକାଂକ୍ଷାକୁ ପ୍ରତିଫଳନ କରିବ ଚଳିତ ବଜେଟ୍ । ଲୋକଙ୍କର ସରକାର ଭାବେ ଲୋକଙ୍କ ମତାମତକୁ ଅଗ୍ରାଧିକାର ଦିଆଯାଇ ଆସୁଅଛି।



ଆଜି ଲୋକସେବା ଭବନର କନ୍‌ଭେନ୍‌ସନ୍ ହଲ୍ ଠାରେ ଆୟୋଜିତ ପ୍ରାକ୍ ବଜେଟ୍ ଆଲୋଚନାରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଏହି ବୈଠକରେ ବିଭିନ୍ନ ନାଗରିକ ସମାଜ, ବିଶେଷଜ୍ଞ ଓ ବିଭିନ୍ନ କ୍ଷେତ୍ରର ପ୍ରତିନିଧିଙ୍କ ସହିତ ମୁଖ୍ୟମନ୍ତ୍ରୀ ଆଲୋଚନା କରିଥିଲେ। ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ସହିତ ଦୁଇ ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏବଂ ଶ୍ରୀମତୀ ପ୍ରଭାତୀ ପରିଡ଼ା, ଅର୍ଥ ବିଭାଗର ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ଏବଂ ଅର୍ଥ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ଏଥିରେ ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡାଇ, ପଞ୍ଚାନନ କାନୁନଗୋ, ଶଶୀଭୂଷଣ ବେହେରା, ପୂର୍ବତନ ଅର୍ଥ ସଚିବ ଗଣ, ଆରବିଆଇର ଆଞ୍ଚଳିକ ନିର୍ଦ୍ଦେଶକ, ନାବାର୍ଡ ଜେନେରାଲ ମ୍ୟାନେଜର ପ୍ରମୁଖ ବିଭିନ୍ନ କ୍ଷେତ୍ରର ପ୍ରାୟ ୨୬ ଜଣ ବିଶିଷ୍ଟ ବ୍ୟକ୍ତି ସେମାନଙ୍କ ମତାମତ ଦେଇଥିଲେ। ବୈଠକ ପରେ ଗଣମାଧ୍ୟମକୁ ନିଜର ବିବୃତି ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ ଆପଣମାନେ ଜାଣନ୍ତି ଆମ ସରକାର ପ୍ରଥମରୁ ହିଁ ଲୋକଙ୍କ ସରକାର ଭାବରେ ସାଧାରଣ ଜନତାଙ୍କ ମତାମତକୁ ଗୁରୁତ୍ୱ ଦେଇ ଆସୁଛି।

ବଜେଟ୍ ପାଇଁ ୧୨ ହଜାରରୁ ଅଧିକ ଲୋକ ସେମାନଙ୍କ ମତାମତ ଓ ପ୍ରସ୍ତାବ ଅନଲାଇନ୍ ହ୍ୱାଟ୍ସ ଆପ ଜରିଆରେ ଦେଇଛନ୍ତି। ଯାହାକି ପୂର୍ବ ବର୍ଷ ତୁଳନାରେ ୬ଗୁଣା ଅଧିକ। ମୁଖ୍ୟମନ୍ତ୍ରୀ କହିଛନ୍ତି ଏହା ଲୋକଙ୍କ ସରକାର। ରାଜ୍ୟର ପ୍ରାୟ ସମସ୍ତ ବର୍ଗର ଲୋକଙ୍କ ସହିତ ଆଲୋଚନା କରିଛନ୍ତି ସରକାର। ବଜେଟ ପ୍ରସ୍ତୁତିରେ ଲୋକଙ୍କ ମତାମତକୁ ଗୁରୁତ୍ୱ ଦିଆଯିବ। ପ୍ରି ବଜେଟରେ କ୍ରୀଡା ସହିତ ପର୍ଯ୍ୟଟନକୁ ଅଧିକ ଗୁରୁତ୍ୱ ଦିଆଯାଇଥିବା କୁହାଯାଉଛି। ତାସହ କେମିତି ବ୍ୟବସାୟୀମାନଙ୍କ ଉନ୍ନତି ହେବ, ଋଷୀଙ୍କର କିଭଳି ଉନ୍ନତି ହେବ, ସେନେଇ ବଜେଟରେ ଗୁରୁତ୍ୱ ଦିଆଯିବ। ଯାହା ପୁବ ବର୍ଷ ତୁଳନାରେ ୬ଗୁଣ ଅଧିକ ରହିଛି। ଲୋକଙ୍କ ଏପରି ବ୍ୟାପକ ଅଂଶଗ୍ରହଣ ଆମ ପାଇଁ ଉତ୍ସାହଜନକ ରହିଛି। ଆଜି ମଧ୍ୟ ଏହି ପ୍ରି ବଜେଟରେ ପାଖାପାଖି ପ୍ରାୟ ୨୧୫୦ରୁ ଅଧିକ ଲୋକେ ଉପସ୍ଥିତ ଥିଲେ। ସେମାନଙ୍କ ମଧ୍ୟରେ ସମାଜରେ ବିଭିନ୍ନ ବର୍ଗର ଲୋକ ଉପସ୍ଥିତ ରହିଥିଲେ। ଯେଉଁମାନେ ଓଡିଶାର ଅନେକ ଭବିଷ୍ୟତ କଥା ଚିନ୍ତା କରନ୍ତି। ମତାମତ ଦେବା ପରେ ସେମାନଙ୍କ ମଧ୍ୟରେ ୨୬ଜଣ ତାଙ୍କର ଅତି ମୂଲ୍ୟବାନ ମତାମତ ଦେବା ସହ ଲିଖିତ ଆକାରରେ ମତାମତ ଦେଇଛନ୍ତି। ସେମାନଙ୍କର ମତାମତକୁ ଆଉ ପ୍ରସ୍ତାବକୁ ମଧ୍ୟ ଆମ ବିଭାଗ ତରଫରୁ ଲିପିବଦ୍ଧ କରାଯାଇଛି। ସେ ମତାମତକୁ ବିଚାର କରି ଆମେ ଆଗାମୀ ବଜେଟ ଦିନରେ ଉପସ୍ଥାପନ କରିବୁ । ଆଗାମୀ ଦିନରେ ଓଡିଶାକୁ ନୂଆ ଓଡିଶା ଗଠନ କରିବାରେ ସହାୟକ ହେବ। ବହୁ ପରିମାଣରେ ମତ ଦେଇଛନ୍ତି।

## ଲାଞ୍ଚ ନେଇ ଗିରଫ ହେଲେ ଯୋଗାଣ ଅଧିକାରୀ



ବଲାଙ୍ଗୀର, ୧୨।୭(ନି.ପ୍ର.): ଯୋଗାଣ ଅଧିକାରୀ ଲାଞ୍ଚ ନେଉଥିବାବେଳେ ମାଡ଼ିବସିଲା ଭିଜିଲାନ୍ସ ବିଭାଗ। ବଲାଙ୍ଗିର ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ପ୍ରଭାକର ପାତ୍ର ୫୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଗିରଫ ହୋଇଛନ୍ତି। ସରକାରୀ କାର୍ଯ୍ୟାଳୟରୁ ତାଙ୍କୁ ଗିରଫ କରିଛି ଭିଜିଲାନ୍ସ ବିଭାଗ।

ବଲାଙ୍ଗିର ଜିଲ୍ଲା ତୁଷୁରାର ଜଣେ ରାଇସ ମିଲ୍ ମାଲିକ ଆଶିଷ କୁମାର ଶର୍ମାଙ୍କଠାରୁ ପଚଶ ହଜାର ଟଙ୍କା ଲାଞ୍ଚ ନେଉଥିଲେ ଯୋଗାଣ ଅଧିକାରୀ ପ୍ରଭାକର ପାତ୍ର। ପୂର୍ବ ଯୋଜନା ଅନୁସାରେ ସମ୍ବଲପୁର, ସୋନପୁର ଓ ବଲାଙ୍ଗିର ଭିଜିଲାନ୍ସ ବିଭାଗ ମାଡ଼ିବସିଥିଲା। ଗିରଫ ପ୍ରଭାକର ପାତ୍ରଙ୍କୁ ଠାରୁ ଲାଞ୍ଚ ଟଙ୍କା ଜବତ ହୋଇଛି। ଏହାପରେ ତାଙ୍କ ବଲାଙ୍ଗିର ସାଲେପାଲିଠାରେ ଥିବା ଘର ଓ ଅନ୍ୟାନ୍ୟ ସ୍ଥାନରେ ଚଢ଼ାଉ କରାଯାଇଛି।

## ବିବାହ ପରେ ଓଡ଼ିଶା କ୍ୟାଡ଼ରକୁ ଆସିଲେ ପଶ୍ଚିମବଙ୍ଗର ୨ ଆଇପିଏସ୍

ଭୁବନେଶ୍ୱର, ୧୨।୭(ମହାଭାରତ): ଓଡ଼ିଶା କ୍ୟାଡ଼ରର ଆଇପିଏସଙ୍କୁ ଜୀବନସାଥୀ କରିବା ପରେ ପଶ୍ଚିମବଙ୍ଗ କ୍ୟାଡ଼ର ଛାଡ଼ିଛନ୍ତି ୨ଜଣ ଆଇପିଏସ୍ । ଆଉ କେନ୍ଦ୍ର ସରକାରଙ୍କ ଅନୁମତି ପରେ ଆନୁଷ୍ଠାନିକ ଭାବେ ଓଡ଼ିଶା କ୍ୟାଡ଼ରରେ ଯୋଗ ଦେଇଛନ୍ତି। ମୟୂରଭଞ୍ଜ ଜିଲ୍ଲା ଏସପି ଏସ.ସୁଶ୍ରୀ ଓ ନୂଆପଡ଼ା ଏସଡିପିଓ ଅମ୍ରିତ ସିଂଙ୍କୁ ବିବାହ କରିଥିବାରୁ ପଶ୍ଚିମବଙ୍ଗ କ୍ୟାଡ଼ରର ଆଇପିଏସ୍ ୨୦୧୮ ବ୍ୟାଚର ଡି.ନାଗରାଜ ଓ ୨୦୨୧ ବ୍ୟାଚ ଆଇପିଏସ୍ ଅମ୍ରିତପାଲ କୌରଙ୍କୁ ଓଡ଼ିଶା କ୍ୟାଡ଼ରକୁ ପରିବର୍ତ୍ତନ ନିମନ୍ତେ ଅନୁମତି ମିଳିଛି।



ସୂଚନା ଅନୁସାରେ, ମୟୂରଭଞ୍ଜ ଜିଲ୍ଲା ପୁଲିସ ଏସପି ଭାବେ କାର୍ଯ୍ୟରତ ୨୦୧୮ ବ୍ୟାଚ୍ ଆଇପିଏସ୍ ଏସ.ସୁଶ୍ରୀଙ୍କ ସ୍ୱାମୀ ଡି.ନାଗରାଜ ନିଜର ମୂଳ କ୍ୟାଡ଼ର ପଶ୍ଚିମବଙ୍ଗକୁ ଛାଡ଼ି ଓଡ଼ିଶା କ୍ୟାଡ଼ରକୁ ବାଛିଛନ୍ତି। ଏଥିପାଇଁ କେନ୍ଦ୍ର ସରକାର ମଧ୍ୟ ଗତକାଲି ଅନୁମତି ଦେବା ସହ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ଶ୍ରୀ ନାଗରାଜ ୨୦୧୮ ବ୍ୟାଚର ପଶ୍ଚିମବଙ୍ଗ କ୍ୟାଡ଼ରର ଆଇପିଏସ୍ ଉଭୟ ସୁଶ୍ରୀ ଓ ନାଗରାଜଙ୍କ ଘର କେରଳରେ ଏବଂ ସେମାନେ ଗତବର୍ଷ ବିବାହ କରିଥିଲେ । ସେହିପରି ଏବେ ନୂଆପଡ଼ା ଏସଡିପିଓ ଭାବେ କାର୍ଯ୍ୟରତ ୨୦୨୧ ବ୍ୟାଚ୍ ଆଇପିଏସ୍ ଅମ୍ରିତପାଲ ସିଂଙ୍କ ପତ୍ନୀ ଅମ୍ରିତପାଲ କୌର ନିଜର ମୂଳ କ୍ୟାଡ଼ର ପଶ୍ଚିମବଙ୍ଗ ଛାଡ଼ି ଓଡ଼ିଶା କ୍ୟାଡ଼ରକୁ ବାଛିଛନ୍ତି। କେନ୍ଦ୍ର ସରକାର ତାଙ୍କୁ ଅନୁମତି ଦେବା ପରେ ସେ ବିଧିବଦ୍ଧ ଭାବେ ଓଡ଼ିଶାରେ ଯୋଗ ଦେଇ ଏବେ ବଲାଙ୍ଗୀର ଜିଲ୍ଲା ଅତିରିକ୍ତ ଏସପି ଭାବେ କାର୍ଯ୍ୟ କରୁଥିବା ଜଣାପଡ଼ିଛି।

## ହଷ୍ଟେଲରେ ଝୁଲି ପଡ଼ିଲେ + ୩ ଛାତ୍ର

ସୋନପୁର, ୧୨।୭(ମହାଭାରତ): ହଷ୍ଟେଲରେ କାହିଁକି ଝୁଲି ପଡ଼ିଲେ କଲେଜ ଛାତ୍ର ? ଆତ୍ମହତ୍ୟାର କାରଣ ଜଣାପଡ଼ିନଥିବା ବେଳେ ପ୍ରେମ ପାଇଁ ଝୁଲିପଡ଼ିଥିବା ଅଭିଯୋଗ ହେଉଛି। ଏପରି ହୃଦୟବିଦାରକ ଘଟଣା ସୁବର୍ଣ୍ଣପୁରରେ ଘଟିଛି। ଏନେଇ ଅଭିଯୋଗ ହେବା ପରେ ପୁଲିସ୍ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ ଚଳାଇଛି।

ସୋନପୁର ମହାବିଦ୍ୟାଳୟର ଯୁକ୍ତ ତିନି ଶେଷ ବର୍ଷର ଛାତ୍ର ହେଉଛନ୍ତି ରୁତୁରାଜ ସା। ତାଙ୍କ ଘର ବିନିକା ବ୍ଲକ କଣ୍ଟାପାଲି ଗାଁରେ। କିନ୍ତୁ ସେ ପଟାଭାଡି ସ୍ଥିତ ଭଡା ଘରେ ରହି ପାଠ ପଢୁଥିଲେ। ଗୁରୁବାର ମହାବିଦ୍ୟାଳୟର ଶେଷ ବର୍ଷର ଛାତ୍ରଛାତ୍ରୀଙ୍କ ବିଦାୟକାଳୀନ ଉତ୍ସବ ଥିବାରୁ ସେଥିରେ ସେ ଯୋଗଦେଇଥିଲେ। ବିଦାୟ କାଳୀନ ଉତ୍ସବ ସରିବା ପରେ ସେ ରୁମକୁ ଚାଲି ଯାଇଥିଲେ। ସାଥୀଙ୍କ କହିବା ଅନୁସାରେ ସେ ରାତିରେ ଶୀଘ୍ର ଶୋଇ ପଡ଼ିଥିଲେ। ହେଲେ ଆଜି ସକାଳେ ଦୀର୍ଘ ସମୟ ପର୍ଯ୍ୟନ୍ତ ରୁତୁରାଜଙ୍କ ରୁମର କବାଟ ଖୋଲିନଥିଲା। ତେଣୁ ତାଙ୍କ ପାଖକୁ ଫୋନ୍ କରିଥିଲେ ସହପାଠୀ। ହେଲେ ସେ ଫୋନ ରିସିଭ୍ କରିନଥିଲେ।

## କେଜ୍ରିୱାଲଙ୍କୁ ସୁପ୍ରିମକୋର୍ଟରୁ ମିଳିଲା ଅନ୍ତରୀଣ ଜାମିନ

ନୂଆଦିଲ୍ଲୀ, ୧୨।୭(ଏଜେନ୍ସି): ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ସୁପ୍ରିମକୋର୍ଟରୁ ମିଳିଛି ଆଶ୍ୱସ୍ତି। ଆଜି ସୁପ୍ରିମକୋର୍ଟ ତାଙ୍କୁ ଅନ୍ତରୀଣ ଜାମିନ ଦେଇଛନ୍ତି। ଦିଲ୍ଲୀ ଅବକାରୀ ନୀତିରେ ଅର୍ଥ ହେରଫେର ମାମଲାରେ ଜାମିନ ଦେଇଛନ୍ତି ସର୍ବୋଚ୍ଚ ଅଦାଲତ।

ଇଡି ଗିରଫଦାରୀ ବିରୁଦ୍ଧରେ ସର୍ବୋଚ୍ଚ ଅଦାଲତରେ ଦ୍ୱାରସ୍ଥ ହୋଇଥିଲେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ କେଜ୍ରିୱାଲ। ଏହି ମାମଲାର ଶୁଣାଣି କରି ରାୟ ସଂରକ୍ଷିତ ରଖିଥିଲେ। ଜଷ୍ଟିସ ସଞ୍ଜୀବ ଖାନ୍ନା ଏବଂ ଦୀପଙ୍କର ଦତ୍ତଙ୍କୁ ନେଇ ଗଠିତ ଖଣ୍ଡପୀଠ ଆଜି ରାୟ ପ୍ରକାଶ କରି କେଜ୍ରିୱାଲଙ୍କୁ ଅନ୍ତରୀଣ ଜାମିନ ଦେଇଛନ୍ତି। ଏଥିସହ ଇଡି ଗିରଫଦାରୀକୁ ବିରୋଧ କରି କେଜ୍ରିୱାଲ କରିଥିବା ଆବେଦନକୁ ବୃହତ୍ତ ଖଣ୍ଡପୀଠକୁ ପଠାଇଛନ୍ତି।

ପ୍ରକାଶ ଥାଉକି, ଏହି ମାମଲାରେ ଦିଲ୍ଲୀର ରାଉଜ ଆଭେନ୍ୟୁ କୋର୍ଟ କେଜ୍ରିୱାଲଙ୍କୁ ଜାମିନ ଦେଇଥିଲା। କିନ୍ତୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଏହାକୁ ଚ୍ୟାଲେଞ୍ଜ କରି ଦିଲ୍ଲୀ ହାଇକୋର୍ଟରେ ଦ୍ୱାରସ୍ଥ ହୋଇଥିଲା। ଦିଲ୍ଲୀ ହାଇକୋର୍ଟ ଏହି ମାମଲା ଉପରେ ବିଚାର କରି କେଜ୍ରିୱାଲଙ୍କ ଜାମିନକୁ ସ୍ଥଗିତ ରଖିଥିଲେ। ଏହାପରେ ସେ ସୁପ୍ରିମକୋର୍ଟରେ ପହଞ୍ଚିଥିଲେ। ଆଜି ସୁପ୍ରିମକୋର୍ଟ ମାମଲାର ଶୁଣାଣି କରି କେଜ୍ରିୱାଲଙ୍କୁ ଅନ୍ତରୀଣ ଜାମିନ ଦେଇଛନ୍ତି। ସେପଟେ ଏହି ମାମଲାରେ ସିବିଆଇ ମଧ୍ୟ କେଜ୍ରିୱାଲଙ୍କୁ ଗିରଫ କରିଛି। ତିହାର ଜେଲରୁ କେଜ୍ରିୱାଲଙ୍କୁ



ଗିରଫ କରିବା ପରେ ଜୁଲାଇ ୧୨ ପର୍ଯ୍ୟନ୍ତ ନ୍ୟାୟିକ ହେପାଜତକୁ ନେଇଥିଲା ସିବିଆଇ। ତେଣୁ କେଜ୍ରିୱାଲଙ୍କୁ ସୁପ୍ରିମକୋର୍ଟରୁ ଜାମିନ ମିଳିଥିଲେ ମଧ୍ୟ ସେ ଜେଲରେ ରହିବେ।

ସୁପ୍ରିମକୋର୍ଟ କହିଛନ୍ତି, ଅରବିନ୍ଦ କେଜ୍ରିୱାଲ ଜଣେ ନିର୍ବାଚିତ ନେତା ଓ ଦିଲ୍ଲୀର ମୁଖ୍ୟମନ୍ତ୍ରୀ। ଏହି ପଦବୀ ବେଶ ଗୁରୁତ୍ୱପୂର୍ଣ୍ଣ ଓ ଏହାର ପ୍ରଭାବ ମଧ୍ୟ ରହିଛି। ଆମେ କୌଣସି ନିର୍ଦ୍ଦେଶ ଦେଉ ନାହୁଁ। ଏଥିସହ ଜଣେ ନିର୍ବାଚିତ ପ୍ରତିନିଧିଙ୍କୁ ପଦ ଛାଡ଼ିବାକୁ କୋର୍ଟ କହିପାରିବେ କି ନାହିଁ, ତା'କୁ ନେଇ ମଧ୍ୟ ଆମେ ଦ୍ୱନ୍ଦ୍ୱରେ ରହିଛୁ। ନିର୍ବାଚିତ ପ୍ରତିନିଧି ମୁଖ୍ୟମନ୍ତ୍ରୀ କିମ୍ବା ମନ୍ତ୍ରୀ ଭାବେ କାମ କରିପାରିବେ ନାହିଁ ବୋଲି ଆମେ କହିପାରିବୁ ନାହିଁ। କିନ୍ତୁ ଆମେ ଅରବିନ୍ଦ କେଜ୍ରିୱାଲଙ୍କ ଉପରେ ଏହାର ନିଷ୍ପତ୍ତି ଛାଡୁଛୁ।

## ନୀଳଚକ୍ରରେ ଲାଗିଲା ପତିତପାବନ ବାନା

ପୁରୀ, ୧୨।୭: ମହାପ୍ରଭୁଙ୍କ ଗୁଣ୍ଡିଚାଯାତ୍ରା ଭିତରେ ଗୋଟିଏ ପରେ ଗୋଟିଏ ନିତି ବିଭ୍ରାଟ ଘଟଣା ପଦାରେ ପଡିଛି । ପ୍ରତିଦିନ ସଂଧ୍ୟାରେ ନୀଳଚକ୍ରରେ ପତିତପାବନ ବାନା ଲାଗିଥାଏ। କିନ୍ତୁ ଆଜି ଦଇତା-ଚୁନରା ସେବକଙ୍କ ମଧ୍ୟରେ ବିବାଦ ଯୋଗୁଁ ଶ୍ରୀମନ୍ଦିରରେ ଲାଗିପାରି ନ ଥିଲା। ପତିତପାବନ ବାନା ଯାହାକୁ ନେଇ ଏବେ ଭକ୍ତଙ୍କ ମହଲରେ ଦେଖାଦେଇଥିଲା। ଅସନ୍ତୋଷ ଶେଷରେ ଜିଲାପାଳଙ୍କ ନିର୍ଦ୍ଦେଶରେ ନୀଳଚକ୍ରରେ ଲାଗିହେଲା ପତିତପାବନ ବାନା । ସୂଚନା ଅନୁସାରେ, ଦଇତାପତି ସେବକ ଏବଂ ଚୁନରା ସେବକଙ୍କ ମଧ୍ୟରେ ବିବାଦ କାରଣରୁ ନୀଳଚକ୍ରରେ ପ୍ରତିଦିନ ସଂଧ୍ୟାରେ ବନ୍ଧାଯାଉଥିବା ବାନା ଆଜି ବନ୍ଧାଯାଇପାରିନାହିଁ। ତେବେ ଏହି ଘଟଣାକୁ ଗୁରୁତର ସହ ନେଇ ନୀଳଚକ୍ରରେ ବାନା ଲଗାଇବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି ।

## ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ବିମ୍ସଟେକ୍ ବିଦେଶ ମନ୍ତ୍ରୀଗଣ

ନୂଆଦିଲ୍ଲୀ, ୧୨।୭(ପିଆଇବି): ବିମ୍ସଟେକ୍ ସଦସ୍ୟ ରାଷ୍ଟ୍ରଗୁଡ଼ିକର ବିଦେଶ ମନ୍ତ୍ରୀମାନେ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ମିଳିତ ଭାବେ ସାକ୍ଷାତ କରିଛନ୍ତି। ଯୋଗାଯୋଗ, ଶକ୍ତି, ବାଣିଜ୍ୟ, ସ୍ୱାସ୍ଥ୍ୟ, କୃଷି, ବିଜ୍ଞାନ, ନିରାପତ୍ତା ଏବଂ ନାଗରିକ ସମ୍ପର୍କ ସମେତ ବିଭିନ୍ନ କ୍ଷେତ୍ରରେ ଆଂଚଳିକ ସହଯୋଗକୁ ଆହୁରି ସୁଦୃଢ଼ କରିବା ପାଇଁ ପ୍ରଧାନମନ୍ତ୍ରୀ ମନ୍ତ୍ରୀ ଗୋଷ୍ଠୀ ସହିତ ଫଳପ୍ରଦ ଆଲୋଚନା କରିଥିଲେ । ଆର୍ଥିକ ଓ ସାମାଜିକ ଅଭିବୃଦ୍ଧିର ଇଞ୍ଜିନ୍ ଭାବେ ବିମ୍ସଟେକ୍ ର ଭୂମିକା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ସେ ଏକ ଶାନ୍ତିପୂର୍ଣ୍ଣ, ସମୃଦ୍ଧ, ସ୍ଥିର ଓ ସୁରକ୍ଷିତ ବିମ୍ସଟେକ୍ ଅଂଚଳ ପାଇଁ ଭାରତର ପ୍ରତିବଦ୍ଧତାକୁ ଦୋହରାଇଥିଲେ । ଏଥିସହିତ ଭାରତର ପଡ଼ୋଶୀ ପ୍ରଥମ ଓ ଲୁକ୍ ଇଷ୍ଟ ନୀତି ତଥା ଏହି ଅଂଚଳରେ ସମସ୍ତଙ୍କ ନିରାପତ୍ତା ଓ ଅଭିବୃଦ୍ଧି ପାଇଁ ସାଗର ସଂକଳ୍ପ ଉପରେ ଏହାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ପ୍ରଧାନମନ୍ତ୍ରୀ ସେପ୍ଟେମ୍ବରରେ ଅନୁଷ୍ଠିତ ହେବାକୁ ଥିବା ଆଗାମୀ ବିମ୍ସଟେକ୍ ଶିଖର ସମ୍ମିଳନୀ ପାଇଁ ଥାଇଲାଣ୍ଡକୁ ଭାରତର ସମ୍ପୂର୍ଣ୍ଣ ସମର୍ଥନ ପ୍ରକାଶ କରିଥିଲେ ।

# ଦହି ପୋଦିନା ମାଛ

**ଆବଶ୍ୟକ ସାମଗ୍ରୀ:** ରୋହି ମାଛ-୧ କିଲୋ, ଦହି-୧ କପ୍, ସୋରିଷ ବଟା-୧ କପ୍,୧/୨ ଚାମଚ ହଳଦି ଗୁଣ୍ଡ, ପୋଦିନା ବଟା- ୧କପ୍, ୨ ଚାମଚ କଟା ପିଆଜ, କଞ୍ଚା ଲଙ୍କା ୩ରୁ ୪ଟି, ଖୁଖିଲା ଲଙ୍କା-୩ରୁ ୪ଟି, ସ୍ୱାଦ ଅନୁଯାୟୀ ଲୁଣ ଓ କିଛି ଫୁଟଣ। ପୋଦିନା ପତ୍ର, କଞ୍ଚା ଲଙ୍କା, ଦହି ଓ ରଷୁଣ ମିଶାଇ ପୋଦିନା ପେଷ୍ଟ ତିଆରି କରନ୍ତୁ। ସେହିପରି ସୋରିଷ, ରଷୁଣ ଓ କଞ୍ଚାଲଙ୍କା ମିଶାଇ ସୋରିଷ ବଟା ତିଆରି କରନ୍ତୁ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ମାଛକୁ ଭଲ ଭାବେ ଧୋଇ ଦିଅନ୍ତୁ। ଏହାପରେ ସେଥିରେ ଦହି, ସୋରିଷ ବଟା, ହଳଦି ଗୁଣ୍ଡ, ପୋଦିନା ବଟା, କଟା ପିଆଜ, କଞ୍ଚା ଲଙ୍କା, ୨ରୁ ୩ ଚାମଚ ତେଲ ଓ ସ୍ୱାଦ ଅନୁସାରେ ଲୁଣ ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ଏହାପରେ ଗ୍ୟାସ୍ ଅନ୍ କରି କଡେଇ ବସାନ୍ତୁ। ସେଥିରେ ୩ରୁ ୪ ଚାମଚ ତେଲ ପକାନ୍ତୁ। ତେଣ ଗରମ ହେବା ପରେ ସେଥିରେ ଫୁଟଣ ପକାନ୍ତୁ ଓ ତା'ପରେ ଶୁଖିଲା ଲଙ୍କା ପକାନ୍ତୁ। ଏହାପରେ ମାଛର ମିଶ୍ରଣକୁ ସେଥିରେ ପକାଇ ଅଳ୍ପ ଗୋଳାଇ ଢ଼ାଙ୍କି ଦିଅନ୍ତୁ। ୧୫ରୁ ୨୦ ମିନିଟ୍ ପରେ ପ୍ଲେଟକୁ କାଢ଼ି ଗରମ ଗରମ ପରଷନ୍ତୁ ଦହି ପୋଦିନା ମାଛ।



ଖବର

# କର୍କଟରେ ଲଢୁଥିବା ହିନା କଲେ ଏଭଳି ପୋଷ୍ଟ





ଟେଲିଭିଜନ ଅଭିନେତ୍ରୀ ହିନା ଖାନ ତୃତୀୟ ପର୍ଯ୍ୟାୟ ସ୍ତନ କର୍କଟ ସହିତ ଲଢେଇ କରୁଛନ୍ତି। ଏହି ଖବର ଯେବେ ଠାରୁ ହିନାଙ୍କ ଫ୍ୟାନ୍ସମାନଙ୍କ ପାଖରେ ପହଞ୍ଚିଲାଣି ସମସ୍ତେ ଅଭିନେତ୍ରୀଙ୍କ ଖୁବଶୀଘ୍ର ଆରୋଗ୍ୟ କାମନା କରିଛନ୍ତି। ଏହାକୁ ନେଇ ଅଭିନେତ୍ରୀ ଇନଷ୍ଟାଗ୍ରାମରେ ନିଜର ପ୍ରଶଂସକ ଏବଂ ପ୍ରିୟଜନଙ୍କୁ ଧନ୍ୟବାଦ ଜଣାଇ କହିଛନ୍ତି, 'ସମସ୍ତଙ୍କୁ ନମସ୍କାର। ମୁଁ ବହୁତ ଭାଗ୍ୟଶାଳୀ କି ଆପଣମାନଙ୍କ ଠାରୁ ମୋତେ ଏତେ ଭଲପାଇବା ମିଳୁଛି। ମୁଁ ଜାଣି ପାରୁନାହିଁ କି ମୋର କେଉଁ କାମ ପାଇଁ ଲୋକେମୋତେ ଏତେ ଭଲ ପାଇବା ଦେଉଛନ୍ତି। ମନୋରଞ୍ଜନ ଶିଳ୍ପ ଠାରୁ ଆରମ୍ଭ କରି ସାମ୍ବାଦିକ, ଶିକ୍ଷକ, କର୍ପୋରେଟ୍, ଡାକ୍ତର, ଗୃହିଣୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ଠାରୁ ମୋତେ ଖୁବଭଲ ପାଇବା ମିଳୁଛି। ଏଥିମଧ୍ୟରୁ ଅନେକ ମୋତେ ଜାଣନ୍ତି ବି ନାହିଁ କି ମୁଁ କିଏୟ କିନ୍ତୁ ମୋ ରୋଗ ବିଷୟରେ ଜାଣିବା ପରେ ସେମାନେ ବି ମୋର ଆରୋଗ୍ୟ କାମନା କରିଛନ୍ତି। ଯାହାକି ମୋତେ ଖୁସି କରାଇ ଦେଇଛି।ଆପଣମାନଙ୍କ ଏହି ଭଲପାଇବାକୁ ମୁଁ କେବେ ବି ଭୁଲି ପାରିବି ନାହିଁ। ଏହା ସର୍ବଦା ମୋ ମନରେ ରହିଥିବ। ଆପଣମାନଙ୍କ ଏତେମାତ୍ରାରେ ସ୍ନେହ ଓ ଭଲପାଇବା ଦେଖି ମୋର ଆତ୍ମବିଶ୍ୱାସ ଆହୁରି ବଢ଼ିଯାଇଛି। ମୁଁ ଏ ଯୁଦ୍ଧରେ ନିଶ୍ଚୟ ଜିତିବି। ଆପଣମାନଙ୍କ ପ୍ରାର୍ଥନା ବୃଥା ଯିବ ନାହିଁ। ମୁଁ ସୁସ୍ଥ ହେବି।

# ପ୍ରତିଦିନ କେତେ ପ୍ରୋଟିନ୍ ଖାଇବା ଉଚିତ



ଉତ୍ତମ ସ୍ୱାସ୍ଥ୍ୟ ପାଇଁ, କେବଳ ପୁଷ୍ଟିକର ଖାଦ୍ୟ ନୁହେଁ, ଆମକୁ ଏହା ସହିତ ପ୍ରୋଟିନ୍ ମଧ ନେବାକୁ ପଡିବ। ଆମ ଶରୀର ପାଇଁ ପ୍ରୋଟିନ୍ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଶରୀରର ମାଂସପେଶୀ ସହିତ କୋଷର ବିକାଶ ପାଇଁ ପ୍ରୋଟିନ୍ ମଧ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ଏହାକୁ ସଠିକ୍ ପରିମାଣରେ ନେବା ଆବଶ୍ୟକ କାରଣ କିଛି ଲୋକ ଏହାକୁ ବହୁ ପରିମାଣରେ ଖାଇଥା'ନ୍ତି । ଯାହା ଆମ ଶରୀର ପାଇଁ କ୍ଷତିକାରକ । ତେବେ ଚାଲନ୍ତୁ ଜାଣିବା ଗୋଟିଏ ଦିନରେ କେତେ ପ୍ରୋଟିନ୍ ଖାଇବା ଉଚିତ:

- ବିଶେଷଜ୍ଞଙ୍କ ଅନୁଯାୟୀ, ଶରୀରରେ ଥିବା ପ୍ରୋଟିନ୍ ଆମର ନୂତନ କୋଷଗୁଡ଼ିକର ବୃଦ୍ଧିରେ ସାହାଯ୍ୟ କରେ। ତେଣୁ, ଯେଉଁମାନେ କଠିନ ପରିଶ୍ରମ କରନ୍ତି ନାହିଁ, ସେମାନେ ନିଜ ଶରୀରର ପ୍ରତ୍ୟେକ କିଲୋ ଓଜନ ପାଇଁ ପ୍ରତିଦିନ ୦.୭୫ ଗ୍ରାମ ପ୍ରୋଟିନ୍ ନେବା ଉଚିତ।
- ପ୍ରତିଦିନ ଜଣେ ପୁରୁଷକୁ ଅତି କମରେ ୫୫ ଗ୍ରାମ୍ ଏବଂ ମହିଳାକୁ ୪୫ ଗ୍ରାମ ପ୍ରୋଟିନ୍ ନିଜ ଖାଦ୍ୟରେ ସାମିଲ କରିବା ଉଚିତ।
- ଜଣେ ବ୍ୟକ୍ତିର ଗୋଟିଏ ଦିନରେ ମୋଟ କ୍ୟାଲୋରୀର ୨୦ ରୁ ୩୫ ପ୍ରତିଶତ ପ୍ରୋଟିନ୍ ରହିବା ଉଚିତ।
- ବୃଦ୍ଧମାନଙ୍କୁ ଅଧିକ ପ୍ରୋଟିନ୍ ଆବଶ୍ୟକ ହୋଇଥାଏ, କାରଣ ମଣିଷ ଶରୀରର ମାଂସପେଶୀ ବୃଦ୍ଧ ହେବା ସହିତ ଦୁର୍ବଳ ହେବାକୁ ଲାଗିଥାଏ। ଅନୁସନ୍ଧାନ ଅନୁଯାୟୀ, ବୃଦ୍ଧମାନଙ୍କୁ ଶରୀରର ଓଜନ ଅନୁଯାୟୀ କିଲୋଗ୍ରାମ ପ୍ରତି ୧.୨ ଗ୍ରାମ ପ୍ରୋଟିନ୍ ଗ୍ରହଣ କରିବା ଉଚିତ।

ପ୍ରୋଟିନ୍ କମ୍ ହେବାର ଲକ୍ଷଣ :ଯେତେବେଳେ ଶରୀରରେ ପ୍ରୋଟିନ୍ କମ୍ ହୋଇଥାଏ, ସେତେବେଳେ ଆମେ ଏନର୍ଜୀ କମ୍ ଅନୁଭବ କରିଥାଉ। ଆମେ ଶୀଘ୍ର କ୍ଲାନ୍ତ ଅନୁଭବ କରିଥାଉ । ଏହି ସମୟ ମଧ୍ୟରେ ମଣିଷର କେଶ ମଧ ଝଡିବା ଆରମ୍ଭ କରେ। ଏହା ବ୍ୟତୀତ ନଖ ଦୁର୍ବଳ ହେବା, ଓଜନ ହ୍ରାସ, ଦୁର୍ବଳତା ଏବଂ ମୁଣ୍ଡବିନ୍ଧା ଭଳି ସମସ୍ୟା ହୋଇଥାଏ।

# ଭକ୍ତର ଶୁଖିଲା ଶାଗରେ ସନ୍ତୁଷ୍ଟ ହେଲେ ଭଗବାନ



ମହାଭାରତ ଯୁଦ୍ଧ ସମୟର କଥା । ପାଣ୍ଡବଙ୍କ ପକ୍ଷରୁ ସନ୍ଧି ପ୍ରସ୍ତାବ ନେଇ ଭଗବାନ ଶ୍ରୀକୃଷ୍ଣ କୌରବଙ୍କ ନିକଟକୁ ଆସିଥାନ୍ତି । ମାତ୍ର ଏହି ସନ୍ଧିକୁ ଦୁର୍ଯ୍ୟୋଧନ ସ୍ୱୀକାର କଲା ନାହିଁ । ବାସୁଦେବ ଫେରିଆସିଲେ। ଏହି ସମୟରେ ଧୃତରାଷ୍ଟ୍ର, ଗାନ୍ଧାରୀ ଓ ଦୁର୍ଯ୍ୟୋଧନ ମିଶି ବାସୁଦେବଙ୍କୁ ସେମାନଙ୍କ ରାଜଭବନରେ ଅତିଥି ହେବା ଲାଗି ନିମନ୍ତ୍ରଣ କଲେ। ମାତ୍ର ପାଣ୍ଡବଙ୍କ ଦୂତ ହୋଇ ଆସିଥିବାରୁ ଶ୍ରୀକୃଷ୍ଣ ଏଥିପାଇଁ ମନାକଲେ । ପ୍ରକୃତରେ ସେ ବିଦୂରଙ୍କ ଘରେ ରହିବାକୁ ଚାହୁଁଥିଲେ। କୃଷ୍ଣଙ୍କ ମଧୁର ସ୍ୱର ଶୁଣି ବିଦୂରଙ୍କ ପତ୍ନୀ ଭକ୍ତିରେ ତଲ୍ଲୀନ ହୋଇଗଲେ । କୃଷ୍ଣଙ୍କୁ ଅତିଥି ରୂପେ ପାଇ ସେ ନିଜକୁ ଧନ୍ୟ ମନେ କଲେ। ଶେଷରେ ଖାଇବା ବେଳ ଆସିଲା । ବିଦୂରଙ୍କ ପତ୍ନୀ କଦଳୀ ଚୋପା ଛଡ଼ାଇ ଖାଇବାକୁ ଦେଉଥିଲେ । କୃଷ୍ଣଙ୍କୁ ପାଖରେ ପାଇ ସେ ଏତେମାତ୍ରାରେ ଭକ୍ତିରେ ବିହ୍ୱଳ ହୋଇପଡ଼ିଥିଲେ ଯେ କଦଳୀକୁ ତଳେ ଫିଙ୍ଗି ଦେଇ କୃଷ୍ଣଙ୍କୁ ଚୋପା ଖାଇବାକୁ ଦେଲେ । କୃଷ୍ଣ ମଧ ତାଙ୍କ ଠାରୁ ଚୋପା ଖାଇବାକୁ ଲାଗିଲେ । କୃଷ୍ଣଙ୍କୁ ଶୁଖିଲା ଶାଗ ଖାଇବାକୁ ଦେଇଥିଲେ ବିଦୂରଙ୍କ ପତ୍ନୀ। କିନ୍ତୁ କୃଷ୍ଣ ଯେତେବେଳେ ସେହି ଶାଗକୁ ଧରିଲେ ତାହା ମିଠାରେ ପରିଣତ ହୋଇଗଲା। ଏହାଦେଖି ସମସ୍ତେ ଚକିତ ହୋଇଗଲେ। ପତ୍ନୀ ତାଙ୍କର ଅନ୍ୟମନସ୍କ ଭାବେ ଶ୍ରୀକୃଷ୍ଣଙ୍କୁ ଖାଇବାକୁ ଦେଉଥିବା ଦେଖି ବିଦୂର ଧାଇଁ ଆସିଲେ । କୃଷ୍ଣଙ୍କୁ କଦଳୀ ଖାଇବାକୁ ଦେବା ସହ ପତ୍ନୀଙ୍କ ଭୁଲ ପାଇଁ କ୍ଷମା ମାଗିଲେ । ମାତ୍ର ଭଗବାନ କୃଷ୍ଣ କହିଲେ, ମୋତେ ତ' କଦଳୀ ଚୋପା, ଶୁଖିଲା ଶାଗ ଖାଇବାରେ ହିଁ ଆନନ୍ଦ ମିଳୁଥିଲା । ଆପଣ ଓ ଆପଣଙ୍କ ଧର୍ମପତ୍ନୀଙ୍କ ଭକ୍ତିରେ ମୁଁ ସନ୍ତୁଷ୍ଟ । ସେଥିପାଇଁ ଆପଣ ଅପରାଧବୋଧ କରିବା ଅନୁଚିତ୍ ।

# ସାବଧାନ ! ଥାଇରଏଡ୍ ଥିଲେ ଏହି ସବୁ ଖାଦ୍ୟର ପାଖ ମାଡନ୍ତୁନି



ଥାଇରଏଡ୍ ଏକ ଗ୍ରନ୍ଥି ଜନିତ ସମସ୍ୟା। ଏହି ରୋଗ ପୁରୁଷଙ୍କ ଅପେକ୍ଷା ମହିଳାମାନଙ୍କଠାରେ ଅଧିକ ଦେଖାଯାଏ। ଏକ ସର୍ବେକ୍ଷଣରୁ ଜଣାପଡିଛି ଯେ, ଭାରତରେ ପ୍ରତି ୮ ଜଣ ମହିଳାଙ୍କ ମଧ୍ୟରୁ ଜଣଙ୍କର ଥାଇରଏଡ୍ ସମସ୍ୟା ରହିଛି। ମୋଟ ଉପରେ, ଦେଶରେ ୪.୨ କୋଟିରୁ ଅଧିକ ଲୋକ ଏହି ରୋଗରେ ପୀଡିତ ଅଛନ୍ତି। ତେଣୁ, ଏହି ରୋଗକୁ ମ୍ତ ଦେବାକୁ ହେଲେ କେତେକ ଖାଦ୍ୟଠାରୁ ଦୂରେଇ ରହିବାକୁ ପଡିବ।

ବିଭିନ୍ନ ଖାଦ୍ୟ ଅଛି, ଯାହାକୁ ଖାଇବା ଫଳରେ ଥାଇରଏଡ୍ ରୋଗୀଙ୍କ ସ୍ୱାସ୍ଥ୍ୟ ବିଗିଡି ଯିବାର ସମ୍ଭାବନା ଥାଏ। ସେହି ସବୁ ଖାଦ୍ୟ କଣ, ଜାଣନ୍ତୁ...

**ସୋୟା**

ସୋୟା ଏପରି ଏକ ଖାଦ୍ୟ, ଯାହାକୁ ଥାଇରଏଡ୍ ରୋଗୀମାନେ ଆଦୌ ଖାଇବା ଉଚିତ ନୁହେଁ। କାରଣ ସୋୟାରେ ଗାଇଟ୍ରୋଜେନ ନାମକ ଏକ ଉପାଦାନ ଥାଏ, ଯାହା ଥାଇରଏଡ ଗ୍ରେଡକୁ କ୍ଷତି ପହଞ୍ଚାଏ। ଯଦି ଥାଇରଏଡ୍ ସମସ୍ୟା ଅଛି, ତେବେରେ ପ୍ରସ୍ତୁତ ସମସ୍ତ ଖାଦ୍ୟଠୁ ଦୂରେଇ ରୁହନ୍ତୁ।

**କୋବି ଏବଂ ଅନ୍ୟାନ୍ୟ କାବେଜ୍ ପନିପରିବା**

କୋବି, ଫୁଲକୋବି, ବ୍ରୋକୋଲି ପରି ପନିପରିବା, ଯାହାକୁ ବ୍ରେସିକା ଭେଜିଜ କୁହାଯାଏ, ସେସବୁକୁ ଥାଇରଏଡ୍ ରୋଗୀ ଆଦୌ ଖାଇବା ଉଚିତ ନୁହେଁ। ଏହି ପନିପରିବାରେ ଆଣ୍ଟି-ଥାଇରଏଡ୍ ଯୌଗିକ ଭରପୂର ପରିମାଣରେ ଥାଏ, ଯାହା ଥାଇରଏଡର ସାଧାରଣ କାର୍ଯ୍ୟରେ ବାଧା ସୃଷ୍ଟି କରିପାରେ। ଏହି ପନିପରିବାଗୁଡିକର ଅତ୍ୟଧିକ ବ୍ୟବହାର ଫଳରେ ଥାଇରଏଡ୍ ଗ୍ରନ୍ଥି ଉପରେ ଚାପ ପଡିବାର ସମ୍ଭାବନା ଥାଏ। ଫଳରେ ହରମନ କ୍ଷରଣରେ ବ୍ୟାଘାତ ସୃଷ୍ଟି ହୋଇପାରେ। ତେଣୁ, ଥାଇରଏଡ୍, ହାଇପୋଥାଇରଏଡିଜିମ୍ ସମସ୍ୟାରେ ପୀଡିତ ଲୋକମାନେ ଏହି ପନିପରିବା ଆଦୌ ଖାଇବା ଉଚିତନୁହେଁ।

**କଫିନ୍**

କଫିନ୍, ଥାଇରଏଡ୍ ଗ୍ରନ୍ଥିରେ ଥାଇରଏଡ୍ ହରମନ୍ ଉତ୍ପାଦନକୁ ପ୍ରଭାବିତ କରେ। ଯେଉଁ କାରଣରୁ ହରମନ ସ୍ତର ବିଗିଡି ଯାଇପାରେୟ ତେଣୁ, ଥାଇରଏଡ୍ ରୋଗୀମାନେ ସର୍ବନିମ୍ନ କଫିନ୍ ଗ୍ରହଣ କରିବା ଉଚି କିମ୍ବା ସମ୍ପୂର୍ଣ୍ଣରୂପେ ଦୂରେଇ ରହିବା ଉଚିତ।

**ଅସ୍ୱାସ୍ଥ୍ୟକର ଖାଦ୍ୟ**

ଥାଇରଏଡ୍ ସମସ୍ୟାରେ ପୀଡିତ ବ୍ୟକ୍ତିମାନେ ଜଙ୍କ ଫୁଡ୍ ବା ଫାଷ୍ଟଫୁଡଠାରୁ ସମ୍ପୂର୍ଣ୍ଣ ଦୂରେଇ ରହିବା ଉଚିତ ଏହି ପ୍ରକାର ଖାଦ୍ୟ ସାଧାରଣତଃ ପ୍ରଚୁର ଚର୍ବି, ଲୁଣ ଏବଂ କ୍ୟାଲୋରୀରେ ଭରପୂର ଥାଏ, ଯାହା ଥାଇରଏଡ୍ ପାଇଁ ଆଦୌ ଭଲ ନୁହେଁ।

**ପ୍ରକ୍ରିୟାକୃତ ଖାଦ୍ୟ**

ପ୍ରକ୍ରିୟାକୃତ ଖାଦ୍ୟ ବା ପ୍ୟାକେଟ୍ ଖାଦ୍ୟ ଯେପରିକି ନୁଡୁଲ୍ସ, ସସ୍, କେଚପ୍, ଜାମ, ମ୍ୟାଜିକ୍ ମସାଲା ଇତ୍ୟାଦି ଥାଇରଏଡ୍ ରୋଗୀଙ୍କ ପାଇଁ ଆଦୌ ଲାଭଦାୟକ ନୁହେଁ।

# ଗୁରୁବାର ଦିନ ଦକ୍ଷିଣ ଦିଗରେ ଯାତ୍ରା କରୁଥିଲେ ଦହି ଖାଇ ଯାତ୍ରା କରନ୍ତୁ

ବାସ୍ତୁଶାସ୍ତ୍ରରେ କୌଣସି କାର୍ଯ୍ୟରେ ଯାତ୍ରା କରିବା ପୂର୍ବରୁ ସେଥିରେ ସଫଳତା ପ୍ରାପ୍ତି ପାଇଁ କିଛି ଉପାୟ ବିଷୟରେ ବର୍ଣ୍ଣନା କରାଯାଇଛି। ଯାହାର ପାଳନ କଲେ ଯାତ୍ରାକୁ ମଙ୍ଗଳକାରୀ ଓ ସଫଳ କରି ହୋଇଥାଏ। ଏଥିପାଇଁ କିଛି କଥା ପ୍ରତି ଧ୍ୟାନ ଦେବା ନିତ୍ୟାନ୍ତ ଆବଶ୍ୟକ। ଜାଣନ୍ତୁ..



- ନିଜର ଇଷ୍ଟ ଦେବତାଙ୍କୁ ସ୍ମରଣ କରନ୍ତୁ। ଗାୟନ୍ତ୍ରୀ ମନ୍ତ୍ରୀ ଜପ କରନ୍ତୁ।
- ଯାତ୍ରାରେ ଯିବା ପୂର୍ବରୁ ନଦୀ, ନିଆଁ, ପବନ, ଦେବୀଦେବତା , ଗୁରୁଜନ, ମାତାପିତାଙ୍କୁ ପରିହାସ କରନ୍ତୁ ନାହିଁ।
- ଘରୁ ବାହାରିବା ସମୟରେ ପ୍ରଥମେ ଡ଼ାହାଣ ପାଦ ପକାନ୍ତୁ। ଅସହାୟଙ୍କୁ ଦାନ ଦିଅନ୍ତୁ। ଗାଈଙ୍କୁ ରୁଟି କିମ୍ବା ଘାସ ଖାଇବାକୁ ଦିଅନ୍ତୁ। ଏପରି କରିବା ଦ୍ୱାରା କାର୍ଯ୍ୟରେ ସଫଳତା ମିଳିଥାଏ।
- ଶାସ୍ତ୍ର ଅନୁଯାୟୀ, ସୋମବାର , ଶନିବାର ପୂର୍ବ ଦିଗରେ ଯାତ୍ରା କରିବା ଅତି ଶୁଭଫଳ ଦେଇନଥାଏ। ସୋମବାର , ଗୁରୁବାର ପୂର୍ବ , ଦକ୍ଷିଣ ଦିଗରେ ଯାତ୍ରା କରନ୍ତୁ ନାହିଁ।
- ବୁଧବାର , ଶନିବାର ପୂର୍ବ , ଉତ୍ତର ଯାତ୍ରା କରିବା ଉଚିତ ନୁହେଁ। ରବିବାର ଓ ଶୁକ୍ରବାର ପଶ୍ଚିମ ଦିଗରେ ଯାତ୍ରା କରନ୍ତୁ ନାହିଁ।
- ମଙ୍ଗଳବାର ଦିନ ଉତ୍ତର ଦିଗକୁ ଯାତ୍ରା କରୁଥିଲେ ଘରୁ ଗୁଡ଼ ଖାଇ ଯାଆନ୍ତୁ। ବୁଧବାର ଉତ୍ତର ଦିଗରେ ଯାତ୍ରା କରୁଥିଲେ ଧନିଆ କିମ୍ବା ରାଶି ଲଡ୍ଡୁ ଖାଇ ଯାଆନ୍ତୁ।
- ଗୁରୁବାର ଦିନ ଦକ୍ଷିଣ ଦିଗରେ ଯାତ୍ରା କରୁଥିଲେ ଦହି ଖାଇ ଯାତ୍ରା କରନ୍ତୁ। ଶୁକ୍ରବାର ଦିନ ପଶ୍ଚିମ ଦିଗରେ ଯାତ୍ରା କରୁଥିଲେ ଗହମରେ ପ୍ରସ୍ତୁତ ଖାଦ୍ୟ ଖାଆନ୍ତୁ।
- ଶନିବାର ଦିନ ପୂର୍ବ ଦିଗକୁ ଯାତ୍ରା କରୁଥିଲେ, ଅଦା ଖଣ୍ଡ ଖାଆନ୍ତୁ।
- ଯାତ୍ରାରେ ଯିବା ସମୟରେ କୌଣସି ନକରାତ୍ମକ ଶବ୍ଦର ବ୍ୟବହାର କରନ୍ତୁ ନାହିଁ।

# ଖୋର୍ଦ୍ଧାରେ ପୋଷଣ ଅଭିଯାନର ଶୁଭାରମ୍ଭ



ଭୁବନେଶ୍ୱର, ୧୨।୭ (ମହାଭାରତ): ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ପୋଷଣ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଇନ୍ ମନ୍ତ୍ରୀ ତଥା ଚିଲିକା ବିଧାୟକ ପୃଥ୍ୱୀରାଜ ହରିଚନ୍ଦନ, ଏକାମ୍ର ବିଧାୟକ ବାବୁ ସିଂ, ଜଟଣୀ ବିଧାୟକ ବିଭୁତିଭୂଷଣ ବଲବନ୍ତରାୟ, ଜୟଦେବ ବିଧାୟକ ନବ କିଶୋର ମଲ୍ଲିକ, ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ, ଜିଲ୍ଲାପରିଷଦ ଅଧକ୍ଷା ରୁପଶ୍ରୀ ରାଣୀ ଗୁମାନସିଂହ ପ୍ରମୁଖ ଅତିଥିମାନେ ଯୋଗ ଦେଇଥିଲେ। ଜିଲ୍ଲାପାଳ ଚଞ୍ଚଳ ରାଣା ସଭାପତିତ୍ୱ କରିଥିବା ବେଳେ ବୈଠକରେ ସ୍ୱାଗତ ଭାଷଣ ରଖିଥିଲେ କୁସୁମ କୁମାରୀ ପ୍ରହରାଜ। ବୈଠକର ମୁଖ୍ୟ ଉଦ୍ଦେଶ୍ୟ ହେଉଛି 'କୁପୋଷଣ (ପୁଷ୍ଟି ହୀନତା) ମୁକ୍ତ ଭାରତ' ଗଠନ। ଏହି କାର୍ଯ୍ୟକ୍ରମ ପ୍ରଧାନମନ୍ତ୍ରୀଙ୍କର ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀକ ପୋଷଣ କାର୍ଯ୍ୟକ୍ରମ। ପିଲାମାନଙ୍କର ଉଚ୍ଚତା ଏବଂ ଓଜନ ମାଧ୍ୟମରେ ପୁଷ୍ଟି ହୀନତା ବିଷୟରେ ଜଣାଯିବ।

ଜିଲ୍ଲାପାଳ ତାଙ୍କ ବକ୍ତବ୍ୟରେ କହିଥିଲେ ଶିଶୁ ହେଉଛନ୍ତି ଦେଶର ଭବିଷ୍ୟତ। ଅଙ୍ଗନବାଡି କର୍ମୀ, ଆଶା କର୍ମୀ ମା' ମାନେ ନିଷ୍ପାପର ଭାବେ ପୁଷ୍ଟିହୀନ ଶିଶୁଙ୍କୁ ଚିହ୍ନଟ କରଣ କରିବାରେ ଉଦ୍ୟମ କରିବା ଏବଂ ଖୋର୍ଦ୍ଧାଜିଲ୍ଲାରେ ଶୂନ୍ୟ ପୁଷ୍ଟି ହିନ ପାଇଁ ତତ୍ପର ରହିବାକୁ ସମସ୍ତଙ୍କୁ ଆହ୍ୱାନ କରିଥିଲେ। ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଥିଲେ ଯେ ପ୍ରଧାନମନ୍ତ୍ରୀଙ୍କର ଏହା ଏକ ଗୁରୁତ୍ୱ ଦିଆଯାଇଥିବା ଜାତୀୟ ପୁଷ୍ଟି ହୀନତାର ପୋଷଣ କାର୍ଯ୍ୟକ୍ରମ। ପୁଷ୍ଟିହୀନ ଶିଶୁଙ୍କୁ ସକ୍ଷମ କରିବା ଏହି ଯୋଜନାର ଏକବିରାଟ ବଡ ଲକ୍ଷ ଏବଂ ଦେଶରେ ଆଗାମୀ ଭବିଷ୍ୟତ ସକ୍ଷମ ଭାରତ ବର୍ଷ ସକ୍ଷମ ଶିଶୁ ଏବଂ ସକ୍ଷମ କିଶୋର ମାନଙ୍କର ଆବଶ୍ୟକତା ରହିଛି। ସେ ଉଦାହରଣ ଦେଇ ପୁଷ୍ଟି ହୀନତାର ଶିକାର ହୋଇଥିବା 'ନଗଡା' ଭଳି ଦୁଃଖଦାୟକ ଘଟଣା ବର୍ଣ୍ଣନା କରି ଦୁଃଖ ପ୍ରକାଶ କରିଥିଲେ। ସେ କହିଥିଲେ କେହି ଜାଣି ଶୁଣି ଅପପୁଷ୍ଟିର ଶିକାର ହୋଇନଥାନ୍ତି, ମୁଖ୍ୟତଃ ଦାରିଦ୍ର୍ୟ ଯୋଗୁଁ ଶିଶୁ ମାନେ ଅପପୁଷ୍ଟିର ଶିକାର ହୋଇଥାନ୍ତି ଓ ତେଣୁ ସେମାନଙ୍କୁ ସହାୟତାର ହାତ ବଢାଇ ଦାରିଦ୍ର୍ୟ ଦୂରୀକାରଣ କରା ଯାଇପାରିବ। ଉଚ୍ଚତା ଏବଂ ଓଜନ ଏହି ଦୁଇଟି ବଡ ଟାର୍ଗେଟ ପୋଷଣ ଟ୍ରାକର। ଏକ ଡାଟାବେସରେ ପରିବାରର ସଦସ୍ୟମାନଙ୍କଙ୍କର ପୁଷ୍ଟି ହୀନତାର ମାତ୍ରା ଚିହ୍ନଟିକରଣ କରାଗଲେ ପୁଷ୍ଟି ହୀନତା ସମ୍ପୂର୍ଣ୍ଣ ଭାବେ ନିରାକରଣ କରା ଯାଇପାରିବ। ଆସନ୍ତା ୨ ବର୍ଷ ଭିତରେ ଆମ ଜିଲ୍ଲାରେ ଗୋଟିଏ ପରିବାର ପୁଷ୍ଟି ହୀନତାର ଶିକାର ନହେଉ ଏବଂ ଆମ ଜିଲ୍ଲା 'ଶୂନ ଅପପୁଷ୍ଟି 'ଜିଲ୍ଲା ଭାବେ ପରିଚିତ କରିବା ଆମର ଲକ୍ଷ ହେଉ। ସବୁ ପରିବାରଙ୍କୁ ସହାୟତାର ହାତ ବଢାଇ ପାରିଲେ ଏବଂ ସଚେତନତାର ବାର୍ତ୍ତା ଜାହିର ରଖାଗଲେ, ମା'ମାନେ ସଚେତନ ହେଲେ ପୁଷ୍ଟି ହୀନତା ଦୂର କରା ଯାଇ ପାରିବ।

# ଖରିଫ୍ ଧାନ କ୍ରୟ ନେଇ ମନ୍ତ୍ରୀଙ୍କ ସମନ୍ୱୟ ବୈଠକ

ଭୁବନେଶ୍ୱର, ୧୨।୭ (ମହାଭାରତ): ଆଗାମୀ ଖରିଫ ଋତୁରେ ଧାନକ୍ରୟ ନେଇ ଆଜି ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ କାରିଗରୀ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଅଧକ୍ଷତାରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମନ୍ତ୍ରୀ ଶ୍ରୀ ପାତ୍ର ରାଜ୍ୟରେ ଥିବା ମଣ୍ଡି ଏବଂ ଧାନକ୍ରୟ ସଂପର୍କିତ ପ୍ରଚଳିତ ବ୍ୟବସ୍ଥା ସଂପର୍କରେ ଅଧିକାରୀମାନଙ୍କ ଠାରୁ ପଚାରି ବୁଝିଥିଲେ। ରାଜ୍ୟ ସରକାର ଧାର୍ଯ୍ୟ କରିଥିବା ସର୍ବନିମ୍ନ ସହାୟକ ମୂଲ୍ୟରେ ଯେପରି ସମସ୍ତ ଚାଷୀ ଧାନ ବିକ୍ରି କରିପାରିବେ ଏବଂ ମଣ୍ଡିକୁ ଧାନ ଆଣୁଥିବା ଚାଷୀ ଯେପରି ହଇରାଣ ହରକତ ନହୁଅନ୍ତି ସେଥି ପ୍ରତି ଦୃଷ୍ଟି ଦେବାକୁ ମନ୍ତ୍ରୀ ଶ୍ରୀ ପାତ୍ର ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ।



ପ୍ରତ୍ୟେକ ମଣ୍ଡି ସାଙ୍ଗରେ ଗୋଟିଏ କିମ୍ବା ଦୁଇଟି ମିଲରଙ୍କୁ ସଂଯୋଗ କରି ସେମାନଙ୍କ ଗାଡି ଠିକ୍ ସମୟରେ ମଣ୍ଡିକୁ ପହଞ୍ଚିବା ଏବଂ ଠିକ୍ ସମୟରେ ଧାନ ଉଠିବା ନେଇ ସୁନିଶ୍ଚିତ ହେବାକୁ ମନ୍ତ୍ରୀ ଶ୍ରୀ ପାତ୍ର ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଯେହେତୁ ସମବାୟ ବିଭାଗ, ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଧାନ କ୍ରୟରେ ଜଡିତ, ବିଭାଗୀୟ ଅଧିକାରୀମାନେ ସଂପୃକ୍ତ ବିଭାଗ ସହିତ ସମନ୍ୱୟ ରକ୍ଷା କରି ଚାଷୀମାନେ ଯେପରି ସୁବିଧାରେ ଧାନ ବିକ୍ରୟ କରିପାରିବେ ଏବଂ ମଣ୍ଡିକୁ ଆସୁଥିବା ଚାଷୀ ମଣ୍ଡିରେ ସମସ୍ତ ମୌଳିକ ସୁବିଧା ପାଇପାରିବେ ସେଥିନେଇ ପଦକ୍ଷେପ ନେବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ଏହି ବୈଠକରେ ସମବାୟ, ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ଓଡ଼ିଶା ରାଜ୍ୟ ଖାଦ୍ୟଯୋଗାଣ ନିଗମର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଶୁଭମ୍ ସାକ୍ସେନା, ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀ ସୁଦାମ ଚରଣ ମଣ୍ଡଳ, ସମବାୟ ସମିତି ସମୂହର ନିବନ୍ଧକ ଶ୍ରୀ ଲିଙ୍ଗରାଜ ପଣ୍ଡା ଉପସ୍ଥିତ ଥିଲେ।

# ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବଙ୍କ ଦାୟିତ୍ୱ ଗ୍ରହଣ

ଭୁବନେଶ୍ୱର, ୧୨।୭ (ମହାଭାରତ): ଆଇଏଏସ୍ ଅଧିକାରିଣୀ ଉଷା ପାଢ଼ୀ ଗୃହ ନିର୍ମାଣ ଓ ନଗର ଉନ୍ନୟନ (ଏଚ୍ ଆଣ୍ଡୟୁଡି)



ବିଭାଗର ପ୍ରମୁଖ ସଚିବ ଭାବେ ଆଜି ଦାୟିତ୍ୱ ଗ୍ରହଣ କରିଛନ୍ତି। ଦାୟିତ୍ୱ ଗ୍ରହଣ କରିବା ପରେ ବିଭାଗୀୟ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରି ଏହାର ଭବିଷ୍ୟତ ପାଇଁ ନିଜର ଦୃଷ୍ଟିକୋଣ ନେଇ ଆଲୋଚନା କରିଥିଲେ। ଆଲୋଚନା ବେଳେ ଶ୍ରୀମତୀ ପାଢ଼ୀ ଦେଶବ୍ୟାପୀ ବିଭାଗର ସମ୍ମାନଜନକ ପ୍ରତିଷ୍ଠା ଉପରେ ଆଲୋକପାତ କରିବା ସହ ଆଗକୁ ଯିବାର ଏକ ସ୍ପଷ୍ଟ ମାର୍ଗ ଦର୍ଶାଇଥିଲେ। ଦଳଗତ କାର୍ଯ୍ୟର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରି କହିଥିଲେ ଯେ ବିଭାଗ ବ୍ୟକ୍ତିଗତ ପ୍ରୟାସଠାରୁ ଦୂରେଇ ଯାଇ ଟିମ୍ ଅର୍ବାନ ଭାବରେ ମିଳିତ ଭାବରେ କାର୍ଯ୍ୟ କରିବା ଉଚିତ୍। ନଗର ଉନ୍ନୟନରେ ବିକଶିତ ଆହ୍ୱାନ ଏବଂ ସୁଯୋଗର ମୁକାବିଲା ପାଇଁ ରଣନୈତିକ, ଭବିଷ୍ୟତ ଯୋଜନାର ଆବଶ୍ୟକତା ଉପରେ ସେ ଆଲୋକପାତ କରିଥିଲେ। ଶ୍ରୀମତୀ ପାଢ଼ୀ କହିଛନ୍ତି ଯେ, ଆମ ବିଭାଗ ଯେଉଁ ସୁନାମ ଅର୍ଜନ କରିଛି ତାହାକୁ ଆଗକୁ ବଢ଼ାଇବା ପାଇଁ ଆମେ ଆମ ଦଳର ସାମୂହିକ ଶକ୍ତିକୁ ଉପଯୋଗ କରିବା ଜରୁରୀ। ଏକ ଆଗୁଆ ଚିନ୍ତାଧାରା ଅବଲମ୍ବନ କରି ଏବଂ ଆମର ପଦକ୍ଷେପଗୁଡ଼ିକର ରଣନୈତିକ ଯୋଜନା କରି ଆମେ ବିଭାଗକୁ ଏହାର ଲକ୍ଷ୍ୟ ହାସଲ ଦିଗରେ ପ୍ରଭାବଶାଳୀ ଭାବରେ ଆଗେଇ ପାରିବା।

# ରାଜ୍ୟସ୍ତରୀୟ ବିଶ୍ୱ ଜନସଂଖ୍ୟା ଦିବସ

ଭୁବନେଶ୍ୱର, ୧୨।୭ (ମହାଭାରତ): ପ୍ରତିବର୍ଷ ଜୁଲାଇ ମାସ ୧୧ ତାରିଖରେ ବିଶ୍ୱ ଜନସଂଖ୍ୟା ଦିବସ ପାଳିତ ହୋଇଆସୁଛି। ପରିବାର ନିୟୋଜନ ତଥା ଜନସଂଖ୍ୟା ବୃଦ୍ଧି ଦିଗରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଏହା ସମଗ୍ର ଭାରତରେ ପ୍ରତି ବର୍ଷ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଚଳିତବର୍ଷ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତରଫରୁ ଭୁବନେଶ୍ୱରସ୍ଥିତ ମିଳିତ ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ ସମ୍ମିଳନୀ କକ୍ଷଠାରେ ରାଜ୍ୟସ୍ତରୀୟ 'ବିଶ୍ୱ ଜନସଂଖ୍ୟା ଦିବସ' ପାଳିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ସଚିବ ଡଃ ଜିତେନ୍ଦ୍ର ମୋହନ ବେବର୍ତ୍ତା, ପରିବାର କଲ୍ୟାଣ ନିର୍ଦ୍ଦେଶିକା ଡଃ ସଂଯୁକ୍ତା ସାହୁ, ଓଡ଼ିଶା ସରକାରଙ୍କ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡଃ ନୀଳକଣ୍ଠ ମିଶ୍ର ଉପସ୍ଥିତ ଥିଲେ।

ଜୁନ ୨୭ ତାରିଖରୁ ୧୦ ଜୁଲାଇ ପର୍ଯ୍ୟନ୍ତ ଜନସଂଖ୍ୟା ସଚେତନତା ପକ୍ଷ (ମୋବିଲାଇଜେସନ ଫୋର୍ଟନାଇଟ) ଏବଂ ଜୁଲାଇ ୧୧ ରୁ ୨୪ ତାରିଖ ପର୍ଯ୍ୟନ୍ତ 'ଜନସଂଖ୍ୟା ସ୍ଥିରତା ପକ୍ଷ' ପାଳନ କରାଯାଉଅଛି। ଚଳିତବର୍ଷର ବାର୍ତ୍ତା ରହିଛି 'ବିକଶିତ ଭାରତର ପରିଚୟ ନୂତନ, ପରିବାର ନିୟୋଜନ ପ୍ରତି ଦମ୍ପତ୍ତିଙ୍କ ସମ୍ମାନ'। ଗର୍ଭନିରୋଧର ପାରମ୍ପରିକ ପ୍ରଣାଳୀରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବାସ୍କେଟ ଅଫ୍ ଚଏସେସ୍‌ରେ ଆଉ ୨ଟି ନୂତନ ଗର୍ଭନିରୋଧକ 'ସବ୍ ଡରମାଲ ଇମ୍ପ୍ଲାଣ୍ଟ' ଏବଂ 'ସବ୍‌କ୍ୟୁଟାନିୟମ ଇଞ୍ଜେକ୍ସନ ଏମ୍‌ପିଏ (ଅନ୍ତରା)' ପାଇଲଟ୍ ପ୍ରୋଜେକ୍ଟ ଭାବେ ଆରମ୍ଭ କରାଯାଇଛି। ସମୁଦାୟ ପ୍ରଜନନ ହାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସୂଚକ ଯାହା ପରିବାର ନିୟୋଜନ କାର୍ଯ୍ୟକ୍ରମର



ସଫଳତା ଏବଂ କୌଣସି ନିର୍ଦ୍ଦିଷ୍ଟ ଅଞ୍ଚଳ/ ରାଜ୍ୟ/ ଦେଶର ଜନସଂଖ୍ୟା ସ୍ଥିରତା ଆଣିବାରେ ସୂଚାଇଥାଏ। ଓଡ଼ିଶାରେ ଏହି ସମୁଦାୟ ପ୍ରଜନନ ହାର ୧.୮ରେ ପହଁଚି ପାରିଛି ଯାହା ଜାତୀୟ ହାର (୨.୦) ଠାରୁ କମ୍ ଅଟେ। ୨୦୨୩-୨୪ ବର୍ଷ ପାଇଁ ପରିବାର ନିୟୋଜନ ସେବା କ୍ଷେତ୍ରରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ନୂଆପଡ଼ା, ସୋନପୁର, ନବରଙ୍ଗପୁର, କଟକ, ବୌଦ୍ଧ ଜିଲାକୁ ପୁରସ୍କୃତ କରାଯାଇଛି। ସେହିପରି ଗର୍ଭନିରୋଧକ ଏମ୍‌ପିଏ (ଅନ୍ତରା) ବ୍ୟବହାରରେ ଦେଓଗଡ ଓ ଗଜପତି ଜିଲା, ପିପିଆଇୟୁସିଡି ବ୍ୟବହାରରେ ଜଗତସିଂପୁର ଓ ଗଞ୍ଜାମ ଜିଲା, ପିଏ ଆଇୟୁସିଡି ବ୍ୟବହାରରେ ଯାଜପୁର ଓ କନ୍ଧମାଳ ଜିଲା, ଫ୍ୟାମିଲି ପ୍ଲାନିଂ ଲଜିଷ୍ଟିକ୍ ମ୍ୟାନେଜମେଣ୍ଟ ଇନ୍‌ଫର୍ମେସନ ସିଷ୍ଟମରେ ଡିଭିଏଲ୍‌ଏମ୍ କାର୍ଯ୍ୟାନ୍ୱୟନରେ ଡିଭିଏଲ୍‌ଏମ୍ ମାଲକାନଗିରିର ଜ୍ୟୋତି ନାରାୟଣ ମହାଳିକ, ଖୋର୍ଦ୍ଧା ଜିଲାର ଯଶୋଦା ରାଣୀ ବେହେରା, ଗଞ୍ଜାମର ସ୍ମୃତିବର୍ଦ୍ଧନ ଦାଶ, ନବରଙ୍ଗପୁର ଜିଲାର ମଳୟରଞ୍ଜନ ପାଣିଗ୍ରାହୀଙ୍କୁ ପୁରସ୍କୃତ କରାଯାଇଛି। ସେହିଭଳି ପରିବାର ନିୟୋଜନ ଅସ୍ତ୍ରୋପଚାରରେ ମୟୂରଭଞ୍ଜ ଜିଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତର ଡଃ ରାଜେନ୍ଦ୍ର କୁମାର ରାଉତ ଏବଂ ବରଗଡ଼ ଜିଲାର ଡଃ ସତ୍ୟସାଇ ନାୟକଙ୍କୁ ପୁରସ୍କୃତ କରାଯାଇଛି। ଲାପାରୋସ୍କୋପି ଜରିଆରେ ମହିଳା ବନ୍ଧ୍ୟାକରଣ ଅସ୍ତ୍ରୋପଚାର ପାଇଁ କେନ୍ଦୁଝର ଜିଲା ଘଟଗାଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡଃ ମୁକ୍ତିକାନ୍ତ ନାୟକ ଓ କୋରାପୁଟ ମୁଖ୍ୟ ଚିକିତ୍ସାଳୟର ଡଃ ସସ୍ମିତା ଦାସ ପୁରସ୍କୃତ ହୋଇଥିଲେ।

# ଦିବ୍ୟ କଳା ମେଳା ଓ ଦିବ୍ୟ କଳା ଶକ୍ତି କାର୍ଯ୍ୟକ୍ରମ ଉଦଯାପିତ

ଭୁବନେଶ୍ୱର, ୧୨।୭ (ମହାଭାରତ): ଦିବ୍ୟାଙ୍ଗ ଉଦ୍ୟୋଗୀ ଓ କଳାକାରଙ୍କ ସଶକ୍ତୀକରଣ ପ୍ରୟାସକୁ ଜାରି ରଖିବା ଉଦ୍ଦେଶ୍ୟରେ ଗତ ଜୁଲାଇ ୫ ରୁ ୧୧ ତାରିଖ ପର୍ଯ୍ୟନ୍ତ କିଟ୍ କ୍ୟାମ୍ପସରେ ଦିବ୍ୟ କଳା ମେଳା ଓ ଦିବ୍ୟ କଳା ଶକ୍ତି କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟର ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ (ଦିବ୍ୟାଙ୍ଗଜନ) ପକ୍ଷରୁ ଜାତୀୟ ଦିବ୍ୟାଙ୍ଗଜନ ଅର୍ଥ ଓ ବିକାଶ ନିଗମ (ଏନଡିଏଫଡିସି) ଜରିଆରେ ନିୟମିତ ଭାବେ ଦିବ୍ୟ କଳା ଶକ୍ତି ଓ ଦିବ୍ୟ କଳାମେଳା-ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇ ଆସୁଛି। ଦେଶବ୍ୟାପୀ ଦିବ୍ୟାଙ୍ଗ କାରିଗରମାନଙ୍କ ଉତ୍ପାଦ ଓ କାରିଗରମାନଙ୍କୁ ପ୍ରଦର୍ଶିତ କରାଯାଉଛି।

ଜୁଲାଇ ୫ରୁ ୧୧ ତାରିଖ ପର୍ଯ୍ୟନ୍ତ ସକାଳ ୯ଟାରୁ ରାତି ସାଢ଼େ ୯ଟା ପର୍ଯ୍ୟନ୍ତ 'ଦିବ୍ୟ କଳା ମେଳା' ୭ ଦିନ ପାଇଁ କରା ଯାଇଥିଲା। ଦିବ୍ୟାଙ୍ଗ କଳାକାର, କାରିଗର ଏବଂ ପ୍ରଯୋଜକ ଗୋଷ୍ଠୀଙ୍କ ବହୁ ଉତ୍ସାହ, ଜୀବନ୍ତ କାର୍ଯ୍ୟକଳାପ ସହିତ ଏହି ବହୁ ପ୍ରତୀକ୍ଷିତ ''ଦିବ୍ୟ କଳା ମେଳା'' ଆରମ୍ଭ ହୋଇଥିଲା। ଦକ୍ଷ ଦିବ୍ୟାଙ୍ଗ କାରିଗରଙ୍କ ଦ୍ୱାରା ନିର୍ମିତ ଅନନ୍ୟ ହସ୍ତଶିଳ୍ପ, ହସ୍ତତନ୍ତ ସାମଗ୍ରୀ, କଳାକୃତି, ଷ୍ଟୋର୍ କାରୁକାର୍ଯ୍ୟ, ଖେଳନା ଓ ଉପହାର ସାମଗ୍ରୀ, ଗୃହ ସଜ୍ଜା ଇତ୍ୟାଦି କିଣିବା ପାଇଁ ଦର୍ଶକଙ୍କ ଭିଡ଼ ଜମିଥିଲା। ଏହି କାର୍ଯ୍ୟକ୍ରମରେ ଦେଶର ବିଭିନ୍ନ ଅଞ୍ଚଳରୁ ଆସିଥିବା ପର୍ଯ୍ୟଟକମାନେ



ନିଜ ପସନ୍ଦର ଖାଦ୍ୟର ମଜା ନେଇପାରିବେ। ସେଠାରେ ସମୁଦାୟ ୬୦ଟି ଷ୍ଟଲ ଥିଲା ଏବଂ ପର୍ଯ୍ୟଟକମାନେ ସେମାନଙ୍କ ଆବଶ୍ୟକତା ଅନୁଯାୟୀ ବହୁସଂଖ୍ୟକ ଉତ୍ପାଦ କିଣିଥିଲେ। ଏହା ଉଚ୍ଚ ଚାହିଦା ଏବଂ ପ୍ରଶଂସାର ପ୍ରତିଫଳନ। ଏସଭି ନିରତାର ଓ ଆଲିମକୋ ପକ୍ଷରୁ ସହାୟକ ଉପକରଣ ବଣ୍ଟନ ଶିବିର ଆୟୋଜନ କରାଯାଇଥିଲା ଏବଂ ସେଥିମଧ୍ୟରେ ଏହାର ମୂଲ୍ୟାଙ୍କନ କରିଥିଲେ। ସମୁଦାୟ ୩୦୩ ଜଣ ଦିବ୍ୟାଙ୍ଗ ଜନଙ୍କ ଆକଳନ କରାଯାଇଥିବା ବେଳେ ସେଥିମଧ୍ୟରୁ ୯୦ ଜଣଙ୍କୁ ଆଲିମକୋ ପକ୍ଷରୁ ଏବଂ ୧୧ ଜଣଙ୍କୁ ଏସଭି ନିରତାର ପକ୍ଷରୁ ସହାୟତା ଉପକରଣ ବଣ୍ଟନ କରାଯାଇଥିଲା। ସମାପନ ସମାରୋହ ସଫଳତାର ସହ ସମ୍ପନ୍ନ ହୋଇଥିଲା ଏବଂ ଉପସ୍ଥିତ ସମସ୍ତଙ୍କ ଉପରେ ଏକ ସକାରାତ୍ମକ ଛାପ ପକାଇଥିଲା। ଦୀର୍ଘ ୬ ଦିନ ଧରି ଦିବ୍ୟ କଳା ଶକ୍ତି, ଦିବ୍ୟ କଳା ମେଳା ଓ ରୋଜଗାର ମେଳାର ସଫଳ ଆୟୋଜନ ସହ ଏହି କାର୍ଯ୍ୟକ୍ରମ ଏହାର ଲକ୍ଷ୍ୟ ହାସଲ କରିଛି। କାର୍ଯ୍ୟକ୍ରମରେ ଦିବ୍ୟାଙ୍ଗଜନ କାରିଗରମାନଙ୍କର ଅସୀମ ସାମର୍ଥ୍ୟ ଓ ଅତୁଳନୀୟ ଦକ୍ଷତାକୁ ପ୍ରଦର୍ଶିତ କରାଯାଇଥିଲା। ଦିବ୍ୟାଙ୍ଗଜନଙ୍କ ସଶକ୍ତୀକରଣ ଧାରଣାକୁ ସମଗ୍ର ଦେଶରେ ପ୍ରୋତ୍ସାହିତ କରିବା ପାଇଁ ବିଭାଗର ବ୍ୟାପକ ଯୋଜନା ରହିଛି। ଦିବ୍ୟ କଳା ମେଳା ଓ ଦିବ୍ୟ କଳା ଶକ୍ତି ୫ ଜୁଲାଇ ୨୦୨୪ରେ ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟର ଭିନ୍ନକ୍ଷମ ସଶକ୍ତୀକରଣ ରାଷ୍ଟ୍ରମନ୍ତ୍ରୀ, ବିଏଲ ବର୍ମାଙ୍କ ଦ୍ୱାରା ଉଦଘାଟିତ ହୋଇଥିଲା।

# ସୂଚନା ଓ ଲୋକସମ୍ପର୍କ ବିଭାଗର ଫଟୋଚିତ୍ର ପ୍ରଦର୍ଶନୀ

ଭୁବନେଶ୍ୱର, ୧୨।୭ (ମହାଭାରତ): ଶ୍ରୀଜଗନ୍ନାଥ ସଂସ୍କୃତି ସହିତ ଓଡିଆ ଅସ୍ମିତାର ସଂପର୍କ ନିବିଡ଼। ଯେପରି ବିଶ୍ୱବାସୀଙ୍କ ହୃଦୟରେ ଶ୍ରୀଜଗନ୍ନାଥଙ୍କ ସ୍ଥାନ ସ୍ୱତନ୍ତ୍ର, ସେହିପରି ଶ୍ରୀଜଗନ୍ନାଥ ସଂସ୍କୃତି ମଧ୍ୟରେ ଓଡିଆ ଅସ୍ମିତାର ସ୍ଥାନ ମଧ ସ୍ୱତନ୍ତ୍ର। ଶ୍ରୀଜଗନ୍ନାଥଙ୍କ ସମସ୍ତ ରୀତିନୀତିରେ ଦେଖିବାକୁ ମିଳେ ଓଡିଆ ଅସ୍ମିତାର ଝଲକ। ଏହାକୁ ବିଶ୍ୱଦରବାରରେ ପରିଚିତ କରାଇବା ଉଦ୍ଦେଶ୍ୟରେ ଓଡିଶା ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ଜାତୀୟ ସ୍ତରୀୟ ପଲ୍ଲୀଶ୍ରୀ ମେଳା ପରିସରରେ ଗତ ୬ ତାରିଖ ଠାରୁ ଆୟୋଜିତ ହେଉଛି ଫଟୋଚିତ୍ର ପ୍ରଦର୍ଶନୀ। ଯେଉଁଥିରେ ଅତି ସୁଦୃଶ୍ୟ ଭାବରେ ସ୍ଥାନିତ ହୋଇଛି ପ୍ରାଚୀନ ଓ ନୂତନ ବଡଦାଣ୍ଡର ଫଟୋ। ସେଗୁଡିକୁ ନିଜନିଜ ମୋବାଇଲ ଫୋନ ଓ କ୍ୟାମେରାରେ ସାଇତି ରଖିବାର ପ୍ରୟାସ କରୁଛନ୍ତି ପ୍ରଦର୍ଶନୀ ମଣ୍ଡପକୁ ଆସୁଥିବା ଦର୍ଶକ। ସେହିପରି, ଶ୍ରୀମନ୍ଦିରର ଚତୁଃଦ୍ୱାରର ଫଟୋ ଏବଂ ତତ୍ ?ସମ୍ପର୍କିତ ସଂକ୍ଷିପ୍ତ ସୂଚନା ସହିତ ଜନମାନସରେ ପଂଚତୀର୍ଥ ନାମରେ ପରିଚିତ ମହୋଦଧି, ଇନ୍ଦ୍ରଦ୍ୟୁମ୍ନ, ନରେନ୍ଦ୍ର, ଶ୍ୱେତଗଙ୍ଗା ଓ ମାର୍କଣ୍ଡେୟ ପୁଷ୍କରିଣୀର ଫଟୋଗୁଡ଼ିକୁ ନେଇ ଯୁବପିଢି ଏବଂ କୋମଳମତି ପିଲାମାନଙ୍କ ମଧ୍ୟରେ ସ୍ୱତନ୍ତ୍ର ଉତ୍ସୁକତା ଦେଖିବାକୁ ମିଳୁଛି। ସମସ୍ତଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇଛି ବିଗତ ଦିନରୁ ଆଜି ପର୍ଯ୍ୟନ୍ତ ଶ୍ରୀମନ୍ଦିର ଓ ଶ୍ରୀଜଗନ୍ନାଥଙ୍କ ସେବାପୂଜା, ଶ୍ରୀଜଗନ୍ନାଥ ଚେତନାର ପ୍ରଚାର ପ୍ରସାର, ବହିରାଗତ ତୀର୍ଥଯାତ୍ରୀଙ୍କୁ ଆତିଥ୍ୟ ପ୍ରଦାନ, ସାଧୁ-ସନ୍ୟାସୀ-ଯୋଗୀମାନଙ୍କର ସେବା ସମେତ ବୈଦିକ ଓ ମୌଳିକ ଶିକ୍ଷାର ସଂସ୍ଥାପନ ଓ ବିକାଶ ସହିତ ସର୍ବଭାରତୀୟ ଭ୍ରାତୃଭାବର ପ୍ରତିଷ୍ଠା ଏବଂ ସନାତନ ଧର୍ମରକ୍ଷାରେ ପ୍ରମୁଖ ଭୂମିକା ଗ୍ରହଣ କରିଆସୁଥିବା ପୁରୀର ପ୍ରାଚୀନ ମଠର ଫଟୋଗୁଡିକ। ଏହି ଫଟୋଗୁଡ଼ିକ ପ୍ରଦର୍ଶନୀ ମଣ୍ଡପକୁ ଆସୁଥିବା ସାଧୁସନ୍ଥମାନଙ୍କୁ ଆତ୍ମସନ୍ତୋଷ ପ୍ରଦାନ କରିବା ସହ ସାଧାରଣ ଦର୍ଶକମାନଙ୍କ ଜ୍ଞାନର ପରିସରକୁ ମଧ ବୃଦ୍ଧି କରୁଛି। ସେହିପରି ଦର୍ଶକମାନେ ଭିଡିଓ ୱାଲରେ ପ୍ରଦର୍ଶିତ ଊନବିଂଶ ଶତାବ୍ଦୀର ରଥଯାତ୍ରା ସମ୍ପର୍କିତ ପ୍ରାମାଣିକ ଚଳଚ୍ଚିତ୍ର ଏବଂ ଶ୍ରୀମନ୍ଦିର ଓ ଶ୍ରୀଜଗନ୍ନାଥଙ୍କୁ ନେଇ ଓଡିଆ କଣ୍ଠଶିଳ୍ପୀ ମାନଙ୍କ ଦ୍ୱାରା ଗାୟନ କରାଯାଇଥିବା ଭକ୍ତିଭାବ ସମ୍ବଳିତ ସଂସ୍କୃତ ଶ୍ଳୋକ ଓ ଓଡିଆ ଗୀତ ସହିତ ଚଳିତ ରଥଯାତ୍ରା ପରିପ୍ରେକ୍ଷୀରେ ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ଜାରି କରାଯାଇଥିବା ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଓ ସୂଚନାଗୁଡିକର ଚିତ୍ର ଉତୋଳନ ଓ ଭିଡିଓ ରେକର୍ଡିଂ ଅତି ଆଗ୍ରହର ସହ କରୁଛନ୍ତି।

# ଯାଜପୁର ରୋଡ଼ - ଧାମରା ନୂତନ ରେଳପଥ ଡିପିଆର ଖୁବ୍‌ଶୀଘ୍ର ଦିଆଯିବ

ଭୁବନେଶ୍ୱର, ୧୨।୭ (ମହାଭାରତ): ଯାଜପୁର ରୋଡ଼ ଧାମରା ଭାଇୟା ବିରଜାକ୍ଷେତ୍ର ଓ ଆରଡ଼ି କ୍ଷେତ୍ର ନୂତନ ପ୍ରକଳ୍ପ ତଥ୍ୟ (ଡି.ପି.ଆର) ଖୁବ୍‌ଶୀଘ୍ର ରେଳମନ୍ତ୍ରଣାଳୟକୁ ଦିଆଯିବ ବୋଲି ଆଜି ଦିନ ୧୨ ଘଟିକା ସମୟରେ ପୂର୍ବତଟ ରେଳବାଇର ମହାପ୍ରବନ୍ଧକ ପରମେଶ୍ୱର ଫଙ୍କୁଆଲ ଯାଜପୁର ରୋଡ଼ ଧାମରା ରେଳପଥ ସଂଗ୍ରାମ ପରିଷଦ ପ୍ରତିନିଧି ଦଳକୁ କହିଛନ୍ତି। ଆଜି ମଧ୍ୟାହ୍ନରେ ଯାଜପୁର ରୋଡ଼ ଧାମରା ରେଳପଥ ସଂଗ୍ରାମ ପରିଷଦ ଅଧକ୍ଷ ପୂର୍ବତନ ସାଂସଦ ଡ. ରାମଚନ୍ଦ୍ର ଖୁଂଟିଆଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳି ପୂର୍ବତଟ ରେଳପଥ ମହାପ୍ରବନ୍ଧକଙ୍କୁ ଭେଟି ଯାଜପୁର ରୋଡ଼ ଧାମରା ନୂତନ ରେଳପଥ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଇବା ପାଇଁ ଏବଂ ରେଳପଥର ପ୍ରକଳ୍ପର ସବିଶେଷ ତଥ୍ୟ (ଡି.ପି.ଆର) ଚଳିତ ମାସ ୧୫ ତାରିଖରେ ରେଲୱେ ବୋର୍ଡ଼ ଓ ମନ୍ତ୍ରଣାଳୟକୁ ପଠାଇବା ପାଇଁ ଦାବୀ କରିଥିଲେ। ଏ ରେଳପଥ ନିର୍ମାଣ ହେଲେ ଓଡ଼ିଶାର ବିଭିନ୍ନ ଜିଲ୍ଲା ତଥା ସାରାଭାରତରୁ ତୀର୍ଥଯାତ୍ରୀ ଓ ପର୍ଯ୍ୟଟକ ଭାରତ ବିଖ୍ୟାତ ନାଭିଗୟା, ପ୍ରସିଦ୍ଧଶକ୍ତି ପୀଠ ମା ବୀରଜା, ଶୈବ୍ୟ ପୀଠ ଆଖଣ୍ଡଳମଣୀ, ମା ଧାମରାଇ,ବିଶ୍ୱ ପ୍ରସିଦ୍ଧ ଭିତରକନିକା କୁମ୍ଭୀର ଅଭୟାରଣ୍ୟ ଦେଖିବାକୁ ସୁଯୋଗ ପାଇବେ। କେନ୍ଦ୍ରାପନା, ଢ଼େଙ୍କାନାଳ, ଅନୁଗୁଳ, କେନ୍ଦୁଝର, ଯାଜପୁର ଅଂଚଳରୁ କ୍ରୋମାଇଟ୍, ଆଇରନ୍ ଓର, ମାଙ୍ଗାନିଜ୍, ନିକେଲ ଏହି ରାସ୍ତାରେ କମ୍ ସମୟରେ କମ୍ ଖର୍ଚ୍ଚରେ ପରିବହନ ହୋଇପାରିବ। କଳିଙ୍ଗ ନଗର ଓ ନାଲ୍‌କରୁ ଉତ୍ପାଦିତ ଓ ଖଣିଜ ପାଦାର୍ଥରୁ ଉତ୍ପାଦିତ ରପ୍ତାନି ପାଇଁ ପରିବହନ ସହଜ ସାପକ୍ଷ ହୋଇପାରିବ। ଅନ୍ୟପକ୍ଷରେ ଚାନ୍ଦବାଲି, ଧାମରା, ଦଶରଥପୁର, ବିଞ୍ଝାରପୁର, ବରୀ ବନ୍ୟା ପ୍ରପିଡ଼ିତ ଅଂଚଳରୁ ଲୋକମାନଙ୍କ ପାଇଁ ଯାତାୟତ ବା ବନ୍ୟା ସମୟରେ କାର୍ଯ୍ୟ ସହାୟକ ହୋଇପାରିବ।

# ପିଏମ୍-ପୋଷଣକୁ ନେଇ ପ୍ରଶିକ୍ଷଣ

ଭୁବନେଶ୍ୱର, ୧୨।୭ (ମହାଭାରତ): ସରକାରୀ ବିଦ୍ୟାଳୟରେ ପଢ଼ିଥିବା ଛାତ୍ରଛାତ୍ରୀମାନଙ୍କୁ ସୁରକ୍ଷିତ ଓ ସ୍ୱାସ୍ଥ୍ୟକର ମଧ୍ୟାହ୍ନ ଭୋଜନ ଯୋଗାଇଦେବା ଲକ୍ଷ୍ୟରେ ଭୁବନେଶ୍ୱରସ୍ଥିତ ମିଶନ ଶକ୍ତି ଭବନ ପରିସରରେ ଗୁରୁବାର ଏକ ଦୁଇଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଶୁଭ ଉଦଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମ ୮ ଟି ପର୍ଯ୍ୟାୟରେ ଆସନ୍ତା ଅଗଷ୍ଟ ୭ ତାରିଖ ଯାଏଁ ଚାଲିବ। ଭାରତ ସରକାରଙ୍କ ପିଏମ-ପୋଷଣ, ମିଳିତ ଜାତିସଂଘ ବିଶ୍ୱ ଖାଦ୍ୟ ସଂଗଠନ ଏବଂ ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି



କାର୍ଯ୍ୟକ୍ରମରେ ପିଲାମାନଙ୍କୁ ପୋଷଣଯୁକ୍ତ ମଧ୍ୟାହ୍ନ ଭୋଜନ ଯୋଗାଇବା ସମ୍ପର୍କରେ ଆଲୋଚନା କରାଯାଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଶ୍ରୀ ଗଣ୍ଡ ଓଡ଼ିଶାରେ କିପରି ପୁଷ୍ଟିକର ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ ହୋଇପାରିବ ସେ ନେଇ ଅଭିଭାଷଣ ରଖିଥିଲେ। ଏହାସହ ଅପପୁଷ୍ଟି ନିରାକରଣ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ରାଜ୍ୟର ୩୦ ଟି ଜିଲ୍ଲାରୁ ୮୦୦ ଜଣ ପାଚିକା ତଥା ସହାୟିକାଙ୍କୁ ମାଷ୍ଟର ଟ୍ରେନର ଭାବରେ ୮ ଟି ପର୍ଯ୍ୟାୟରେ ଦୁଇଦିନିଆ ପ୍ରଶିକ୍ଷଣ ଦିଆଯିବ। ଏହି ଅବସରରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର ଓ ରାୟଗଡ଼ା ଜିଲ୍ଲାରୁ ଆସିଥିବା ମାଷ୍ଟର ଟ୍ରେନରମାନେ ଅଂଶଗ୍ରହଣ କରି ସୁରକ୍ଷିତ ଏବଂ ସ୍ୱାସ୍ଥ୍ୟକର ପରିବେଶରେ କିଭଳି ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ କରାଯିବ ସେ ନେଇ ପ୍ରଶିକ୍ଷଣ ଗ୍ରହଣ କରିଛନ୍ତି। ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମର ରାଜ୍ୟ ମୁଖ୍ୟ ହିମାଂଶୁ ବଳ କାର୍ଯ୍ୟକ୍ରମର ପ୍ରଥମ ଦିବସରେ ଉତ୍ତମ ଗୁଣବତାଯୁକ୍ତ ଖାଦ୍ୟ ପ୍ରସ୍ତୁତ କରିବା, ଉତ୍କୃଷ୍ଟମାନ ସାମଗ୍ରୀ ବ୍ୟବହାର କରିବା, ରୋଷେଇ ପ୍ରଣାଳୀ, ଆବର୍ଜନା ପରିଚାଳନା ଏବଂ ପୋଷଣ ଉଦ୍ୟାନର ଉନ୍ନତିକରଣ ସମ୍ପର୍କରେ ଆଲୋଚନା କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଏଫଏସ୍‌ଏସ୍‌ଏଆଇ ରେ ପଞ୍ଜୀକୃତ ହୋଇଥିବା ସଂସ୍ଥା ଦ୍ୱାରା ଖାଦ୍ୟ ସୁରକ୍ଷା ତାଲିମ୍ ଏବଂ ପ୍ରମାଣୀକରଣ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅତରିକ୍ତ ଶାସନ ସଚିବ ସଂଗ୍ରାମ କେଶରୀ ମହାପାତ୍ର ଉପସ୍ଥିତ ରହିଥିଲେ।

# ଜିଆରଏମ ଓଭରସିଜ୍‌ର ୬୦୦ ନିୟୁତ ଟଙ୍କାର ବାସମତୀ ଚାଉଳ ଅର୍ଡର

ଭୁବନେଶ୍ୱର, ୧୨।୭ (ମହାଭାରତ): ଅନ୍ୟତମ ଅଗ୍ରଣୀ ଭାରତୀୟ ବାସମତୀ ଚାଉଳ ରପ୍ତାନିକାରୀ ତଥା ଭାରତର ଅଗ୍ରଣୀ ଖାଦ୍ୟ ଏଫ୍‌ଏମ୍‌ସିଜି ଜିଆରଏମ୍ ଓଭରସିଜ୍ ଲିମିଟେଡ୍ ୟେମେନର ବିନ୍ ଅବଧ ଅଲନାକିବ ଗ୍ରୁପ୍ ଠାରୁ ୬୦୦ ନିୟୁତ ଟଙ୍କାର ନୂଆ ଅର୍ଡର ହାସଲ କରିଛି। ବୁଝାମଣା ଅନୁଯାୟୀ, ଜିଆରଏମ ଓଭରସିଜ୍ ଭାରତୀୟ ବାସମତୀ ଚାଉଳକୁ ବିନ୍ ଅବଧ ଅଲନାକିବ ଗ୍ରୁପ୍‌କୁ ପଠାଇବ, ଯାହା କି ଭାରତରୁ ବାସମତୀ ଚାଉଳର ସବୁଠାରୁ ବଡ଼ ଆମଦାନୀକାରୀ। ୬୦୦ ନିୟୁତ ଟଙ୍କାର ଅର୍ଡର ହେଉଛି ୟେମେନର ଆମଦାନୀ ବିତରକଙ୍କଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ମିଳିଥିବା ସବୁଠାରୁ ବଡ ଅର୍ଡର। ଜିଆରଏମ ଓଭରସିଜ୍‌ର ଅଧକ୍ଷ ତଥା ଏମ୍.ଡି ଅତୁଲ ଗର୍ଗ କହିଛନ୍ତି ଯେ "ବିନ୍ ଅବଧ ଅଲନାକିବ ଜେନେରାଲ ଟ୍ରେଡିଂ କର୍ପୋରେସନ୍‌ର ମୂଲ୍ୟ ବୃଦ୍ଧି ସହିତ ଅର୍ଡରର କ୍ରମାଗତ ପ୍ରବାହ ବିଦେଶୀ ବଜାରରେ ଆମର ବିଶ୍ୱାସକୁ ସୂଚାଇଥାଏ। ମଧ୍ୟପ୍ରାଚ୍ୟ ଆମ ପାଇଁ ଏକ ପ୍ରମୁଖ ବଜାର ଏବଂ ୟେମେନରୁ ଅର୍ଡର ଏହି ଅଂଚଳରୁ ଆମର ରାଜସ୍ୱକୁ ଆହୁରି ସୁଦୃଢ଼ କରିବ।"

# ମାଓବାଦୀଙ୍କୁ ସମର୍ଥନ ଏବଂ ଉତ୍ସାହିତ

ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧିନ ଏନଡିଏ ସରକାରର ଏକ ବଡ଼ ସଫଳତା ହେଲା, ଦେଶରେ ବାମପନ୍ଥୀ ଉଗ୍ରବାଦୀ ସଙ୍ଗଠନ ବା ମାଓବାଦୀଙ୍କୁ ନିପାତ କରିବାରେ ସୁରକ୍ଷା ବାହିନୀ ସଫଳତା ହାସଲ କରିଛି। ମାଓବାଦୀମାନେ ଯେ ସମ୍ପୂର୍ଣ୍ଣ ବିଲୁପ୍ତ ହୋଇଛନ୍ତି, ସେ କଥା ନୁହେଁ। ସେମାନେ ଏବେ ବି ଅନେକ ରାଜ୍ୟରେ ସକ୍ରିୟ ଅଛନ୍ତି ଏବଂ ନିରୀହ ଲୋକଙ୍କୁ ହତ୍ୟା କରୁଛନ୍ତି। କିନ୍ତୁ ଏକଥା ସ୍ୱୀକାର କରିବାକୁ ପଡ଼ିବ ଯେ, ମାଓବାଦୀମାନେ ଏବେ ଆତ୍ମରକ୍ଷା ଲାଗି ସଂଘର୍ଷ କରୁଛନ୍ତି। ନିଜର ସ୍ଥିତି ଜାହିର କରିବାକୁ ସେମାନେ ମଝିରେ ମଝିରେ ନିରୀହ, ନିରସ୍ତ୍ର ବ୍ୟକ୍ତିଙ୍କୁ ହତ୍ୟା କରୁଛନ୍ତି ଏବଂ ବିସ୍ଫୋରଣ କରୁଛନ୍ତି। କିନ୍ତୁ ସେମାନଙ୍କ ସଙ୍ଗଠନ ଦୁର୍ବଳ ହୋଇଛି, ସଶସ୍ତ୍ର ବାହିନୀର ଘନ ଘନ ଆକ୍ରମଣରେ ସେମାନେ ପଳାୟନପନ୍ଥୀ ବୋଲି କହିଲେ ଭୁଲ ହେବ ନାହିଁ। ମହାରାଷ୍ଟ୍ରର ଗଡ଼ ଚିରୋଲି ହେଉ ଅଥବା ଛତିଶଗଡ଼ର ବସ୍ତର ଉପତ୍ୟକା ସବୁଠି ମାଓବାଦୀଙ୍କୁ ଦମନ କରିବା ଲାଗି ସୁରକ୍ଷା ବାହିନୀ ସ୍ୱତନ୍ତ୍ର ରଣନୀତି କାର୍ଯ୍ୟକାରୀ କରୁଛି। ମାଓବାଦୀ ସଙ୍ଗଠନ ପକ୍ଷରୁ ମଧ୍ୟ ଏହା ସ୍ୱୀକାର କରାଯାଇଛି। ନିର୍ବାଚନ ପୂର୍ବରୁ ମାଓଦମନ ଅଭିଯାନ ତ୍ୱରାନ୍ୱିତ ହୋଇଛି। ମାତ୍ର ୧୫ ଦିନରେ ୫୦ ମାଓବାଦୀ ନିହତ ହୋଇଥିବା ସଙ୍ଗଠନ ପକ୍ଷରୁ ସ୍ୱୀକାର କରାଯାଇଛି। ଅନେକ ସ୍ଥାନରୁ ସୁରକ୍ଷା ବାହିନୀ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଏବଂ ବିସ୍ଫୋରକ ଜବତ କରିଛି। ଅନେକ ସ୍ଥାନରେ ମାଓବାଦୀ ଖଞ୍ଜିଥିବା ବିସ୍ଫୋରକକୁ ଅଚଳ କରିଦିଆଯାଇଛି। ମାଓବାଦୀଙ୍କୁ ସୁରକ୍ଷା କର୍ମୀ ଗୋଡ଼ାଇଥିବା ବେଳେ ସେମାନେ ପଳାୟନ କରୁଛନ୍ତି। ଆଦିବାସୀ ମାନେ ଆଉ ମାଓବାଦୀଙ୍କୁ ସମର୍ଥନ କରୁନାହାଁନ୍ତି। ସେମାନେ ସତ କ'ଣ ଜାଣି ସାରିଲେଣି। ସେଥିପାଇଁ ଅନେକ ମାଓ କ୍ୟାଡର ପୋଲିସ ନିକଟରେ ଆତ୍ମସମର୍ପଣ କରୁଛନ୍ତି। ଅନେକ ମାଓ ସମର୍ଥକ ପୋଲିସକୁ ସହାୟତା ଲାଗି ସାହସର ସହିତ ଆଗେଇ ଆସିଛନ୍ତି। ଏବେ ସାଧାରଣ ଲୋକଙ୍କ ମନରେ ବିଶ୍ୱାସ ସୃଷ୍ଟି ହୋଇଛି ଯେ, ମାଓବାଦୀମାନେ ଆଉ ସେମାନଙ୍କୁ ଭୟଭୀତ କରିପାରିବେ ନାହିଁ, ସେମାନଙ୍କ ପଛରେ ସୁରକ୍ଷା କର୍ମୀ ଅଛନ୍ତି। ମାଓଦମନରେ ଏହି ସଫଳତାର ଶ୍ରେୟ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କୁ ମିଳିବା ଉଚିତ। କିନ୍ତୁ ଏହାର ସର୍ବାଧିକ ଶ୍ରେୟ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କୁ ମିଳିବା ଉଚିତ। ମାଓଦମନ ଲାଗି ସ୍ୱତନ୍ତ୍ର ରଣନୀତି, ଘନ ଘନ ବୈଠକ, ମାଓ ଉପଦ୍ରୁତ ଇଲାକାରେ ଅଧିକ କେନ୍ଦ୍ରୀୟ ସୁରକ୍ଷା କର୍ମୀ ମୁତୟନ, ଅତ୍ୟାଧୁନୀକ ଅସ୍ତ୍ରଶସ୍ତ୍ର, ଯନ୍ତ୍ରପାତି ଏବଂ ଯାନବାହନ ବ୍ୟବହାର ସହିତ ଅଞ୍ଚଳର ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବା ଦ୍ୱାରା ଆଜି ଭାରତରେ ମାଓବାଦୀ ସଙ୍ଗଠନ ଗୁଡ଼ିକ ଏକପ୍ରକାର ବିଲୁପ୍ତ ହେବାକୁ ବସିଛି। ମାନବାଧିକାର ସଙ୍ଗଠନ ଗୁଡ଼ିକ କେନ୍ଦ୍ରର ମାଓଦମନ ଅଭିଯାନକୁ ବିରୋଧ କରୁଥିଲେ ମଧ୍ୟ ସାଧାରଣ ଲୋକ ଏହାକୁ ସମର୍ଥନ କରୁଛନ୍ତି। ଗତ ୧୦ ବର୍ଷ ଭିତରେ ତଥାକଥିତ ବୁଦ୍ଧିଜୀବୀ, ମାନବାଧିକାର କର୍ମୀ ଏବଂ ମାଓ ସମର୍ଥକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଅନେକଙ୍କୁ ଗିରଫ କରାଯାଇଛି। ସେମାନେ ପ୍ରତ୍ୟକ୍ଷ ଭାବେ ହିଂସାରେ ସମ୍ପୃକ୍ତ ନଥିଲେ ମଧ୍ୟ ମାଓବାଦୀଙ୍କୁ ସମର୍ଥନ ଏବଂ ଉତ୍ସାହିତ କରୁଛନ୍ତି। ସେମାନେ ସାଧାରଣ ମାଓ କ୍ୟାଡରଙ୍କଠାରୁ ଅଧିକ ମାରାତ୍ମକ ଏବଂ ବିପଜ୍ଜନକ। ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିହାତି ଜରୁରୀ ଥିଲା। ୨୦୧୬ରେ କେନ୍ଦ୍ର ସରକାରଙ୍କ ବିମୁଦ୍ରିକରଣ ଥିଲା ମାଓ ଦମନ ଅଭିଯାନର ପ୍ରଥମ ପଦକ୍ଷେପ। ଏହା ଦ୍ୱାରା ସେମାନଙ୍କ ଆର୍ଥିକ ସ୍ଥିତି ଦୁର୍ବଳ ହୋଇଯାଇଥିଲା। ଜଙ୍ଗଲରେ ଗଞ୍ଜେଇ ଚାଷ କରି ସେମାନେ ବିପୁଳ ଅର୍ଥ ରୋଜଗାର କରୁଥିଲେ। ସ୍ୱତନ୍ତ୍ର ଅଭିଯାନ ମାଧ୍ୟମରେ ଏହାକୁ ଅନେକାଂଶରେ ରୋକାଯାଇଛି।

# ରକ୍ତଦାତାଙ୍କ ପାଇଁ ଆହ୍ୱାନ

*"ଅଷ୍ଟ୍ରୀୟ ବିଜ୍ଞାନୀ କାର୍ଲ ଲାଣ୍ଡଷ୍ଟେଇନ୍‌ର ୧୯୦୧ ମସିହାରେ ପ୍ରଥମ ତିନିଟି ରକ୍ତବର୍ଗ (ଓ, ଏ, ଏବଂ ବି) ଆବିଷ୍କାର କରିଥିଲେ । ତାଙ୍କ ଜନ୍ମଦିନକୁ 'ବିଶ୍ୱ ରକ୍ତଦାନ ଦିବସ' ଭାବେ ପାଳନ କରାଯାଏ । ମଣିଷ ରକ୍ତକୁ ଆଠଟି ବର୍ଗରେ ବିଭକ୍ତ କରାଯାଇଛି । ସେଗୁଡ଼ିକ ହେଲା ଓ+, ଓ-, ଏ+, ଏ, ବି+, ବି- ଏବଂ ଏବି।*

**॥ ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥**

ରକ୍ତଦାନ ଦ୍ୱାରା ସାମାଜିକ ସେବା ଦାୟିତ୍ୱବୋଧତାର ଅଙ୍ଗୀକାରତାକୁ ସମାଜରେ ଦିଗ୍‌ଦର୍ଶନ ଦେବା ପାଇଁ ଯେଉଁ ମହାନ କ୍ରାନ୍ତିଦର୍ଶୀ ଏହି ଦିବସଟିକୁ ସ୍ମରଣୀୟ କରିଥିଲେ ତାଙ୍କରି ପାଇଁ ବିଶ୍ୱ ରକ୍ତଦାତା ଦିବସର ମହତ୍ତ୍ୱ ଅନୁରଣିତ ହେଉଛି । ସଂପ୍ରତି ସମଗ୍ର ବିଶ୍ୱରେ ଦିନକୁ ଦିନ ପ୍ରାକୃତିକ ବିପର୍ଯ୍ୟୟ, ସଡ଼କ ଦୁର୍ଘଟଣା ଓ ସାମାଜିକ ଅଘଟଣ କ୍ଷେତ୍ରରେ ଲୋଡ଼ା ପଡୁଛି ଅମୂଲ୍ୟ ରକ୍ତ । ଯଥାର୍ଥରେ କୁହାଯାଏ ରକ୍ତଦାନ ଶ୍ରେଷ୍ଠ ଦାନ । ରକ୍ତର ବିକଳ୍ପ ନାହିଁ । ତେବେ ଆଜି ଏହି ରକ୍ତ ସଂକଟ ସ୍ୱାସ୍ଥ୍ୟସେବା କ୍ଷେତ୍ରକୁ ଯେତିକି ଚିନ୍ତାଗ୍ରସ୍ତ କରୁଛି ତତୋଧିକ ଉଦ୍‌ବେଳିତ କରୁଛି ମୁମୂର୍ଷୁଟିକୁ । ଦିନକୁ ଦିନ ଅଭାବନୀୟ ଘଟଣାଚକ୍ରରେ ଖୋଜା ପଡୁଥିବା ରକ୍ତ ଖୁବ୍ କମ ମାତ୍ରାରେ ମିଳୁଥିବାରୁ ଏହାକୁ ନେଇ ଅଧିକାଂଶ କ୍ଷେତ୍ରରେ ମୁମୂର୍ଷୁଟିର ଜୀବନ ଦୀପ ନିର୍ବାପିତ ହେଉଛି । ସରକାରୀସ୍ତର ଆଉ ବେସରକାରୀସ୍ତରରେ ରକ୍ତଦାନ ଶିବିର ବ୍ୟାପକ ଭାବରେ ଆୟୋଜିତ ହେବା ସହ ଏ ନେଇ ବିଭିନ୍ନ ସଚେତନଧର୍ମୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ବିଶ୍ୱ ରେଡ଼କ୍ରସ ସଂସ୍ଥା ସହିତ କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଓ ରାଜ୍ୟ ସରକାରଙ୍କର ସ୍ୱାସ୍ଥ୍ୟ ବିଭାଗର ପରିଚାଳନାରେ ରକ୍ତ ଭଣ୍ଡାର ମଧ କାର୍ଯ୍ୟ କରୁଛି । ସେହିପରି ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ସମାଜସେବୀ ଅନୁଷ୍ଠାନ ଓ ଆଧ୍ୟାତ୍ମିକ ସେବା ସଂଗଠନ ମାନେ ଏହି ମହାର୍ଘ୍ୟ ସେବାଦାନକୁ ଆପଣାଇ ନିୟମିତ ରକ୍ତଦାନ ଶିବିର କାର୍ଯ୍ୟକ୍ରମ ହାତକୁ ନେଉଛନ୍ତି । ସାଧାରଣରେ ଦେଖାଯାଇଥାଏ ରକ୍ତ ସଂଗ୍ରହ କ୍ଷେତ୍ରରେ ଯୁବପିଢ଼ୀଙ୍କ ସହଯୋଗ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ରକ୍ତସଂଗ୍ରହ କ୍ଷେତ୍ରରେ କୁସଂସ୍କାର, ଅନ୍ଧବିଶ୍ୱାସ, ଭୁଲଭ୍ରାନ୍ତିକୁ ସେହିମାନେ ନିଜର ସଂସ୍କାରଭିମୁଖୀ ଚିନ୍ତା ଓ ଚେତନାରେ ସମସ୍ତଙ୍କୁ ବୁଝାଇବାର ସାମର୍ଥ୍ୟ ରଖି ନିଜେ ସର୍ବପ୍ରଥମ ଏହି ସେବା ପାଇଁ ନିଜକୁ ଉତ୍ସର୍ଗ କରୁଛନ୍ତି । ଯୁବ ପିଢ଼ୀଙ୍କ ଏହି ମହାର୍ଘ୍ୟ ସେବା ନିଶ୍ଚିତ ଭାବରେ ଆମ ସମାଜର ସମସ୍ତଙ୍କ ପ୍ରେରଣାର ଆଲୋକବର୍ତ୍ତିକା ।

ଅଷ୍ଟ୍ରୀୟ ବିଜ୍ଞାନୀ କାର୍ଲ ଲାଣ୍ଡଷ୍ଟେଇନ୍‌ର ୧୯୦୧ ମସିହାରେ ପ୍ରଥମ ତିନିଟି ରକ୍ତବର୍ଗ (ଓ, ଏ, ଏବଂ ବି) ଆବିଷ୍କାର କରିଥିଲେ । ତାଙ୍କ ଜନ୍ମଦିନକୁ 'ବିଶ୍ୱ ରକ୍ତଦାନ ଦିବସ' ଭାବେ ପାଳନ କରାଯାଏ । ମଣିଷ ରକ୍ତକୁ ଆଠଟି ବର୍ଗରେ ବିଭକ୍ତ କରାଯାଇଛି । ସେଗୁଡ଼ିକ ହେଲା ଓ+, ଓ-, ଏ+, ଏ, ବି+, ବି- ଏବଂ ଏବି। ବିଶ୍ୱରେ ପ୍ରତି ୩ଜଣରେ ଜଣେ ଓ+, ପ୍ରତି ୧୫ ଜଣରେ ଜଣେ ଓ-, ପ୍ରତି ୩ ଜଣରେ ଜଣେ ଏ+, ପ୍ରତି ୧୬ ଜଣରେ ଜଣେ ଏ-, ପ୍ରତି ୧୨ ଜଣରେ ଜଣେ ବି+, ପ୍ରତି ୬୭ଜଣରେ ଜଣେ ବି-, ପ୍ରତି ୨୯ଜଣରେ ଜଣେ ଏବି+ ଏବଂ ପ୍ରତି ୧୬୭ ଜଣରେ ଜଣେ ଏବି- ରକ୍ତବର୍ଗର ମଣିଷ ଅଛନ୍ତି ଓ- ବର୍ଗର ରକ୍ତ ଯେ କୌଣସି ରକ୍ତବର୍ଗ ଥିବା ମଣିଷ ଗ୍ରହଣ କରିପାରନ୍ତି । ଏଣୁ ଏହାର ଚାହିଦା ସର୍ବାଧିକ । ତେବେ ମାତ୍ର ୭ ପ୍ରତିଶତ ଭାରତୀୟ ଏହି ବର୍ଗର ରକ୍ତଧାରୀ । ପ୍ରତ୍ୟେକ ସୁସ୍ଥ ସବଳ ପ୍ରାପ୍ତ ବୟସ୍କ ମଣିଷ ଶରୀରରେ ପ୍ରାୟ ୧୦ ୟୁନିଟ୍ ବା ୧୦ ପିଣ୍ଟ ରକ୍ତ ଥାଏ । ସେ ଚାହିଁଲେ ପ୍ରତି ୫୬ ଦିନରେ ଥରେ ମାତ୍ର ୧ ପିଣ୍ଟ ରକ୍ତଦାନ କରିପାରେ । ଉଲ୍ଲେଖଯୋଗ୍ୟ ଯେ ହୃଦୟର ଶଲ୍ୟ ଚିକିତ୍ସା ବା ହାର୍ଟ ସର୍ଜରୀ ବେଳେ ୬ ପିଣ୍ଟ ରକ୍ତ, ଅସ୍ଥିମଜ୍ଜା ପ୍ରତିରୋପଣ ବେଳେ ୨ ପିଣ୍ଟ ରକ୍ତ ଏବଂ ଲିଭର ପ୍ରତିରୋପଣ ବେଳେ ୧୦ ପିଣ୍ଟ ରକ୍ତ ଆବଶ୍ୟକ ହୋଇଥାଏ । ତା'ଛଡ଼ା ସଡ଼କ ଦୁର୍ଘଟଣା ଓ ଅଗ୍ନି ଦ୍ୱାରା ଗୁରୁତର ଆହତ ହେଉଥିବା ଲୋକଙ୍କ ପାଇଁ ମଧ ୫୦ ପିଣ୍ଟ ପର୍ଯ୍ୟନ୍ତ ରକ୍ତ ଦରକାର ହୋଇଥାଏ । ରକ୍ତଦାନ ସମ୍ପର୍କରେ ରକ୍ତଦାତା ଓ ରକ୍ତ ନେଉଥିବା ଲୋକଙ୍କ ଭିତରେ ଅନେକ ଭୁଲ ଧାରଣା ଓ ଅନ୍ଧବିଶ୍ୱାସ ରହିଥାଏ । ପ୍ରତ୍ୟେକ ମଣିଷ ଶରୀରରେ ରକ୍ତର ବିଭିନ୍ନ ଉପାଦାନ ୧୨୦ ଦିନ ପର୍ଯ୍ୟନ୍ତ ରହିଲା ପରେ ନଷ୍ଟ ହୋଇଯାଏ । ଶ୍ୱେତରକ୍ତ କଣିକା ମାତ୍ର ସାତ ଘଣ୍ଟା ଶରୀରରେ ରହିପାରୁଥିବା ବେଳେ, ପ୍ଲାଟିଲେଟ ପାଞ୍ଚଦିନ ଓ ଲୋହିତ ରକ୍ତକଣିକା ପାଖାପାଖି ଚାରିମାସ ଶରୀରରେ ରହିଲା ପରେ ନଷ୍ଟ ହୋଇଯାଏ । ସବୁଠାରୁ ବଡ଼ କଥା ହେଉଛି ଜଣେ ରକ୍ତଦାତା ରକ୍ତଦାନ କରିବାର ପନ୍ଦର ଦିନ ଭିତରେ ତାଙ୍କ ଶରୀରରେ ଦାନ କରିଥିବା ରକ୍ତର ଭରଣା ହୋଇଯାଇଥାଏ । ସେହିପରି ନିୟମିତ ରକ୍ତଦାନ କରିବା ଦ୍ୱାରା ଶରୀରରୁ ଚର୍ବିର ଅଂଶ କମ୍ ହୋଇଯିବା ସହ ହୃଦରୋଗ ଓ ଉଚ୍ଚରକ୍ତଚାପର ସମ୍ଭାବନା ହ୍ରାସ ପାଇଥାଏ । ସେହିପରି ରକ୍ତଦାନ କରିବାବେଳେ ରକ୍ତଦାତାର ରକ୍ତପରୀକ୍ଷା ହେଉଥିବାରୁ ଏହା ଦ୍ୱାରା ହେପାଟାଇଟିସ୍, ମ୍ୟାଲେରିଆ, ଡାଇବେଟିସ ଓ ଏଚ୍ଆଇଭି ପରି ବିଭିନ୍ନ ରୋଗ ସମ୍ପର୍କରେ ପରୀକ୍ଷାରୁ ସୂଚନା ମିଳିଥାଏ । ଆହୁରି ମଧ ପ୍ରକାଶ ଯେ, ପ୍ରତି ବର୍ଷ କେବଳ ଭାରତରେ ଆବଶ୍ୟକ ହୁଏ ୪ କୋଟି ପିଣ୍ଟ ରକ୍ତ । ତେବେ ସଂଗୃହୀତ ହୁଏ ମାତ୍ର ୪୦ ଲକ୍ଷ ପିଣ୍ଟ । ଏଠାରେ ପ୍ରତି ଦୁଇ ସେକେଣ୍ଡରେ କେହି ନା କେହି ଜଣେ ରକ୍ତ ଦରକାର କରିଥାଏ । ଏଣୁ ପ୍ରତିଦିନ ୩୮୦୦୦ ମଣିଷ ରକ୍ତଦାନ କରିବା ଆବଶ୍ୟକ । ରକ୍ତଦାନ କଲେ କୌଣସି କ୍ଷତି ହୁଏନାହିଁ । କେବଳ ରକ୍ତଦାତାଙ୍କର ଲାଭ ହିଁ ହୋଇଥାଏ । ଜଣେ ଯଦି ୧୮ ବର୍ଷରୁ ରକ୍ତଦାନ ଆରମ୍ଭ କରେ ଏବଂ ପ୍ରତି ୯୦ ଦିନରେ ଥରେ ରକ୍ତ ଦେଇଚାଲେ, ସେ ଷାଠିଏ ବର୍ଷରେ ପହଞ୍ଚିବା ବେଳକୁ ୩୦ ଗ୍ୟାଲେନ୍ ରକ୍ତ ଦେଇଥାଏ । ଯାହାଦ୍ୱାରା କି ଅନ୍ୟୁନ ୫୦୦ ଲୋକଙ୍କ ଜୀବନରକ୍ଷା ସଂଭବ । ସ୍ୱେଚ୍ଛାକୃତ ରକ୍ତଦାନ ଠାରୁ ବଳି ଅନ୍ୟ କିଛି ନାହିଁ । କୃତ୍ରିମ ରକ୍ତ ସୃଷ୍ଟି କରାଯାଇପାରିବ ନାହିଁ । ଏଣୁ ରକ୍ତଦାନ ଜୀବନଦାନ ସହ ସମାନ ଏକ ମହତ୍ କାର୍ଯ୍ୟ । ବର୍ଷର ବିଭିନ୍ନ ସମୟରେ ସରକାରୀ ଓ ବେସରକାରୀ ସଂସ୍ଥା ଦ୍ୱାରା ରକ୍ତଦାତା ମାନଙ୍କ ଅନାଲୋଚିତ ପ୍ରତିଭାକୁ ସମସ୍ତଙ୍କ ସାମ୍ନାକୁ ଆଣି ସେହି ଜୀବନଦାତା ମାନଙ୍କୁ ସମ୍ବର୍ଦ୍ଧିତ ଓ ସମ୍ମାନିତ କରାଯାଉଛି ଏହା ନିଶ୍ଚିତ ଭାବେ ଅନ୍ୟ ରକ୍ତଦାତାଙ୍କ ଭିତରେ ପ୍ରେରଣା ସୃଷ୍ଟି କରିବ । ଜଣେ ଯୁବରକ୍ତ ଦାତା ରକ୍ତଦାନ କରୁଥିଲେ ରେଡ଼କ୍ରସ ବା ସଂପୃକ୍ତ ରକ୍ତଭଣ୍ଡାର ପକ୍ଷରୁ ପ୍ରତିବଦଳ ରକ୍ତ ପାଇଁ ଏକ ପରିଚୟ ପତ୍ର ମିଳିଥାଏ । ତେବେ ସରକାର ଓ ରେଡ଼କ୍ରସର ମିଳିତ ସହଯୋଗରେ ଯୁବରକ୍ତଦାତା ମାନଙ୍କ ପାଇଁ ସ୍ୱତନ୍ତ୍ର ପ୍ରୋତ୍ସାହନ ବ୍ୟବସ୍ଥା କିଛି ରଖାଗଲେ ରକ୍ତଦାନର କାର୍ଯ୍ୟକ୍ରମ ଆହୁରି ବି ତ୍ୱରାନ୍ୱିତ ହୋଇପାରନ୍ତା । ସରକାରୀ ଓ ବେସରକାରୀ ସଂସ୍ଥାକୁ ଛାଡ଼ିଲେ ସରକାରଙ୍କ ସହଯୋଗୀ ସଂଗଠନ ମାନେ ମଧ ବର୍ଷର ବିଭିନ୍ନ ସମୟରେ ରକ୍ତଦାନ ଶିବିର ଆୟୋଜିତ କରିଥାନ୍ତି । ଆଜି ବିଶ୍ୱ ରେଡ଼କ୍ରସ ଦିବସ ଅବସରରେ ଯୁବ ପିଢ଼ୀଙ୍କ ଭିତରେ ଯଥାର୍ଥ ମାନବ ଜୀବନକୁ ଉଜ୍ଜୀବିତ କରିବା ପାଇଁ ରକ୍ତଦାନ ପରି ଜୀବନ ଦାନର ମହାମନ୍ତ୍ରକୁ ଆପଣାଇ ମୁମୂର୍ଷୁଟିର ଜୀବନ ରକ୍ଷା ପାଇଁ ରକ୍ତଦାନ କଲେ ଯଥାର୍ଥ ମାନବୀୟ ଜୀବନ ସାର୍ଥକ ହୁଅନ୍ତା । ନିଜର ରକ୍ତଦ୍ୱାରା ଅନ୍ୟ ଜଣଙ୍କ ଅମୂଲ୍ୟ ଜୀବନ ରକ୍ଷା ହୋଇପାରିଲେ ଏହା ଯଥାର୍ଥ ଭାବେ ଜୀବନର ଶ୍ରେଷ୍ଠ ଦାୟିତ୍ୱବୋଧ ଯେ ହୁଅନ୍ତା ଏହି ବାର୍ତ୍ତା ବିଶ୍ୱ ରକ୍ତଦାତା ଦିବସର ଅନୁଚିନ୍ତନ ହେଉ ଏହା ହିଁ କାମନା ।

ପ୍ରଫେସର, ହେପାଟୋଲୋଜି ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭

# ଯୁବନୀତିରେ ଛାତ୍ରୀଙ୍କୁ ଆତ୍ମରକ୍ଷା କୌଶଳ

**॥ ଯଶସ୍ୱିନୀ ପଟ୍ଟନାୟକ ॥**

ଓଡ଼ିଶାର ଲୋକପ୍ରିୟ ସରକାର ଛାତ୍ରଛାତ୍ରୀଙ୍କ ବିବିଧ କଲ୍ୟାଣ ପାଇଁ କାର୍ଯ୍ୟ କରୁଛନ୍ତି। ସେମାନଙ୍କ ପାଠପଢ଼ା ସହ ନିଜକୁ ସୁରକ୍ଷିତ ରଖିବା ସହ ସାମାଜିକ ସୁରକ୍ଷା ଦାୟିତ୍ୱର ଆହ୍ୱାନକୁ ଗ୍ରହଣ କରି ଆତ୍ମରକ୍ଷା କୌଶଳ ତାଲିମ ଦେବାର ବ୍ୟବସ୍ଥା ମଧ ହୋଇଛି। ନିକଟରେ ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଅନ୍ତର୍ଗତ ଉଭୟ ସରକାରୀ ଓ ଅନୁଦାନ ପ୍ରାପ୍ତ ମହାବିଦ୍ୟାଳୟର ପ୍ରଥମ ବର୍ଷର ଛାତ୍ରୀ ମାନଙ୍କୁ ଆରବିକ ତାଲିମ କୌଶଳ ଦିଆଯିବାର ବ୍ୟବସ୍ଥା ହୋଇଛି। ସୂଚନା ଥାଉକି ପ୍ରଥମ ଥର ଭାବେ ଆତ୍ମରକ୍ଷା କୌଶଳରେ ଏଭଳି ବ୍ୟବସ୍ଥାକୁ ଯୋଡ଼ା ଯାଇଛି। ପିଲାମାନଙ୍କୁ ଏହାସହ ବିଶେଷକରି ଛାତ୍ରୀମାନେ କିପରି ମାନସିକ ସ୍ତରରେ ଦକ୍ଷ ହେବେ ସେ ବ୍ୟବସ୍ଥା କରାଯାଉଛି। ଏହି ଦକ୍ଷତା କୌଶଳର ବିଭିନ୍ନ ବିଭାଗ କୁହାଯାଉଥିବା ମାଇଣ୍ଡ ଟୁ ମସଲ, ମସଲ ଟୁ ମାଇଣ୍ଡ, ଏନୋରବିକ, ଫ୍ଲେକ୍ସିବିଲିଟି ଓ ସେଲ୍ଫ ଡିଫେନ୍ସ ସ୍କିଲ ତାଲିମ ମିଳିବ। ପୁସଅପ୍ସ, ସ୍କ୍ୱାଟସ୍, ଲେଗ୍ କଲର୍ସ, ଲେଗ ଏକ୍ସଟେନ୍ସନ୍, ଚେଷ୍ଟ ପ୍ରେସ୍, ଥ୍ରି ୱେ ସୋଲଡର ଷ୍ଟ୍ରେବ ଭଳି ବିଷୟରେ ମଧ ଛାତ୍ରୀ ମାନଙ୍କୁ ଶିକ୍ଷା ଦିଆଯିବ।

ଆତ୍ମରକ୍ଷା କୌଶଳ ତାଲିମକୁ ଅଧିକ ବ୍ୟବସ୍ଥିତ ଢ଼ଙ୍ଗରେ କରିବାକୁ ବିଭାଗ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ୧୯୫ଟି କଲେଜରେ ଆତ୍ମରକ୍ଷା କୌଶଳ କ୍ଲବ ଗଠନ କରାଯିବା ସହ ସେହି କଲେଜ ଗୁଡ଼ିକୁ କ୍ଲବ ବାବଦରେ ୫୦ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯିବ। ଏହି ଟଙ୍କାକୁ ସେହି କଲେଜ ଲାଇଟ, ସାଉଣ୍ଡ, ପ୍ରଶିକ୍ଷଣ ସ୍ଥାନ ବାବଦରେ ଅତିବେଶିରେ ୨୦% ଖର୍ଚ୍ଚ କରିବାକୁ ଥିବାବେଳେ ମାଷ୍ଟର ଟ୍ରେର୍ନରଙ୍କ ପାଇଁ ୨୦% ଛାତ୍ରୀଙ୍କ ଶକ୍ତି ବର୍ଦ୍ଧକ ପାନୀୟ ଓ ଫଳ ପାଇଁ ୨୦%, କ୍ଲବର ଆନୁସଙ୍ଗିକ ସାମଗ୍ରୀ ଓ ମ୍ୟାଟ ବାବଦରେ ଅତିବେଶିରେ ୩୦%, ଫାଷ୍ଟଏଡ଼ ଡକ୍ୟୁମେଣ୍ଟେସନ, ରିପୋର୍ଟ ପ୍ରସ୍ତୁତି ପରି କାର୍ଯ୍ୟ ପାଇଁ ୧୦% ଅର୍ଥ ଖର୍ଚ୍ଚ କରାଯାଇପାରିବ। ଜରୁରୀକାଳୀନ ପରିସ୍ଥିତିରେ ଅଡିଟ ସମେତ ଅନ୍ୟାନ୍ୟ କାର୍ଯ୍ୟ ପାଇଁ କଲେଜ କର୍ତ୍ତୃପକ୍ଷ ସମସ୍ତ ବିଲକୁ ନୋଡାଲ କାର୍ଯ୍ୟାଳୟରେ ଦାଖଲ କରିବେ। ଗତ ୨୦୨୩-୨୪ ଶିକ୍ଷା ବର୍ଷ ପାଇଁ ବିଭାଗ ପକ୍ଷରୁ ନିୟମ ମଧ ଜାରି ହୋଇଛି। ବ୍ୟବସ୍ଥା ଅନୁଯାୟୀ ଆତ୍ମରକ୍ଷା କ୍ଷେତ୍ରରେ ଆଗ୍ରହୀ ଥା ଜଣେ ଅଧ୍ୟାପକଙ୍କୁ କାର୍ଯ୍ୟକ୍ରମର ନୋଡାଲ ଅଧିକାରୀ ଭାବେ ନିଯୁକ୍ତି ଦିଆଯିବ। ଆତ୍ମରକ୍ଷା କୌଶଳ କ୍ଲବର ରୂପରେଖ କଲେଜର ଅଧ୍ୟକ୍ଷ ପ୍ରସ୍ତୁତ ସହ କଲେଜରେ ମୋଟ କେତେଜଣ ଯୁକ୍ତ ୩ ପ୍ରଥମ ବର୍ଷ ଛାତ୍ରୀ ରହିଛନ୍ତି ତାହାର ତାଲିକା ପ୍ରଦାନ କରିବେ। ପ୍ରତି ଗ୍ରୁପରେ ୩୦ଜଣ ଲେଖାଏଁ ଛାତ୍ରୀ ରହିବେ। ରିପୋଟିଂ ଓ ପଞ୍ଜୀକରଣ ତାରିଖ ପ୍ରସ୍ତୁତ, ବିଭିନ୍ନ କାର୍ଯ୍ୟକଳାପ, କେଉଁ ଗ୍ରୁପର ତାଲିମ କେବେ ସରିବ, ଟ୍ରେନର / ରିସୋର୍ସ ପର୍ସନ / ଲେଡ଼ି ପିଇଟିଙ୍କ ନାମ କଲେଜ ଅଧ୍ୟକ୍ଷ ପ୍ରଦାନ କରିବେ। ଗ୍ରୁପ ଅନୁଯାୟୀ ବଜେଟ ପ୍ରସ୍ତୁତ, ସାଂସ୍କୃତିକ କାର୍ଯ୍ୟକ୍ରମର ପ୍ରମାଣ ଓ ଡକ୍ୟୁମେଣ୍ଟ କଲେଜ ଅଧ୍ୟକ୍ଷ ପ୍ରସ୍ତୁତ କରିବେ। କାର୍ଯ୍ୟକ୍ରମ ସରିବା ପରେ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରିବେ। ବିଭାଗ ପକ୍ଷରୁ ଦିଆଯାଇଥବା ନିୟମାବଳୀ ଅନୁଯାୟୀ କାର୍ଯ୍ୟକ୍ରମ ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଉଚ୍ଚଶିକ୍ଷା ବିଭାଗ ସିଧାସଳଖ ଆତ୍ମରକ୍ଷା କୌଶଳ ତାଲିମର ମନିଟରିଂ କରିବ। ଅଧିକାରୀମାନେ ନିୟମିତ ବ୍ୟବଧାନରେ ବିଭିନ୍ନ କଲେଜକୁ ଗସ୍ତ କରି କ୍ଲବ ଦ୍ୱାରା କରାଯାଉଥିବା ବିଭିନ୍ନ କାର୍ଯ୍ୟକଳାପର ତଦାରଖ କରିବେ।

ସୂଚନାଥାଉକି ଯେ ୨୦୧୩ରେ ରାଜ୍ୟ ସରକାରଙ୍କ ଯୁବନୀତିରେ ଛାତ୍ରୀଙ୍କୁ ଆତ୍ମରକ୍ଷା କୌଶଳ ତାଲିମ ଦେବାର ବ୍ୟବସ୍ଥା ହୋଇଥିଲା। ଯୁକ୍ତ୨ ସମେତ ଯୁକ୍ତ ୩ କଲେଜ ପ୍ରଥମ ବର୍ଷ ଛାତ୍ରୀଙ୍କୁ ତାଲିମ ଦିଆଯିବାର ନିୟମ ରହିଛି। ଛାତ୍ରୀଙ୍କ ଶାରୀରିକ ଓ ମାନସିକ ସାମର୍ଥ୍ୟ ବୃଦ୍ଧି କରିବ, ଛାତ୍ରୀଙ୍କ ସହ ସମକକ୍ଷ କରିବା, ଛାତ୍ରୀଙ୍କ ଶକ୍ତି ବଢ଼ାଇବା ପାଇଁ ବିଭାଗ ପକ୍ଷରୁ ଆତ୍ମରକ୍ଷା ପ୍ରଶିକ୍ଷଣ ଦେବାକୁ ଲକ୍ଷ୍ୟ ରଖାଯାଇଛି। ଦିନକୁ ଦିନ ସାମାଜିକ କ୍ଷେତ୍ରରେ ଆମ ଝିଅମାନେ ଅନେକ ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରୁଥିବାରୁ ଏବଂ ସେମାନଙ୍କ ନିତିଦିନିଆ ଜୀବନରେ ଆତ୍ମରକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ପାଇଁ ସରକାରଙ୍କ ଏହି ସମୟୋପଯୋଗୀ ନିଷ୍ପତ୍ତିକୁ ସବୁ ମହଲରେ ପ୍ରଶଂସା କରାଯାଉଛି। ଭାରତରେ ମହାରାଷ୍ଟ୍ର, ନୂଆଦିଲ୍ଲୀ, ଗୁଜୁରାଟ, ଉତ୍ତର ପ୍ରଦେଶ ପରି ବିଭିନ୍ନ ରାଜ୍ୟରେ ଏହି ବ୍ୟବସ୍ଥା ଗ୍ରହଣ କରାଯାଇଥିବାବେଳେ ଓଡ଼ିଶା ସରକାର କିନ୍ତୁ ଆଉ ପାଦେ ଆଗକୁ ଯାଇ ଆତ୍ମରକ୍ଷା କୌଶଳ କ୍ଲବ ଗଠନ ସହ ଅନ୍ୟାନ୍ୟ ଉତ୍ସାହଜନକ ସହଯୋଗଭିତ୍ତିକ କାର୍ଯ୍ୟକ୍ରମର ଦାୟିତ୍ୱ ହାତକୁ ନେଇଛନ୍ତି। ଆମ ସମୟରେ ସାମାଜିକ କ୍ଷେତ୍ରରେ ଅନେକ ସମୟରେ ଝିଅମାନେ କେବଳ ନିଜ ସୁରକ୍ଷା ନୁହେଁ ଆଖି ସାମ୍ନାରେ ସଂଗଠିତ କୌଣସି ଅସହାୟ ପରିସ୍ଥିତିକୁ ମୁକାବିଲା କରିବା ପାଇଁ ପଛଘୁଞ୍ଚା ଦେଇଥାନ୍ତି। ଏ ସଂକ୍ରାନ୍ତୀୟ ଅନେକ ଖବର ଗଣମାଧ୍ୟମରେ ମଧ ପ୍ରକାଶ ପାଉଛି। ତେଣୁ ଆମ ଝିଅମାନେ ଆତ୍ମରକ୍ଷା କୌଶଳ ତାଲିମରେ ଜଣେ ଜଣେ ପ୍ରଶିକ୍ଷିତା ଯୋଦ୍ଧା ଭାବେ କାର୍ଯ୍ୟ କରିବେ। କେବଳ ନିଜ ବା ବନ୍ଧୁବର୍ଗ ବା ପରିବାରର ନୁହଁ ସର୍ବୋପରି ସମାଜର ସୁରକ୍ଷା ଦାୟିତ୍ୱରେ ଯେଉଁ କ୍ରାନ୍ତିକାରୀ ଭୂମିକା ଗ୍ରହଣ କରିବେ ଏହି ପ୍ରସଙ୍ଗରେ ମନେପଡ଼ିଯାଉଛି ବୀରାଙ୍ଗନା ଲକ୍ଷ୍ମୀବାଈଙ୍କ କଥା। ଜୀବନ ଯୁଦ୍ଧରେ ଅନେକ ଝିଅ ମାନଙ୍କୁ ଅସହାୟ ବା ଅବଳା ଦୁର୍ବଳା ଭାବିବାର ଆଉ ସମୟ ହିଁ ନାହିଁ। ଦିନକୁ ଦିନ ଆମ ସାମାଜିକ ବ୍ୟବସ୍ଥା ସୁଦୃଢ଼ ହେଉଛି ଏ କ୍ଷେତ୍ରରେ ସରକାର ସମ୍ପୂର୍ଣ୍ଣ ସହଯୋଗ ଓ ପ୍ରୋତ୍ସାହନର ଦାୟିତ୍ୱ ମଧ ନିର୍ବାହ କରୁଛନ୍ତି ଏବଂ ଆମ ସମସ୍ତଙ୍କର ଏ କ୍ଷେତ୍ରରେ ପ୍ରେରଣାର ସହଯୋଗ ଭିତ୍ତିକ ଗୁରୁଦାୟିତ୍ୱ ମଧ ରହିଛି। କାରଣ ଏବେ ବି ସମାଜରେ କୌଣସି ଏକ କ୍ଷେତ୍ରରେ ଝିଅଟିର ଅସହାୟ ଚିତ୍ରକୁ ଅନ୍ୟମାନେ ଏକ ତାମସାର ଦର୍ଶକ ଭାବେ ମୁକସାକ୍ଷୀ ଭାବେ ଦେଖୁଥିବାର ଉଦାହରଣ ମଧ ରହିଛି। ଯାହାକି ସମାଜବିତ ଓ ଆମ ସମସ୍ତଙ୍କ ପାଇଁ ଛାତି ଥରାଇ ଦେବାପରି ଅଘଟଣ ଠାରୁ କମ ନୁହଁ। ତେଣୁ ଆମ ଝିଅମାନେ ନିଜେ ସୁରକ୍ଷିତ ରହିବା ସହ ଆମ ସମାଜର ସୁରକ୍ଷା ଦାୟିତ୍ୱକୁ ହାତକୁ ନେବା କମ ଗୌରବର କଥା ନୁହେଁ। କଲ୍ୟାଣମୟୀ ଆମ ସୁନା ଝିଅ ମାନଙ୍କୁ ମୋର ଅନେକ ଶୁଭେଚ୍ଛା ଓ ଆଶୀର୍ବାଦ ସହିତ ସହଯୋଗ ଭଲପାଇବା ରହିଥିଲା, ରହିଛି ଆଉ ରହିବ ମଧ।

**ଅଧକ୍ଷା, ନାଳନ୍ଦା ପବ୍ଲିକ ସ୍କୁଲ,
ସେକ୍ଟର-୮, ସିଡିଏ, କଟକ,**

# ଯେକୌଣସି ମନୁଷ୍ୟ ବୁଦ୍ଧ ହୋଇପାରିବେ

**॥ ଯଶସ୍ୱିନୀ ପଟ୍ଟନାୟକ॥**

ପୁଣ୍ୟଭୂମି ଭାରତବର୍ଷରେ ଜ୍ଞାନ, କର୍ମ ଓ ଭକ୍ତିର ଉଜ୍ଜ୍ୱଳବର୍ତ୍ତିକା ଧରି ତଥାଗତ ବୁଦ୍ଧ ଖ୍ରୀଷ୍ଟପୂର୍ବ ୬୨୩ରେ ଆବିର୍ଭୁତ ହୋଇଥିଲେ । କପିଳବାସ୍ତୁର ରାଜସିଂହାସନ, ପିତା ରାଜା ଶୁଦ୍ଧୋଦନଙ୍କର ସକଳ ଆୟୋଜନ, ସ୍ତ୍ରୀ ଯଶୋଧାରା ଓ ସଦ୍ୟଜାତ ପୁତ୍ର ରାହୁଲର ଆକର୍ଷଣ ଓ ରାଜପୁତ୍ରର ସମସ୍ତ ସୌଭାଗ୍ୟକୁ ତୁଚ୍ଛ କରି ସେ ଯୌବନାବସ୍ଥାରେ ଗୃହତ୍ୟାଗ କରିଥିଲେ । ଗୈରିକ ବସ୍ତ୍ର ପରିଧାନ କରି, ଲଣ୍ଡିତ ମସ୍ତକ ଗୌତମ ରାଜଗୃହ, ଉରୁବେଳା, ରୁଦ୍ରକ ଆଶ୍ରମ, ଗୟାଶୀର୍ଷ ପର୍ବତ ନିକଟସ୍ଥ ନିରଞ୍ଜନା ନଦୀ କୂଳରେ ଥିବା ଉରବିଲ୍ୱ ଆଦି ସ୍ଥାନରେ କଠୋର ତପସ୍ୟା କରି ବୁଦ୍ଧତ୍ୱ ପ୍ରାପ୍ତି ହୋଇଥିଲେ । ତାଙ୍କର ସରଳ ସୁମଧୁର ଓ କଲ୍ୟାଣପ୍ରଦ ଉପଦେଶ ଅନେକଙ୍କ ଜୀବନକୁ ସଂଯତ ଓ ପରିବର୍ତ୍ତିତ କରିଥିଲା । ତାଙ୍କର ପ୍ରଥମ ଉପଦେଶ 'ଧର୍ମଚକ୍ର ପ୍ରବର୍ତ୍ତନଂ' ନାମରେ ଖ୍ୟାତ । ଯେଉଁଠାରେ ସେ ପ୍ରଥମେ ଧର୍ମଚକ୍ର ପ୍ରବର୍ତ୍ତନ କରିଥିଲେ, ତାହାର ବର୍ତ୍ତମାନ ନାମ ସାରନାଥ ।

ଏହି ସଂସାରରେ ଯୁଗ ଯୁଗରେ ମାନବଜାତିର କଲ୍ୟାଣ ନିମିତ୍ତ ଭଗବାନ ମନୁଷ୍ୟ ଶରୀର ଧାରଣ କରି ଜନ୍ମଗ୍ରହଣ କରିଛନ୍ତି । ଭଗବାନ ବୁଦ୍ଧଙ୍କ ଜନ୍ମ ସେହି ଉଦ୍ଦେଶ୍ୟରେ ହୋଇଥିଲା । ମାନବଜାତିର କଲ୍ୟାଣ ନିମିତ୍ତ ନିଜେ କାର୍ଯ୍ୟ କରିବା ସହିତ ପ୍ରତ୍ୟକ୍ଷ ଦୃଷ୍ଟାନ୍ତ ମାଧ୍ୟମରେ ସେ ଆତ୍ମକଲ୍ୟାଣର ମାର୍ଗ ପ୍ରଦର୍ଶନ କରିଥିଲେ । ସେ କହିଥିଲେ ଯେ 'ମୁଁ ଜଣେ ସାମାନ୍ୟ ମନୁଷ୍ୟ । ଯେ କୌଣସି ମନୁଷ୍ୟ ମୋ ପ୍ରଦର୍ଶିତ ପଥରେ ଜୀବନୀ ପରିଚାଳନା କଲେ, ଠିକ୍ ମୋ ପରି ବୁଦ୍ଧ ହୋଇପାରିବ।' ବାସ୍ତବରେ ତଥାଗତ ବୁଦ୍ଧ ଥିଲେ କରୁଣା ଓ ପ୍ରଶାନ୍ତିର ମୂର୍ତ୍ତିମନ୍ତ ପ୍ରତୀକ । ତାଙ୍କ ବାଣୀରେ ସେ 'ଜୀବ ମାତ୍ରେ ଦୟା' ପ୍ରଦର୍ଶନ ଉପରେ ଗୁରୁତ୍ୱ ଆରୋପ କରିଥିଲେ । ତଥାଗତଙ୍କ ଶିଷ୍ୟ ଉପଗୁପ୍ତଙ୍କ ଠାରୁ ବୁଦ୍ଧଙ୍କର ଶାନ୍ତିବାଣୀ ଶୁଣି ଉତ୍କଳର ଦୟାନଦୀକୁ ଯୁଦ୍ଧରେ ରକ୍ତ ରଞ୍ଜିତ କରିଥିବା ମହାପରାକ୍ରମୀ ଚଣ୍ଡାଶୋକ ପରିବର୍ତ୍ତିତ ହୋଇ ଦେବାନାଂ ପ୍ରିୟ, ପ୍ରିୟଦର୍ଶୀ ଧର୍ମାଶୋକରେ ପରିଣତ ହୋଇଥିଲେ ଏବଂ ଲୋକ କଲ୍ୟାଣ କାର୍ଯ୍ୟରେ ଜୀବନର ଅବଶିଷ୍ଟ ସମୟ ଅତିବାହିତ କରିଥିଲେ। ଶ୍ରୀ ଜଗନ୍ନାଥଙ୍କ ସହ ବୌଦ୍ଧଧର୍ମର ସମ୍ପର୍କ ରହିଥିବା ଗବେଷକମାନେ ମତ ଦିଅନ୍ତି । ଶ୍ରୀ ଜଗନ୍ନାଥଙ୍କ ଦଶାବତାର ମଧ୍ୟରେ ବୁଦ୍ଧଙ୍କ ନବମ ଅବତାର ବୋଲି କଳ୍ପନା କରାଯାଇ ଏପରି ପ୍ରାର୍ଥନା କରାଯାଏ । 'ନିନ୍ଦସି ଯଜ୍ଞବିଧେରହହ ଶ୍ରୁତିଜାତମ୍, ସଦୟ-ହୃଦୟଦର୍ଶିତ-ପଶୁଘାତମ୍ କେଶବ ! ଧୃତ-ବୁଦ୍ଧଶରୀର ଜୟ ଜଗଦୀଶ ହରେ ।' ଅର୍ଥାତ୍ : ହେ, କରୁଣା ରସରେ ସଦା ପ୍ଲାବିତ, ଦୟାର ସାଗର । ଜୀବ ହିଂସା ଯହିଁ ସାଧିତ ହୁଅଇ ଶୁଭେ ତବବାଧା ସ୍ୱର । ଶରବିଦ୍ଧ ପକ୍ଷୀ ଆର୍ତ୍ତ ଚିତ୍କାରରେ ଦ୍ରବିତ ବୁଦ୍ଧାବତାର । ତବ ଜୟ ଗୀତି.. ଜୟ ଜଗଦୀଶ ହରେ। ବୌଦ୍ଧଧର୍ମାବଲମ୍ବୀମାନଙ୍କର ବିଶ୍ୱାସ ଯେ ଜଗନ୍ନାଥଙ୍କର ନାଭି କ୍ଷେତ୍ରରେ ବୁଦ୍ଧଙ୍କର ପବିତ୍ର ଦାନ୍ତ ରହିଛି । ବୌଦ୍ଧ ଧର୍ମ କେବଳ ଓଡ଼ିଶାରେ ନୁହେଁ, ସମଗ୍ର ବିଶ୍ୱରେ ଏକ ବିଶିଷ୍ଟ ଧର୍ମ ରୂପେ ପରିଗଣିତ ଓ ଆଦୃତ । ବିଖ୍ୟାତ କଳିଙ୍ଗ ଯୁଦ୍ଧ ପରେ ଚଣ୍ଡାଶୋକ ଧର୍ମାଶୋକରେ ପରିଣତ ହେବା ପୂର୍ବରୁ ଏଠାରେ ବୌଦ୍ଧ ସନ୍ନ୍ୟାସୀ ଉପଗୁପ୍ତ ବସତି ସ୍ଥାପନ କରି ଅନେକ ଶିଷ୍ୟ ଗ୍ରହଣ କରିଥିଲେ ଏବଂ ଅଶୋକ ତାଙ୍କରି ଠାରୁ ହିଁ ଧର୍ମ ଶିକ୍ଷା ପାଇଥିଲେ । ବୌଦ୍ଧ ଧର୍ମ ପୃଥିବୀର ଏକମାତ୍ର ଧର୍ମ, ଯାହା ଈଶ୍ୱର କୈନ୍ଦ୍ରିକ ନୁହେଁ । ହିନ୍ଦୁ ପରିବାରରେ ଜନ୍ମଗ୍ରହଣ କରିଥିବା ଭଗବାନ ବୁଦ୍ଧଦେବ ଜୀବନରେ ନିଜେ କେବେ କୌଣସି ଦେବଦେବୀଙ୍କୁ ପ୍ରାର୍ଥନା କରିନଥିଲେ ବା କାହାକୁ ସେପରି ପୂଜା ଅର୍ଚ୍ଚନା କରିବା ପାଇଁ ଉପଦେଶ ଦେଇନାହାନ୍ତି । ସେ କେବଳ ଶୀଳ, କଠୋର ନୈତିକ ଜୀବନ ଯାପନ, ସମାଧି ଓ ପ୍ରଜ୍ଞା ଉପରେ ଜୋର ଦେଇ ମାନବିକତାର ଅଭିବୃଦ୍ଧ ସାଧନ କରିଛନ୍ତି।

ଯେଉଁ ଦେଶ ବୁଦ୍ଧଙ୍କ ତ୍ୟାଗରେ ମହିମାନ୍ୱିତ ଏବଂ ତାଙ୍କର ଜୀବେ ଦୟା ଭାବରେ ସିକ୍ତ, ସେହି ଦେଶରେ ଆଜି ହିଂସା, ପ୍ରତିହିଂସା ତାର ଅନେକ ଅଧିବାସୀଙ୍କର ହୃଦୟକୁ ନିଷ୍ଠୁର, ନିର୍ଦ୍ଦୟ ଓ ନିଷ୍କରୁଣାର ଖାଁ ଖାଁ ତପ୍ତ ମରୁବାଲିରେ ପରିଣତ କରିଛି । ବିଭତ୍ସତାରୂପୀ ଘୋର ବୈଶାଖୀର ରୁଦ୍ରତା ତା' ହୃଦୟକୁ ଶ୍ମଶାନ ଓ ବଧଭୂମିର ଦାନବତାରେ କଦାକାର କରିଛି । କରୁଣାର ଅଶ୍ରୁ ଅବଲୁପ୍ତ ହୋଇଛି । ମାରିବି ମରିବିର ଭ୍ରାନ୍ତ ପ୍ରତିଜ୍ଞା ଆଜିର ସମାଜରେ ନୂଆ ନୂଆ ଅନେକ ଅଙ୍ଗୁଳିମାଳାଙ୍କ ଉପସ୍ଥିତିର ଅନୁଭବ ଦେଉଛି । ବସୁଧୈବ କୁଟୁମ୍ବକମ୍ । ଏ ପୃଥିବୀର ସମସ୍ତ ମଣିଷ ଆମର ଭାଇବନ୍ଧୁ କୁଟୁମ୍ବ । ତଥାଗତ ବୁଦ୍ଧଙ୍କର କରୁଣା ଭାବ ଏବଂ ଜୀବେ ଦୟା ସମସ୍ତଙ୍କ ହୃଦୟକୁ ଅହିଂସକ କରି ବାସ୍ତବ ଶାନ୍ତି ଦେଉ । କେହି କାହାକୁ ହତ୍ୟା ନକରୁ । ଯେ ପଣ୍ୟଭୂମି ଭାରତବର୍ଷରେ ଜ୍ଞାନ, କର୍ମ ଓ ଭକ୍ତିର ଉଜ୍ଜ୍ୱଳବର୍ତ୍ତିକା ଧରି ତଥାଗତ ବୁଦ୍ଧ ଖ୍ରୀଷ୍ଟପୂର୍ବ ୬୨୩ରେ ଆବିର୍ଭୁତ ହୋଇଥିଲେ । କପିଳବାସ୍ତୁର ରାଜସିଂହାସନ, ପିତା ରାଜା ଶୁଦ୍ଧୋଦନଙ୍କର ସକଳ ଆୟୋଜନ, ସ୍ତ୍ରୀ ଯଶୋଧାରା ଓ ସଦ୍ୟଜାତ ପୁତ୍ର ରାହୁଲର ଆକର୍ଷଣ ଓ ରାଜପୁତ୍ରର ସମସ୍ତ ସୌଭାଗ୍ୟକୁ ତୁଚ୍ଛ କରି ସେ ଯୌବନାବସ୍ଥାରେ ଗୃହତ୍ୟାଗ କରିଥିଲେ । ଗୈରିକ ବସ୍ତ୍ର ପରିଧାନ କରି, ଲଣ୍ଡିତ ମସ୍ତକ ଗୌତମ ରାଜଗୃହ, ଉରୁବେଳା, ରୁଦ୍ରକ ଆଶ୍ରମ, ଗୟାଶୀର୍ଷ ପର୍ବତ ନିକଟସ୍ଥ ନିରଞ୍ଜନା ନଦୀ କୂଳରେ ଥିବା ଉରବିଲ୍ୱ ଆଦି ସ୍ଥାନରେ କଠୋର ତପସ୍ୟା କରି ବୁଦ୍ଧତ୍ୱ ପ୍ରାପ୍ତି ହୋଇଥିଲେ । ତାଙ୍କର ସରଳ ସୁମଧୁର ଓ କଲ୍ୟାଣପ୍ରଦ ଉପଦେଶ ଅନେକଙ୍କ ଜୀବନକୁ ସଂଯତ ଓ ପରିବର୍ତ୍ତିତ କରିଥିଲା । ତାଙ୍କର ପ୍ରଥମ ଉପଦେଶ 'ଧର୍ମଚକ୍ର ପ୍ରବର୍ତ୍ତନଂ' ନାମରେ ଖ୍ୟାତ । ଯେଉଁଠାରେ ସେ ପ୍ରଥମେ ଧର୍ମଚକ୍ର ପ୍ରବର୍ତ୍ତନ କରିଥିଲେ, ତାହାର ବର୍ତ୍ତମାନ ନାମ ସାରନାଥ ।

# ବର୍ଷା ପାଇଁ ଅଟକିଛି ତଳି ରୁଆ

**ବେଗୁନିଆ,(ମହାଭାରତ) :** ମୌସୁମୀ ବର୍ଷା ଓଡ଼ିଶାରେ ପହଞ୍ଚିଗଲା ବୋଲି ଟିଭି ଓ ଖବରକାଗଜ ଦେଖି ଚାଷୀ ଖୁସିରେ ଚାଷକାର୍ଯ୍ୟ ଆରମ୍ଭ କରିଥିଲେ। ଜମିରେ ତଳି ବି ପକାଇଦେଲେ, ବର୍ତ୍ତମାନ ତଳି ବଡ଼ ହୋଇଗଲାଣି। ହେଲେ ଜମି କାଦୁଅ କରିବାକୁ ଯେଉଁ ବର୍ଷାର ଆବଶ୍ୟକତା ରହିଛି, ବର୍ଷା ଅଭାବରୁ ତାହା ହୋଇପାରୁନି ଓ ଯେଉଁ ବର୍ଷା ହେଉଛି ସେଥିରେ ଜମି ଓଦା ହେଉନାହିଁ। ଜୁଲାଇ ଦ୍ୱିତୀୟ ସପ୍ତାହ ହେଲାଣି ଧାନ ତଳି ରୋଇ ନ ପାରିବାରୁ ଚାଷୀ ଗଭୀର ଚିନ୍ତାରେ ଅଛନ୍ତି । ଚଳିତବର୍ଷ ବର୍ଷାର ପରିମାଣ ସ୍ୱଳ୍ପ ହେବାରୁ ବର୍ତ୍ତମାନ ସୁଦ୍ଧା ୯୫ ପ୍ରତିଶତ ଜମିରେ ଧାନଗୁଆ ହୋଇପାରିନାହିଁ। ଯଦି ବର୍ଷା ହେବାରେ ଆଉ ବିଳମ୍ବ ହୁଏ, ତେବେ ଧାନ ଉତ୍ପାଦନ କମିଯିବ ବୋଲି କୃଷି କର୍ମଚାରୀ କହିଛନ୍ତି । ରଜ ସମୟରୁ ଚାଷୀ ଚାଷ କାର୍ଯ୍ୟ କରିବାକୁ ପ୍ରସ୍ତୁତ ହୋଇଥାଏ। ମୌସୁମୀର ଆଗମନ ସୂଚନା ପାଇ ଧାନ ତଳି ପକାଇଥାଏ। କିନ୍ତୁ ବର୍ଷାକୁ ଚାହିଁ ଚାଷୀ ଏବେ ମୁଣ୍ଡରେ ହାତ ଦେଇ ବସିଛି। ଅନ୍ୟପଟେ ବହୁ ଧାନ ଜମି ଏବେ ସୁଦ୍ଧା ପଡ଼ିଆ ପଡ଼ିଛି। ବର୍ଷା ହୋଇଥିଲେ ଚାଷୀ ଜମି କାଦୁଅ କରି ଧାନ ତଳି ରୋଇଥାନ୍ତେ। କିନ୍ତୁ ଜୁନ୍- ଜୁଲାଇରେ ଯେଉଁ ପରିମାଣରେ ବର୍ଷା ହେବା କଥା ସେତିକି ବର୍ଷା ହୋଇନାହିଁ ବୋଲି ବ୍ଲକ କୃଷି ଅଧିକାରୀ ଗଣେଶ୍ୱର ରଥ କହିଛନ୍ତି । ବେଗୁନିଆ ବ୍ଲକର ୨୧ଟି ପଞ୍ଚାୟତରେ ୧୩ ହଜାର ୬୫୨ ହେକ୍ଟର ଚାଷ ଜମି ଥିବାବେଳେ ସେଥିମଧ୍ୟରୁ ମାତ୍ର ୧୩୨୫ ହେକ୍ଟର ଜମିରେ ଧାନ ବୁଣା ହୋଇଛି। ଆଉ ୫୨୪ହେକ୍ଟର ଜମିରେ ତଳି ପଡ଼ିଛି। ୧୨୪ ହେକ୍ଟର ଜମିରେ ଧାନ ଗୁଆ ହୋଇଥିବା ରଥ କହିଛନ୍ତି। ଏଠାରେ ଜଳସେଚନର ଆଦୌ ସୁବିଧା ନ ଥିବାବେଳେ ଏଭଳି ସ୍ଥିତିରେ ବର୍ଷା ଅଭାବରୁ ସ୍ଥାନୀୟ ଅଞ୍ଚଳର ପନିପରିବା ଅମଳ ମଧ୍ୟ ପ୍ରଭାବିତ ହେବାର ଆଶଙ୍କା ପ୍ରକାଶ ପାଇଛି। ଏଭଳି ପରିସ୍ଥିତି ଯଦି ଆଉ କିଛିଦିନ ଲାଗି ରୁହେ, ତାହେଲେ ଚାଷ କାମ ବହୁତ ପଛେଇଯିବ। ଚଳିତ ମାସରେ ଯଦି ଆବଶ୍ୟକ ପରିମାଣର ବର୍ଷା ନ ହୁଏ, ତେବେ ଚଳିତବର୍ଷ ମଧ ଖରିଫ ଧାନ ଚାଷ ବିଳମ୍ବିତ ହେବା ସହ ଗତବର୍ଷ ଭଳି ଅମଳ ପ୍ରଭାବିତ ହେବ। ଗତବର୍ଷ ବିଳମ୍ବିତ ବର୍ଷା ଯୋଗୁ ଧାନ ଚାଷ ଆରମ୍ଭ ହେବାରେ ବିଳମ୍ବ ହୋଇଥିଲା। ଏପରିକି ସ୍ଥାନୀୟ ବ୍ଲକର କିଛି ଅଞ୍ଚଳରେ ଅକ୍ଟୋବର ପର୍ଯ୍ୟନ୍ତ ଧାନ ରୁଆ କାମ ଚାଲିଥିବା ଦେଖିବାକୁ ମିଳିଥିଲା।

# ଜଙ୍ଗଲରେ ମାତିଛନ୍ତି ବାର୍ହା ମାଫିଆ

**ଦଶପଲ୍ଲା,(ମହାଭାରତ) :** ଦଶପଲ୍ଲା ଜଙ୍ଗଲରେ ମାତିଛନ୍ତି ବାର୍ହା ମାଫିଆ। ଏବେ ଜଙ୍ଗଲରେ ବାର୍ହା ଗୁଡ଼ିକ ଛୁଆ ଜନ୍ମ କରିଥିବା ବେଳେ ବାର୍ହା ଶିକାର କରିବା ସହ ବାର୍ହା ଛୁଆ ସଂଗ୍ରହ କରି ଗାଁ ଗାଁ ରେ ବିକ୍ରି କରାଯାଉଥିବା ଦେଖାଯାଉଛି। ଦଶପଲ୍ଲା ଏବଂ ଗଣିଆ ବନାଞ୍ଚଳରେ ଅହରହ ଶିକାରୀଙ୍କ କାର୍ଯ୍ୟକଳାପ ବୃଦ୍ଧି ପାଇ ଆସୁଥିବା ବେଳେ ଏବେ ବାର୍ହା ଛୁଆ ଉପରେ ଶିକାରୀ ଓ ମାଫିଆଙ୍କ ନଜର ରହିଛି। ବାର୍ହା ଛୁଆକୁ କିଣିବା ପାଇଁ ଆଦିବାସୀ ବହୁଳ ଲୋକଙ୍କ ମଧ୍ୟରେ ବେଶ୍ ଆଗ୍ରହ ମଧ ରହୁଛି। ଗୋଟିଏ ବାର୍ହା ଛୁଆକୁ ୨ ହଜାରରୁ ଅଧିକ ଟଙ୍କାରେ ମୂଲଚାଲ କରାଯାଇ ବିକ୍ରି କରାଯାଉଛି। ଗାଁ ଗାଁରେ ଏବେ ଲୋକେ କ୍ଷୀର ଦେଇ ବାର୍ହା ଛୁଆ ପୋଷୁଥିବା ଦେଖିବାକୁ ମିଳୁଛି। କିଛି ବ୍ୟକ୍ତି ମଧ ପୁଅ ଓ ଝିଅ ବିବାହ ପାଇଁ ଏସବୁ କିଣି ରଖୁଥିବା କହିଛନ୍ତି। ବିଶେଷକରି ଶିକାରୀ ମାନେ ବିଭିନ୍ନ ସ୍ଥାନରେ ଫାଶ ପକାଇ ବାର୍ହା ଛୁଆକୁ କାବୁ



କରୁଛନ୍ତି। ମା' କୋଳରୁ ଛଡ଼ାଇ ଆଣିବା ପରେ ଗାଁ ଗାଁରେ ଚଢ଼ା ଦରରେ ବିକ୍ରୟ କରୁଛନ୍ତି। ଆଦିବାସୀ ବହୁଳ ଅଞ୍ଚଳ ମାନଙ୍କରେ ଶିକାରୀ ଓ ମାଫିଆ ମାନେ ଏବେ ଏହି ବ୍ୟବସାୟକୁ ଆପଣାଇ ନେଇଥିବା ବେଳେ ବନ କର୍ମଚାରୀ ମାନେ ଏହାର ଟେର ପାଉନାହାନ୍ତି। ବାର୍ହା ମାନେ ମୁଖ୍ୟତଃ ମେ' ଓ ଜୁନ୍ ମାସରେ ଛୁଆ ଜନ୍ମ କରିଥାନ୍ତି। ଗୋଟିଏ ବାର୍ହା ୪ ରୁ ଅଧିକ ଛୁଆ ଜନ୍ମ କରିଥାନ୍ତି। ଛୁଆଙ୍କ ସୁରକ୍ଷା ପାଇଁ ବିଭିନ୍ନ ସ୍ଥାନରେ ଗାତ ଖୋଳିବା ସହ ବୁଦୁବୁଦିଆ ଲଟାବୁଦା ମଧ୍ୟରେ ଛୁଆ ଜନ୍ମ ଦିଅନ୍ତି। ଖାଦ୍ୟ ଅନ୍ୱେଷଣ ହେଉ କି ପାଣି ପାଇଁ ଛୁଆକୁ ଛାଡ଼ି ମା' ମାନେ ବାହାରକୁ ବାହାରୁଥିବା ବେଳେ ଶିକାରୀ ମାନେ ଏହାର ସୁଯୋଗ ନେଉଛନ୍ତି। କେଉଁଠି ନିଆଁ ଲଗାଇ ଦିଅନ୍ତି ତ ପୁଣି କେଉଁଠି ବିଦ୍ୟୁତ୍ ତାର ଓ ଗୁଳି ଫୁଟାଇ ମା' ବାର୍ହା ଟିକୁ ଶିକାର କରିବା ପରେ ସେମାନଙ୍କ ଛୁଆକୁ କାବୁ କରିବାରେ ସକ୍ଷମ ହୁଅନ୍ତି। ଗାଁ ଗାଁରେ ଏବେ ବେଧଡ଼କ ଭାବେ ବାର୍ହା ମାଂସ ଓ ଛୁଆ ବିକ୍ରି କରାଯାଉଛି। ଦଶପଲ୍ଲା ବନାଞ୍ଚଳର ଆଦିବାସୀ ବହୁଳ ଚଢ଼େୟାପଲ୍ଲୀ, କଳସାଖମଣ, ଦୁଡ୍ତା, ନୂଆଗାଁ, କୁଜାମେଣ୍ଟି, ବାଣିଗୋଛା, କୁଲୁରୁକୁମ୍ପା, ଟାକରା ଓ ଗଣିଆ ବନାଞ୍ଚଳର ଘୁଗୁଡ଼ିପଡ଼ା ଏବଂ ନଛିପୁର ଆଦି ପଞ୍ଚାୟତର ବିଭିନ୍ନ ଗାଁରେ ଏହି ବାର୍ହା ଛୁଆକୁ ବେଧଡ଼କ ଭାବେ ବିକ୍ରି କରାଯାଉଛି। ଲୋକେ ଏହାକୁ ପୋଷା ମନାଇବା ପାଇଁ କ୍ଷୀର ଓ ବିଭିନ୍ନ ନିଶା ଦେଇ ନିଜ ହେପାଜତରେ ରଖୁଛନ୍ତି। ପୋଷା ମାନିବା ପରେ ଛେଳି ଓ ଗାଈ ଗୋଠରେ ଚରିବାକୁ ଜଙ୍ଗଲକୁ ଛାଡ଼ିଥାନ୍ତି।

## ୨୨୦ ନଂ ଜାତୀୟ ରାଜପଥରେ ଦୁର୍ଘଟଣା
# ଘଟଣାସ୍ଥଳରେ ସ୍ତ୍ରୀ ମୃତ ଓ ସ୍ୱାମୀ ଆହତ



**ରାଇରଙ୍ଗପୁର,(ମହାଭାରତ) :** ପୁଣି ୨୨୦ ନଂ ଜାତୀୟ ରାଜପଥରେ ଦୁର୍ଘଟଣା, ସ୍କୁଟି କୁ ପିଟିଲା ଟ୍ରକ, ଘଟଣାସ୍ଥଳରେ ସ୍ତ୍ରୀ ମୃତ ଓ ସ୍ୱାମୀ ଆହତ। ରାଇରଙ୍ଗପୁର ଟାଉନ ଥାନା ଅନ୍ତର୍ଗତ ଦାଣ୍ଡବୋଷ ଗ୍ରାମ ଦେଇ ଯାଇଥିବା ୨୨୦ ନଂ ଜାତୀୟ ରାଜପଥରେ ଘଟିଯାଇଛି ସଡ଼କ ଦୁର୍ଘଟଣା। ବହଳଦା ଅଞ୍ଚଳର ହାଡିବନ୍ଧୁ ଗିରି ତାଙ୍କ ସ୍ତ୍ରୀ ନିରୋଜିନି ଗିରି(୫୫) ଙ୍କୁ ନେଇ ରାଇରଙ୍ଗପୁର ମହୁଲଡିହା କୁ ଏକ ବିବାହ କାର୍ଯ୍ୟକ୍ରମ ରେ ଯୋଗ ଦେବାକୁ ସ୍କୁଟି ଯୋଗେ ଆସୁଥିଲେ। ଦାଣ୍ଡବୋଷ ଗ୍ରାମ ଦେଇ ଯାଇଥିବା ୨୨୦ ନଂ ଜାତୀୟ ରାଜପଥ ରେ ତାଙ୍କ ସ୍କୁଟି କୁ ପଛପଟୁ ଏକ ଟ୍ରକ ଧକ୍କା ଦେଇଥିଲା। ଫଳରେ ହାଡିବନ୍ଧୁ ଛିଟିକି ରାସ୍ତା କଡକୁ ପଡ଼ିଯାଇଥିବା ବେଳେ ତାଙ୍କ ସ୍ତ୍ରୀ ନିରୋଜିନି ଟ୍ରକ୍ ଚକ ତଳେ ପଡି ଯାଇଥିଲେ। ଟ୍ରକ ଟି ନିରୋଜିନି ଙ୍କ ଉପରେ ମାଡ଼ି ଯିବାରୁ ଘଟଣାସ୍ଥଳରେ ହିଁ ତାଙ୍କ ଜୀବନ ଚାଲି ଯାଇଥିଲା। ଖବର ପାଇ ରାଇରଙ୍ଗପୁର ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣା ତଦନ୍ତ ଆରମ୍ଭ କରିବା ସହିତ ଟ୍ରକ କୁ ଜବତ କରିଛି। ସେପଟେ ହାଡିବନ୍ଧୁ ଙ୍କ ଚିକିତ୍ସା ଜାରି ରହିଥିବା ବେଳେ ନିରୋଜିନି କୁ ଡାକ୍ତର ମୃତ ଘୋଷଣା କରିବାରୁ ପୋଲିସ ମୃତ ଦେହ କୁ ବ୍ୟବଛେଦ ନିମନ୍ତେ ପଠାଇଥିଲେ।

# ଆସିକା ବିଜ୍ଞାନ ମହାବିଦ୍ୟାଳୟରେ ୫୭ତମ ପ୍ରତିଷ୍ଠା ଦିବସ

**ଆସିକା,(ମହାଭାରତ) :** ଆସିକା ବିଜ୍ଞାନ ମହାବିଦ୍ୟାଳୟର ୫୭ତମ ସ୍ୱନକ୍ଷତ୍ର ପ୍ରତିଷ୍ଠା ଦିବସ ଏକ ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ଆୟୋଜିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଡ. ଜୀବାନନ୍ଦ ତ୍ରିପାଠୀଙ୍କ ପୌରହିତ୍ୟରେ ସମସ୍ତ କାର୍ଯ୍ୟ ସୁଚାରୁ ରୂପେ ସଂପାଦିତ ହୋଇଯାଇଛି। ଏହି ପ୍ରତିଷ୍ଠା ଦିବସରେ ଆସିକା ନିର୍ବାଚନ ମଣ୍ଡଳିର ସାଂସଦ ଅନିତା ଶୁଭଦର୍ଶନୀ ପଟ୍ଟନାୟକ ମୁଖ୍ୟଅତିଥି ରୂପେ ଯୋଗଦାନ କରିଥିଲେ। ଓଡ଼ିଶାର ସୁନାମଧନ୍ୟ ନାଟ୍ୟଲେଖକ ତଥା ନାଟ୍ୟ ନିର୍ଦ୍ଦେଶକ, ସାହିତ୍ୟିକ ଅବସର ପ୍ରାପ୍ତ ପ୍ରଫେସର ମେଜର ରମାରମଣ ପାଢ଼ୀ, ମୁଖ୍ୟବକ୍ତା ରୂପେ ମଞ୍ଚାସୀନ ଥିଲେ। ପରିଚାଳନା କମିଟିର ସଭାପତି ଅବସର ପ୍ରାପ୍ତ ପ୍ରଫେସର ପ୍ରସନ୍ନ କୁମାର ପ୍ରଧାନ ସମ୍ମାନିତ ଅତିଥି ରୂପେ ଏବଂ କଲେଜ ସହ ପ୍ରଶାସନିକ ଅଧିକାରୀ ଡ. ଅଭୟ କେଶରୀ ପରିଚ୍ଛା ପଟ୍ଟନାୟକ ମଞ୍ଚାସୀନ ଥିଲେ। ଅଧ୍ୟାପିକା ରଶ୍ମିପ୍ରିୟା କାଲୋଙ୍କ ଦ୍ୱାରା ଅତିଥିମାନଙ୍କୁ



ପୁଷ୍ପଗୁଚ୍ଛ ଏବଂ ଉପଢୌକନ ପ୍ରଦାନ ପୂର୍ବକ ମଞ୍ଚାସୀନ କରାଯାଇଥିଲା। ମଞ୍ଚାସୀନ ଅତିଥିଙ୍କ ଦ୍ୱାରା ଜଗନ୍ନାଥ ଙ୍କୁ ପୁଷ୍ପମାଲ୍ୟାର୍ପଣ କରାଯାଇଥିଲା। ଡେମୋନଷ୍ଟ୍ରେଟର ଧନଞ୍ଜୟ ମହାପାତ୍ର ବେଦପାଠ ମନ୍ତ୍ରଉଚ୍ଚାରଣ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରାଯାଇଥିଲା। ସଂଯୋଜିକା ଡ. ସସ୍ମିତା ପାତ୍ର ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ସାସଂଦ ଛାତ୍ରଛାତ୍ରୀମାନଙ୍କୁ ନିଜ ବ୍ୟକ୍ତବ୍ୟରେ କହିଥିଲେ ଯେ ଧୌର୍ଯ୍ୟହରା ନ ହୋଇ, ଘାତପ୍ରତିଘାତକୁ ସାମନା କରିପାରିଲେ ହିଁ ଜୀବନରେ ସଫଳତା ମିଳେ ଏବଂ ମହାବିଦ୍ୟାଳୟର ଗଠନମୂଳକ କାର୍ଯ୍ୟରେ ସହଯୋଗ କରିବା ପାଇଁ ସମସ୍ତଙ୍କୁ ପ୍ରତିଶୃତି ଦେଇଥିଲେ। ମୁଖ୍ୟବକ୍ତା କଲେଜ ଇତିହାସର ଗୌରବ ଗାଥା ସହ ପୂଣ୍ୟ ଶ୍ଳୋକ ଜନନାୟକ ହରିହର ଦାଶ, ଡ. ଦ୍ୟୁତୀକୃଷ୍ଣ ପଣ୍ଡାଙ୍କ ଅବଦାନ, ମହାବିଦ୍ୟାଳୟ ପ୍ରତିଷ୍ଠାରେ କିପରି ଆଖୁଚାଷୀଙ୍କ ୧ ଟଙ୍କା ଲେଖାଏଁ ଅନୁଦାନରେ ସ୍ଥାପିତ ହୋଇପାରିଥିଲା ତାହାର ବିଶଦ ବିବରଣୀ ଉପସ୍ଥାପନ କରିଥିଲେ। କଲେଜ ପଠନୀୟ ପରିବେଶରେ ଏବଂ ପରୀକ୍ଷା କ୍ଷେତ୍ରରେ କିପରି ନିରପେକ୍ଷତା ଅବଲମ୍ବନ କରିଥାଏ ତାହାର ମଧ କିଂଚିତ୍ ଆଭାସ ପ୍ରତିପାଦନ କରିଥିଲେ। ସମ୍ମାନିତ ଅତିଥି ପ୍ରଫେସର ପ୍ରଧାନ କଲେଜର ଲବ୍ଧପ୍ରତିଷ୍ଠିତ ପ୍ରାକ୍ତନ ଛାତ୍ରଛାତ୍ରୀଙ୍କ ପୂର୍ବ ଗୌରବକୁ ବଜାୟ ରଖିବା ପାଇଁ ସମସ୍ତଙ୍କୁ ଆହ୍ୱାନ କରିଥିଲେ। କଲେଜ ସ୍ତରରେ ଶୀର୍ଷସ୍ଥାନ ପାଇଥିବା ଯୁକ୍ତ ଦୁଇ ବିଜ୍ଞାନ, କଳା, ବାଣିଜ୍ୟ ଏବଂ ଧନ୍ଦାମୂଳକ ବିଭାଗର ଚାରି ଜଣ ଛାତ୍ରଛାତ୍ରୀ ଏବଂ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ତରଫରୁ ଶୀର୍ଷସ୍ତରରେ ଥିବା ୨୧ ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ମୁଖ୍ୟ ଅତିଥି ଏବଂ ବକ୍ତାଙ୍କ କର କମଳରେ ପ୍ରମାଣପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା। କାର୍ଯ୍ୟକାରୀ ସଦସ୍ୟ ଅଧ୍ୟାପକ ସରୋଜ କୁମାର ପଣ୍ଡା, ରାଜେଶ୍ କୁମାର ସାହୁ, ଡ. ଅଜିତ କୁମାର ମୁନୀ, ପବିତ୍ର ଧଙ୍ଗଡାମାଝୀ, ଅଧ୍ୟାପିକା ସେଇଲ୍ କୁମାରୀ ଝା, ଡ. ଜିନିତ୍ ସବା, ଚୁନମୁନ୍ ମହାନ୍ତି, ଲାଇବ୍ରେରୀୟାନ୍ ପିଙ୍କୁ ବିଶୋୟୀ ଇତ୍ୟାଦିଙ୍କ ସହ ମହାବିଦ୍ୟାଳୟର ସମସ୍ତ ବରିଷ୍ଠ ଅଧ୍ୟାପକ, ଅଧ୍ୟାପିକା ଅଣଶିକ୍ଷକ କର୍ମଚାରୀ, ପ୍ରାକ୍ତନ ଛାତ୍ର ଛାତ୍ରୀଙ୍କ ସହଯୋଗ ଏବଂ ସଦିଚ୍ଛାରେ ପ୍ରତିଷ୍ଠା ଦିବସଟି ସୁଚାରୁରୂପେ ସଂପାଦିତ ହୋଇପାରିଛି। ପରିଶେଷରେ ପ୍ରଶାସନିକ ଅଧିକାରୀ ଡ. ପରିଚ୍ଛା ପଟ୍ଟନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ସଂକ୍ରାମକ ରୋଗ ପାଇଁ ସତର୍କ ନିମନ୍ତେ ବୈଠକ



**କଳାହାଣ୍ଡି,(ମହାଭାରତ) :** ଆଜି ସ୍ଥାନୀୟ ଜିଲ୍ଲାପାଳଙ୍କ ସମ୍ମିଳନୀ ଗୃହରେ ଜିଲ୍ଲାପାଳ, କଳାହାଣ୍ଡି ପି ଅନ୍ୱେଷା ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ଆଗାମୀ ବର୍ଷାକାଳରେ ହେବାକୁ ଥିବା ସଂକ୍ରାମକ ରୋଗ ପାଇଁ ସତର୍କ ରହିବାକୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ପ୍ରତିବର୍ଷ ଭଳି ଏବର୍ଷ ମଧ ଜୁଲାଇ ଓ ଅଗଷ୍ଟ ମାସରେ ଆଶାଦିଦିମାନଙ୍କୁ ଘରଘର ବୁଲି ମ୍ୟାଲେରିଆ, ଡ଼େଙ୍ଗୁ, ଡାଇରିଆ, ଯକ୍ଷ୍ମା ଏବଂ କୁଷ୍ଠ ରୋଗ ସମ୍ପର୍କରେ ଲୋକମାନଙ୍କୁ ସଚେତନତା କରାଯିବ । ସେମାନେ ପ୍ରତିଘରକୁ ଓ ଆର୍ ଏସ ଏବଂ ଜିଙ୍କ ଟବ୍ଲେଟ ବଣ୍ଟନ କରି, ସାବୁନ ରେ ହାତ ଧୋଇବା ଭଳି କାର୍ଯ୍ୟକ୍ରମମାନେ ହାତକୁ ନେବେ । ଏହି ସମୟରେ ମଧ ସ୍କୁଲରେ ପିଲାମାନଙ୍କୁ ହାତ ଧୋଇବା , ବିଶୁଦ୍ଧ ପାନୀୟ ଜଳ ପିଇବା ଉପରେ ସଚେତନତା କରାଯିବ ଏବଂ ଲୋକଙ୍କୁ ଉପରୋକ୍ତ ରୋଗ ପାଇଁ ସ୍କ୍ରିନିଙ୍ଗ ମଧ କରାଯିବ ।ଜିଲ୍ଲାପାଳ ଡେଙ୍ଗୁ, ମ୍ୟାଲେରିଆକୁ ପ୍ରତିରୋଧ ପାଇଁ ଔଷଧ ଯୁକ୍ତ ମଶାରୀ ବ୍ୟବହାର , ଆଶା ଦିଦି ମାନଙ୍କ ଦ୍ୱାରା ଘର କୁ ଘର ଯାଇ ରୋଗୀ ଚିହ୍ନଟ ଏବଂ ସ୍ୱାସ୍ଥ୍ୟ କେନ୍ଦ୍ରରେ ସତର୍କ ରହିବାକୁ ନିର୍ଦ୍ଦେଶ ଦେଇଥିଲେ ।ସେଭଳି ଆର୍ ଡବ୍ଲୁ ଏସ ଏସ ଏବଂ ପି ଏଚ ଡି ବିଭାଗ ଦ୍ୱାରା ପାନୀୟ ଜଳକୁ ବିଶୋଧନ , ନମୁନା ପରୀକ୍ଷା ଓ ଲୋକଙ୍କୁ ଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳ ଏହି ରୋଗ ନିରାକରଣ ଓ ପ୍ରତିରୋଧ ପାଇଁ ସଚେତନତା ପୋଷ୍ଟର ଓ ଲିଫ୍ଲେଟ୍ କୁ ଉନ୍ମୋଚନ କରିଥିଲେ। ସି.ଡି.ଏମ୍.ଓ, କଳାହାଣ୍ଡି , ସି ଡି ଓ, ଜିଲ୍ଲା ପରିଷଦ ତଥା ସମସ୍ତ ସଂପୃକ୍ତ ବିଭାଗୀୟ ଅଧିକାରୀ,ସ୍ୱାସ୍ଥ୍ୟ ବିଭାଗୀୟ କର୍ମଚାରୀ ଉକ୍ତ ବୈଠକରେ ଉପସ୍ଥିତ ଥିଲେ।

# ଗୋଟିଏ ଦିନରେ ୩ ଦୁର୍ଘଟଣା, ୪ଜଣଙ୍କ ମୃତ୍ୟୁ

**ଅନୁଗୋଳ,(ମହାଭାରତ) :** ୫୫ ନମ୍ବର୍ ଜାତୀୟ ରାଜପଥ ରେ ପୁଣି ଥରେ ମର୍ମନ୍ତୁତ ସଡ଼କ ଦୁର୍ଘଟଣା ଘଟିଛି, ଗ୍ୟାସ ଟ୍ୟାଙ୍କର ଧକ୍କା ରେ ଯୁବକ ଙ୍କ ମୃତ୍ୟୁ ହୋଇଛି , ମୃତ୍ୟୁ ହୋଇଥିବା ଯୁବକ ଜଣକ ହେଲେ ବଅଁରପାଳ ଥାନା ଅନ୍ତର୍ଗତ ଗଡସନ୍ତ୍ରି ଗ୍ରାମ ମନ୍ଦିର ସାହି ର ସ୍ୱର୍ଗତ ବିଶ୍ୱଜିତ୍ ସାମଲ ଙ୍କ ପୁଅ ଆକାଶ ସାମଲ (୨୫) । ଇଡକୋ ତରଫରୁ ୧୧ କେଭି ବିଦ୍ୟୁତ୍ ସଂଯୋଗ ପାଇଁ ଜାତୀୟ ରାଜପଥ କଡ ରୁ ଗଛ କାଟିବା ପାଇଁ ଇଡକୋ ଆଦ୍ୟ ଉର୍ଝା ନାମକ ଏକ ଠିକା ସଂସ୍ଥା କୁ କାର୍ଯ୍ୟ ଦିଆଯାଇଥିଲା କିନ୍ତୁ ସେ ନିଜେ କାର୍ଯ୍ୟ ନ କରି ଦୁଃଖ ବନ୍ଧୁ ବିଶ୍ୱାଳ ନାମକ ଏକ ସବ ଠିକାଦାର ଙ୍କୁ କାର୍ଯ୍ୟ ଭାର ଦେଇଥିଲେ । ସକାଳ ୧୦.୨୦ ସମୟରେ ଆକାଶ ଙ୍କ ସହିତ ଅନ୍ୟ ୧୦ ଜଣ ବିଦ୍ୟୁତ ସଂଯୋଗ ପାଇଁ କୁଲାଡ଼ ପେଟ୍ରୋଲ ପମ୍ପ ପାଖରେ ଗଛ କାଟୁଥିବା ବେଳେ ନିଜ ଉପରେ ଗଛ ପଡ଼ିଯିବା



ବୋଲି ଆକାଶ ସେହିଠାରୁ ପଛକୁ ଘୁଞ୍ଚି ଯିବାରୁ ଅନୁଗୋଳ ଆଡୁ ଆସୁଥିବା ଏକ ଗ୍ୟାସ ଟ୍ୟାଙ୍କର ଯାହାର ନମ୍ବର ଗ୍ୟାସ ଟ୍ୟାଙ୍କର ୦୧ ଏଏ ୧୫୨୨ ତାଙ୍କୁ ଧକ୍କା ଦେଇଥିଲା, ଯାହା ଫଳରେ ଘଟଣା ସ୍ଥଳରେ ହିଁ ଆକାଶ ଙ୍କ ମୃତ୍ୟୁ ହୋଇଛି । ଘଟଣା ପରେ ସ୍ଥାନୀୟ ଲୋକଙ୍କ ଦ୍ୱାରା ରାସ୍ତା ଅବରୋଧ କରାଯିବା ସହିତ ନାଲକୋ ପୋଲିସ ଘଟଣା ସ୍ଥଳ ରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝା ସୁଝା କରିବା ସହ ଘଟଣା ର ତଦନ୍ତ ଚଳାଇଛି । ସେହିଭଳି ୫୫ ନମ୍ବର୍ ଜାତୀୟ ରାଜପଥ ଜରଡ଼ା ଛକ ନିକଟରେ ମର୍ମନ୍ତୁଦ୍ ସଡ଼କ ଦୁର୍ଘଟଣାରେ ଏକ ଟ୍ରଲର ସହ ବାଇକ୍ ଧକ୍କା ଫଳରେ ଘଟଣା ସ୍ଥଳରେ ବାଇକ୍ ଆରୋହୀ ମୃତ ହୋଇଥିବା ସୂଚନା, ବାଇକ୍ ଆରୋହୀ ଙ୍କ ପରିଚୟ ତାଳଚେର ଲୋକେଇ ପଣି ର ନାରଣ ବାଘ୍ ବୋଲି ଜଣା ପଡିଛି ଏବଂ ଟ୍ରଲର ଡ୍ରାଇଭର ଫେରାର । ତାଳଚେର ଥର୍ମାଲ ନୂଆପଡ଼ା ରେ ଦୁର୍ଘଟଣା ରେ ଦୁଇ ଜଣ ଙ୍କ ମୃତ୍ୟୁ।

# ମାନଝରି ସରକାରୀ ବିଦ୍ୟାଳୟ ବାରଣ୍ଡାରେ ଚାଲିଛି ଶିକ୍ଷାଦାନ



**ଗୋଲାମୁଣ୍ଡା,(ମହାଭାରତ) :** ସରକାର ଶିକ୍ଷାର ଉନ୍ନତୀ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ବିଭିନ୍ନ ଉନ୍ନତୀ ମୂଳକ ଯୋଜନା ହାତକୁ ନେଇଛନ୍ତି। ଯାହା ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି କରିବ। କିନ୍ତୁ ମାନଝରି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ଯାଏ ମୋଟ ୩୨୬ ଜଣ ଛାତ୍ର/ଛାତ୍ରୀ ଥିବାବେଳେ ୬ ଟି ଶ୍ରେଣୀଗୃହ ଅଛି ।ଶ୍ରେଣୀଗୃହର ଅଭାବ ହେତୁ ପ୍ରଥମ ଶ୍ରେଣୀର ମୋଟ ୩୨ ଜଣ କୁନିକୁନି ଛାତ୍ର ଛାତ୍ରୀ ବାରଣ୍ଡା ରେ ପଢୁଥିବା ର ଦେଖିବାକୁ ମିଳିଛି ।ତୃତୀୟ ଶ୍ରେଣୀ ଏବଂ ଚତୁର୍ଥ ଶ୍ରେଣୀର ମୋଟ ୬୧ ଜଣ ଗୋଟିଏ ଖୋଠାରିରେ ପଢୁଛନ୍ତି ।ଆଗକୁ ବର୍ଷା ଦିନ ହେତୁ ଶିକ୍ଷାଦାନରେ ବାଧା ସୃଷ୍ଟି ହେବାର ଆଶଙ୍କା ରହିଛି। ଆଠ ଟି ଶ୍ରେଣୀକୁ ଛ ଟି ଶ୍ରେଣୀଗୃହ ସହିତ ୬ଜଣ ଶିକ୍ଷକ ଚିନ୍ତା ବଢାଉଛି। ଏ ବିଷୟରେ ଆଗରୁ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଅନେକ ଥର କମିଟି ପକ୍ଷରୁ ନିବେଦନ କରାଯାଇଥିଲେ ସୁଦ୍ଧା କିଛି ସାମଧନ ହୋଇ ନ ଥିବା କହିଛନ୍ତି ପରିଚାଳନା କମିଟିର ସଭାପତି ତିଳକ ରାମ ପୁଟେଲ। ତେଣୁ ଏଥିପ୍ରତି ଜିଲ୍ଲା ଶିକ୍ଷାଧିକାରୀ ପଦକ୍ଷେପ ନେବାକୁ ନିବେଦନ କରିଛନ୍ତି ସ୍କୁଲ୍ ପରିଚଳନ। କମିଟି ଓ ଅଭିଭାବକ।

# ମାନସିକ ସ୍ୱାସ୍ଥ୍ୟ ଉପରେ ପ୍ରଶିକ୍ଷଣ ଶିବିର



**କଳାହାଣ୍ଡି,(ମହାଭାରତ) :** ମମତା ହେଲଥ ଇନଷ୍ଟିଚ୍ୟୁଟ ଫର ମଦର ଆଣ୍ଡ ଚାଇଲଡ୍ ଅର୍ଗାନାଇଜେସନ ର ପ୍ରକଳ୍ପ ଜାଗୃତି ଦ୍ୱାରା ଭବାନୀପାଟଣା ଏବଂ ଦୁର୍ଗମ ଅଞ୍ଚଳ ଲାଞ୍ଜିଗଡ ବ୍ଲକ ର ବିଭିନ୍ନ ଗ୍ରାମ ରେ ଗର୍ଭବତି ଓ ପ୍ରସୂତି ମା ମାନଙ୍କ ର ମାନସିକ ସ୍ୱାସ୍ଥ୍ୟ କୁ କିପରି ଭାବରେ ଠିକ୍ ରଖିପାରିବା, ତା ସଂପର୍କରେ ପ୍ରଶିକ୍ଷଣ ଦିଆ ଯାଇଥିଲା। ଗୋଟେ ମା ପିଲା ଧାରଣ କରିବା ପାଖରୁ ପିଲାକୁ ଦୁଇ ବର୍ଷ ହେବା ଯାଏ ସେ କିପରି ଭାବରେ ମାନସିକ ଚାପର ସମ୍ମୁଖୀନ ହୋଇଥାଏ ଏବଂ ତାହାକୁ ସେ କିପରି ଭାବରେ ସାମ୍ନା କରିବା ଉଚିତ୍ ସେ ବିଷୟରେ ମା ମାନଙ୍କୁ ସମ୍ୟକ୍ ଧାରଣ ଦିଆ ଯାଇଥିଲା। କାରଣ ଏହି ସମୟରେ ଗୋଟେ ପ୍ରଥମ କରି ହେଇଥିବା ମା ତାର ପିଲା ପାଇଁ ବହୁତ ଚିନ୍ତିତ ଥାଏ। ଯେପରିକି ଯଦି ତା ପିଲା ଠିକ୍ ସମୟରେ କେମିତି ଖାଇବ, ସେ ଠିକ୍ ସେ ଶୋଇଲା କି ନାଇ, ସେ ତାର ପିଲା ର ଠିକ୍ ଭାବେ ଯତ୍ନ ନେଇପାରିବ କି ନାଇ ଇତ୍ୟାଦି। ଏହି ପରି ପରିସ୍ଥିତି ସମୟରେ ସେ ବ୍ୟସ୍ତ ନ ହୋଇ ସେ ତାର ମନ ର କଥା ତାର ପରିବାର କିମ୍ବା ତାର ମିତ୍ର ମାନଙ୍କ ସହ ଆଲୋଚନା କରିବା ଉଚିତ୍। ତତ୍ ସହିତ ଏହି ପରି ଭାବନା ବାରମ୍ବାର ମନକୁ ଆସିଲେ ସେ କିଛି ଯୋଗାଭ୍ୟାସ କରିବା ମଧ ଉଚିତ। ଏହି ସମସ୍ୟାକୁ ଦୃଷ୍ଟିକୁ ନେଇ ଏହି ପ୍ରଶିକ୍ଷଣ ଶିବିରି ଆୟୋଜନ କରାଯାଇଥିଲା ଶିବିରରେ ଡ. ମହିମା ଚୌଧରୀ ଙ୍କ ଦ୍ୱାରା ପ୍ରାୟ ୨୦୦ ମା ମାନଙ୍କୁ ମାନସିକ ସ୍ୱାସ୍ଥ୍ୟ ସଂପର୍କରେ ଶିକ୍ଷା ଦିଆଯାଇଥିଲା। ମମତା ସଂଗଠନର ଜିଲ୍ଲା ସଂଯୋଜିକା ବର୍ଷା ରାଣୀ ଦାଶ ଏବଂ ଅନ୍ୟ ସମସ୍ତ କାର୍ଯ୍ୟକର୍ତ୍ତା ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ କୁ ସଫଳ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥିଲେ।

# ଇସ୍ପାତ ଓ ଖଣିଜ ବିଭାଗଙ୍କ ରାୟଗଡା ଜିଲ୍ଲା ଗସ୍ତ

**ରାୟଗଡ/କାଶୀପୁର,(ମହାଭାରତ) :** ଓଡ଼ିଶାର ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା, ମାନନୀୟକ୍ଷ ମହିଳା ଓ ଶିଶୁ ବିକାଶ, ପର୍ଯ୍ୟଟନ ଓ ମିଶନ ଶକ୍ତି ବିଭାଗ, ଏବଂ ଶ୍ରୀଯୁକ୍ତ ବିଭୁତି ଭୂଷଣ ଜେନା ମାନ୍ୟବର, ମାନ୍ୟବର ମନ୍ତ୍ରୀ ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣିଜ ବିଭାଗଙ୍କ ଆଜି ରାୟଗଡ ଜିଲ୍ଲା ଗସ୍ତ କରିଛନ୍ତି । ରାୟଗଡ ଜିଲ୍ଲାର କାଶୀପୁର ଠାରେ ହେଲିକେପଟର ଯୋଗେ ନକଟିଘକ୍ଷଟିରେ ଅବତରଣ କରିବା ପରେ ସ୍ଥାନୀୟ ପଂଚାୟତ ସମିତି କାର୍ଯ୍ୟାଳୟ ପରିସରରେ ପହଂଚିଥିଲେ । ସେଠାରେ ଓଡିଶାର ଉପମୁଖ୍ୟମନ୍ତ୍ରୀ, ମାନ୍ୟବର ମନ୍ତ୍ରୀ ଓ ବିଧାୟକଙ୍କୁ ମିଶନ ଶକ୍ତି ମହିଳା ଓ ଜନସାଧାରଣ ବିପୁଳ ପରିମାଣରେ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ । ଏହାପରେ ପଂଚାୟତ ସମିତି ସମ୍ମିଳନୀ କକ୍ଷରେ ମହିଳା ଓ ଶିଶୁ ବିକାଶ, ଓଡିଶା ଜୀବିକା ମିଶନ, ପର୍ଯ୍ୟଟନ ବିଭାଗର ବିଭାଗୀୟ କାର୍ଯ୍ୟକ୍ରମ ଉପରେ ବିଭାଗୀୟ ଅଧିକାରୀ ମାନଙ୍କ ଉପସ୍ଥିତରେ ସମୀକ୍ଷା କରିଥିଲେ କ୍ଷ ଶିଶୁ ବିକାଶ ବିଭାଗ ଉପରେ ଆଲୋଚନା କରି ମାନନୀୟ। ମନ୍ତ୍ରୀ ଜିଲ୍ଲାର ଶିଶୁ ବିକାଶ କାର୍ଯ୍ୟକ୍ରମ, ଅଙ୍ଗନବାଡି କେନ୍ଦ୍ରର ସ୍ଥିତି,ନିଜସ୍ୱ ଗୃହ, ଅପପୃଷ୍ଟି ସମସ୍ୟା ଓ ତାହାର ସମାଧାନ କିପରି କଲେ



ଦୁରହୋଇପାରିବ ସେଉପରେ ଅଧିକାରୀ ମାନଙ୍କୁ ଲିଖିତ ଭାବରେ ଦେବା ପକ୍ଷଇଁ କହିଥିଲେ । ଅପପୃଷ୍ଟି ଅଞ୍ଚଳ ଚିହ୍ନଟ କରିବା ପାଇଁ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ମିଶନ ଶକ୍ତି ଉପରେ ଆଲୋଚନା କରି ଓଡିଶା ଜୀବିକା ମିଶନ କାର୍ଯ୍ୟକ୍ରମରେ କେତେ ଗୋଟି ଗୋଷ୍ଠୀ ଉପକୃତ ହୋଇଛନ୍ତି ସେମାନଙ୍କ ସ୍ଥିତି କଣ,ସଫଳତା ବିଫଳତାର କାରଣ, ବିପଣନ ବ୍ୟବସ୍ଥା ଓ ଲକ୍ଷପତି ଦିଦି ପାଇଁ ଜିଲ୍ଲାର ଧାର୍ଯ୍ୟ ଉପରେ ଆଲୋଚନା କରିଥିଲେ। ଚଳିତ ବର୍ଷ ମା ପାଇଁ ଗଛ ଟିଏ କାର୍ଯ୍ୟକ୍ରମରେ ୧ଲକ୍ଷ ୩ହଜାର ଚାରା ରୋପଣ କରାଯଇଥିବାରୁ ଖୁସି ବ୍ୟକ୍ତ କରିଥିଲେ । ସେହିପରି ପର୍ଯ୍ୟଟନ ବିଭାଗ ଉପରେ ଆଲୋଚନା କରି ଜିଲ୍ଲାର ଗ୍ରାମ୍ୟ ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ସମ୍ଭକ୍ଷବ୍ୟ ପର୍ଯ୍ୟଟନ ସ୍ଥଳ ଚିନ୍ହଟ କରିବାକୁ ମାନନୀୟକ୍ଷ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ନିର୍ଦ୍ଦେଶ ଦେଇଥିଲେ । ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଯେନା ଜିଲ୍ଲାର ପରିବହନ କାର୍ଯ୍ୟକ୍ରମ, କଡାକଡି ଭାବରେ ଯାଞ୍ଚ କରିବା, ଦୁର୍ଘଟଣା ସ୍ଥିତି ଆଦି ଉପରେ ଆଲୋଚନା କରିଥିଲେ । ଜିଲ୍ଲା ଖଣିଜ ଅଧିକାରୀ ସହିତ ଜିଲ୍ଲାର କ୍ଷୁଦ୍ର ଓ ବୃହତ ଖଣିଜ କ୍ଷେତ୍ର ଉପରେ ପଚାରି ବିଝିଥିଲେ ଏବଂ ନିୟମିତ ତଦାରଖ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି ସମୀକ୍ଷା ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କୋରାପୁଟ ବିଧାୟକ ରଘୁରାମ ମାଛ, ଜିଲ୍ଲାପାଳ ଶ୍ରୀ ମନୋଜ ସତ୍ୟବାନ ମହାଜନ, କାଶୀପୁର ପଂଚାୟତ ସମିତି ଅଧ୍ୟକ୍ଷ କଣ୍ଟ ମାଝୀ, ଉପାଧକ୍ଷା, ଆଦି ମଞ୍ଚାସିନ ଥିଲେ । କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଭାସ୍କର ଚନ୍ଦ୍ର ରୋଇତ, ଜିଲ୍ଲା ମୁଖ୍ୟ ବିକାଶ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଜିଲ୍ଲାପାରିଷଦ ଶ୍ରୀ ନିହାର ରଞ୍ଜନ କହଁର, ଉପଜିଲ୍ଲାପାଳ ଗୁଣୁପୁର ଶ୍ରୀମତୀ କିରଣ ଦୀପ କୌର ସାହାଟେ, ରାୟଗଡ ଉପଜିଲ୍ଲାପାଳ କଲ୍ୟାଣୀ ସଂଘମିତ୍ରା ଦେବୀ,କାଶୀପୁର ବିଡ଼ିଓ ଡ଼ଃ ଅମୃତଲାଲ, ନୂତନ ଭାବରେ ଯୋଗଦାନ କରିଥିବା ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ପ୍ରତିମା ପ୍ରଧାନ, ଡିପିଏମ ସ୍ନେହଲତା ପାଢ଼ୀ, ସିଡିପିଓ ଜ୍ୱସ୍ନା ରାଣୀ ବାରିକି, ଓଡିଶା ଜୀବିକା ମିଶନର ଡିପିଏମ ହେମନ୍ତ ବାଗ, ଆଂଚିଳିକ ପରିବହନ ଅଧିକାରୀ ଶିବଶଙ୍କର ଚୌଧୁରୀ, ଏମଭିଆଇ ହେମନ୍ତ କୁମାର ବେହେରା, ପର୍ଯ୍ୟଟନ ଅଧିକାରୀ ଭଗବାନ ଖରା, ଭାରପ୍ରାପ୍ତ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀ, ଜିଲ୍ଲା ଖଣିଜ ଦ୍ରବ୍ୟ ଅଧିକାରୀ, ଜିଲ୍ଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ ବିଜୟ କୁମାର ସାହୁ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଚିତ୍ରା ସେଠୀ, ନିରାକାର ପାଢ଼ୀ ଆଦି ଯୋଗଦାନ କରିଥିଲେ ।

ଏହାପରେ ମାନ୍ୟବର ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା, ମାନ୍ୟବର ମନ୍ତ୍ରୀ ଶ୍ରୀଯୁକ୍ତ ଜେନା,ଭାରତୀୟ ଜନତା ପାର୍ଟିର ରାଜ୍ୟ ସଭାପତି ମନମୋହନ ସାମଲ, କୋରାପୁଟ ବିଧାୟକ ଶ୍ରୀଯୁକ୍ତ ମାଛ, ରାୟଗଡ ଜିଲ୍ଲାପାଳ ଆଦି କାଶୀପୁର ଠାରେ ନିର୍ମାଣ କରାଯାଇଥିବା ନୂତନ ଗିରିଗୋବର୍ଧନ ମନ୍ଦିରପ୍ରତିଷ୍ଠା ଉତ୍ସବରେ ଯୋଗଦାନ କରିଥିଲେ ।।

## ଠାକୁରଙ୍କ ବାମନ ଓ ପର୍ଶୁରାମ ଅବତାରରେ ଦର୍ଶନ କଲେ ଭକ୍ତମାନେ



ଗଜପତି(ମହାଭାରତ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଗୁଣ୍ଡିଚାବାଡ଼ି ଠାରେ ଆଜି ଠାକୁରଙ୍କର ବାମନ ଓ ପର୍ଶୁରାମ ଅବତାର ଦେଖିବା ସକାଶେ ଭକ୍ତମାନଙ୍କ ସୁଅ ଛୁଟୁ ଥିବାର ଦେଖିବାକୁ ମିଳିଛି। ପାଗ ଆଜି ଅନୁକୂଳ ଥିବାରୁ ଆଖପାଖ ଗ୍ରାମ, ପୁରପଲ୍ଲୀରୁ ବହୁତ ଭକ୍ତଙ୍କ ସମାଗମ ହେଉଛି। ଏହି ଦଶ ଦିନ ଠାକୁରଙ୍କୁ ଦର୍ଶନ କଲେ ପୁଣ୍ୟ ମିଳେ ବୋଲି ଭକ୍ତଙ୍କ ଆଶା ଓ ବିଶ୍ୱାସ ରହିଛି। ତେଣୁ ଠାକୁରଙ୍କ ଦଶ ଅବତାର ଦର୍ଶନ କରିବା ସକାଶେ ପଡୋଶୀ ଆନ୍ଧ୍ରପ୍ରଦେଶରୁ ମଧ ଭକ୍ତଙ୍କ ସମାଗମ ହୋଇଥାଏ। ଭକ୍ତମାନେ ନଡିଆ କଦଳୀ ଫୁଲ ତୁଳସୀ ଧରି ଠାକୁରଙ୍କ ପୂଜାର୍ଚ୍ଚନା କରି ଦର୍ଶନ କରିଥାନ୍ତି ଓ ମହା ପ୍ରଭୁଙ୍କ ଆଶୀର୍ବାଦ ନେଇଥାନ୍ତି। ସନ୍ଧ୍ୟା ସମୟରେ ସନ୍ଧ୍ୟା ଆଳତୀ ଦେଖିବା ପାଇଁ ଭକ୍ତଙ୍କ ସୁଅ ଛୁଟୁଛି। ରଥଯାତ୍ରା କମିଟି ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ସୁପରିଚାଳନା ସକାଶେ ପଦକ୍ଷେପ ନିଆଯାଇଛି। ପୋଲିସ ପ୍ରଶାସନ ପକ୍ଷରୁ ଶାନ୍ତି ଶୃଙ୍ଖଳା ରକ୍ଷା ସକାଶେ ପୋଲିସ ମୃତୟନ କରାଯାଇଛି ଗୁଣ୍ଡିଚା ବାଡି ପରିସରରେ ଏକ ଆଧାମ୍ତିକ ପରିବେଶ ସୃଷ୍ଟି ହୋଇଛି।

### ଡାକ୍ତରଖାନାରେ ରୋଗୀସେବା ଠପ୍

## ମାସେ ହେଲା ଛୁଟିରେ ଡାକ୍ତର, ଆୟୁଷ ଡାକ୍ତର ସମ୍ଭାଳୁଛନ୍ତି ସ୍ୱାସ୍ଥ୍ୟକେନ୍ଦ୍ର

ଓଡ଼ଗାଁ, ( ମହାଭାରତ ) : ଓଡ଼ଗାଁ ବ୍ଲକ୍ କୁରାଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀସେବା ଠପ୍ ହେବାକୁ ବସିଛି। ମାସେ ହେଲା ଡାକ୍ତର ଛୁଟିରେ ଥିବା ବେଳେ ଆୟୁଷ ଡାକ୍ତର ସ୍ୱାସ୍ଥ୍ୟସେବା ସମ୍ଭାଳୁଛନ୍ତି। ଫଳରେ ରୋଗୀ ଉନ୍ନତ ସ୍ୱାସ୍ଥ୍ୟସେବା ନ ପାଇ ବାରଦୁଆର ବୁଲୁଛ। ସୂଚନା ଥାଉକି, କୁରାଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ୧୦ ହଜାରରୁ ଉର୍ଦ୍ଧ୍ୱ ରୋଗୀ ନିର୍ଭର କରୁଥିବାରୁ ଏଠାରେ ଜଣେ




ନିୟମିତ ଡାକ୍ତରଙ୍କୁ ନିଯୁକ୍ତି କରାଯାଇଛି। କୁରାଳ ସମେତ ଗିରିଡ଼ିପଲ୍ଲୀ, ସୁନାମୁହିଁ ପଞ୍ଚାୟତର ରୋଗୀ ଆସି ଚିକିତ୍ସା ପାଉଥିଲେ। କିନ୍ତୁ ଡାକ୍ତର ଅଭାବରୁ ରୋଗୀ ଅଣନିଶ୍ୱାସୀ ହୋଇ ଏଣେତେଣେ ଯାଉଛନ୍ତି। ୫ ମାସ ତଳେ ଜଣେ ନିୟମିତ ଡାକ୍ତରଙ୍କୁ କୁରାଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ନିଯୁକ୍ତି କରାଯାଇଛି। ମାତ୍ର ଡାକ୍ତର ଭୂୟାଁ ସବୁ ସମୟରେ ବିଭିନ୍ନ ଆଳ ଦେଖାଇ ଅନୁପସ୍ଥିତ ରହି ଆସୁଛନ୍ତି। ଗତ ମେ ମାସ ୨୭ ତାରିଖରୁ ଡାକ୍ତର ଭୂୟାଁ କୁଆଡ଼େ ଗାଏବ୍ ହୋଇଯାଇଛନ୍ତି ଯେ ଆଜି ପର୍ଯ୍ୟନ୍ତ ତାଙ୍କର ଦେଖାନାହିଁ। ରୋଗୀ ଏବେ ଆୟୁଷ ଡାକ୍ତର ଓ ଫାର୍ମାସିଷ୍ଟ ଉପରେ ଭରସା କରିଛନ୍ତି। ଏବେ କୁରାଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ କେବଳ ସାଧାରଣ ରୋଗର ଚିକିତ୍ସା କରାଯାଉଛି। ରୋଗୀ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇଆସୁଥିଲେ ମଧ ସେମାନଙ୍କୁ ନୟାଗଡ଼ କିମ୍ବା ଭୁବନେଶ୍ୱର, କଟକ ଆଦି ପଠାଇ ଦିଆଯାଉଛି। ଏହାକୁ ନେଇ ରୋଗୀ ଅଯଥା ଖର୍ଚ୍ଚାନ୍ତ ହୋଇ ଯାଉଥିବା ବେଳେ ସ୍ୱାସ୍ଥ୍ୟ ବିଭାଗ କେବେ ଏଥିପ୍ରତି ଗୁରୁ ଦେବ ଓ ରୋଗୀ ନିର୍ଦ୍ଦନ୍ଦ୍ୱରେ ସ୍ୱାସ୍ଥ୍ୟସେବା ପାଇବେ ତାହା ଦେଖିବାକୁ ବାକି ରହିଛି। ଏବେ ବର୍ଷାଦିନ ଆସିଥିବାରୁ ଲୋକେ ମ୍ୟାଲେରିଆ, ଡାଇରିଆ ଭଳି ମାରାତ୍ମକ ରୋଗର ଶିକାର ହେଲେଣି କିନ୍ତୁ ଡାକ୍ତର ଅଭାବରୁ ରୋଗୀ କଲବଲ ହେଉଛନ୍ତି।ଏହି ଘଟଣାରେ ଜିଲ୍ଲା ଚିକିତ୍ସାଧିକାରୀ ଙ୍କ ସେହି ଚିରାଚରିତ ଉତ୍ତର, ସେଠାକାର ଡାକ୍ତର ପିଜି କରିବାକୁ ଯାଇଥିବାରୁ ସମସ୍ୟା ସୃଷ୍ଟି ହୋଇଛି ଏବଂ କୁରାଳରେ ରୋଗୀ ସମସ୍ୟା ଜଟିଳ ଥିବାରୁ ଆମେ ଏକମାସ ମଧ୍ୟରେ ଆଉ ଜଣେ ନୂତନ ଡାକ୍ତରଙ୍କୁ ନିଯୁକ୍ତି କରିବୁ ବୋଲି କହିଛନ୍ତି।

## ଜିଲ୍ଲାସ୍ତରୀୟ ଶିଶୁଙ୍କ ଓଜନ ଓ ଉଚ୍ଚତା ନିରୀକ୍ଷଣ ତାଲିମ ଅନୁଷ୍ଠିତ

ଅନୁଗୋଳ, (ମହାଭାରତ ):ଅନୁଗୋଳ ଜିଲ୍ଲାରେ ଜିଲ୍ଲା ସମାଜ ମଙ୍ଗଳ ବିଭାଗ ଓ ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗ ଆନୁକୂଲ୍ୟରେ ମିଶନ ଶକ୍ତି ଓ ୟୁନିସେଫ ସହାୟତାରେ ଗତ ୯ ଓ ୧୦ ତାରିଖ ଦୁଇଦିନ ଧରି ଜିଲ୍ଲାର ସମସ୍ତ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ମହିଳା ସୁପରଭାଇଜର, ମମତା କାର୍ଯ୍ୟକ୍ରମ ସହାୟକ, ମିଶନ ଶକ୍ତିର ପ୍ରକଳ୍ପ ସ୍ତରୀୟ ସଂଯୋଜକ, ପ୍ରକଳ୍ପ ସ୍ତରୀୟ ପୋଷଣ ସଂଯୋଜକମାନଙ୍କୁ ନେଇ ସମସ୍ତଙ୍କୁ ଦୁଇଟି ଦଳରେ ବିଭକ୍ତ କରି ଶିଶୁଙ୍କ ଓଜନ ଓ ଉଚ୍ଚତା ନିରୀକ୍ଷଣ ସମ୍ପର୍କରେ ତାଲିମ ଅନୁଗୋଳ ବ୍ଲକ ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରତାପ ପ୍ରୀତିମୟ ମୁଖ୍ୟ ଅତିଥି ଓ ଜିଲ୍ଲା ସମାଜ ମଙ୍ଗଳ ଅଧିକାରି ଶ୍ରୀମତୀ ନିରୂପମା ପାଣି ଅତିଥି ଭାବେ ଯୋଗଦାନ କରି ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଉଦ୍ଘାଟନ କରିଥିଲେ । ଉକ୍ତ ତାଲିମ କାର୍ଯ୍ୟକ୍ରମରେ ରାଜ୍ୟସ୍ତରରୁ ଶ୍ରୀମତୀ ମଞ୍ଜୁଲତା ନାୟକ, ତୋଷିବା ଚୌରାସିଆ, ସୁଦୀପ୍ତ ପ୍ରଧାନ ପ୍ରମୁଖ ସମ୍ବଳବ୍ୟକ୍ତି ଭାବେ ଯୋଗଦାନ କରି ତାଲିମ ପ୍ରଦାନ କରିଥିଲେ ଜିଲ୍ଲା ସ୍ତରୀୟ ତାଲିମ ପରେ ଜିଲ୍ଲାର ସମସ୍ତ ୧୬୮୫ ଟି ଅଙ୍ଗନୱାଡ଼ି କେନ୍ଦ୍ରରେ କାର୍ଯ୍ୟରତ ଅଙ୍ଗନୱାଡି କର୍ମୀଙ୍କୁ ଉପରୋକ୍ତ ବିଷୟରେ ତାଲିମ ପ୍ରଦାନ କରି ଶିଶୁଙ୍କ ଓଜନ ଓ ଉଚ୍ଚତା ନିରୀକ୍ଷଣ କାର୍ଯ୍ୟକୁ ବରାନ୍ୱିତ କରାଯିବ । ଏହି ତାଲିମ ଦ୍ୱାରା ଅଙ୍ଗନୱାଡି କର୍ମୀ ମାନଙ୍କର କାର୍ଯ୍ୟ ଶୈଳୀରେ ଉନ୍ନତି ଆସିବା ସହିତ ଜିଲ୍ଲାର ସମସ୍ତ ଶିଶୁମାନଙ୍କର ସ୍ୱାସ୍ଥ୍ୟ ଓ ପୋଷଣ ସଠିକ ଭାବେ ଯାଞ୍ଚ ହୋଇପାରିବ



ବୋଲି ଅତିରିକ୍ତ ଜିଲ୍ଲାପାଳ ମତ ପ୍ରକାଶ କରିଛନ୍ତି । ତୃଣମୂଳ ସ୍ତରରେ ଅଙ୍ଗନୱାଡି କର୍ମୀଙ୍କ ଦକ୍ଷତା ବୃଦ୍ଧିକରାଇ ଶିଶୁମାନଙ୍କ ବିକାଶ ଧାରାରେ ସୁଧାର ଆଣିବା ଓ ଅତିଶ। ପୁଷ୍ଟିହୀନ ଶିଶୁ ମାନଙ୍କୁ ଚିହ୍ନଟ କରି ଗୋଷ୍ଠୀ ସ୍ମରୀୟ ଅପପୁଷ୍ଟି ପରିଚାଳନା ପ୍ରକ୍ରିୟା କାର୍ଯକ୍ରମରେ ଅନୁର୍ଭୁକ୍ତ କରିବା ଏହି ତାଲିମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ମତ ପୋଷଣ କରିଥିଲେ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ବାଲ୍ୟ ବିବାହ ନିଷେଧ ସଂଯୋଜକ ଶ୍ରୀ ସନ୍ତୋଷ କୁମାର ବେହେରା ମଞ୍ଚ ପରିଚାଳନା କରିଥିବା ବେଳେ ଜିଲ୍ଲା ପୋଷଣ ସଂଯୋଜକ ଶ୍ରୀ ବିଦ୍ୟାଧର ପ୍ରଧାନ ଓ ଜିଲ୍ଲା ମମତା ସଂଯୋଜକ ଶ୍ରୀ ତାପଜ ପାଣି କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ସହଯୋଗ ପ୍ରଦାନ କରିଥିଲେ।

## ସାପ କାମୁଡ଼ାରେ ଚାଲିଗଲା ବୃଦ୍ଧାଙ୍କ ଜୀବନ

ନୂଆପଡ଼ା: ନୂଆପଡ଼ା ଜିଲ୍ଲା ବୋଡ଼େନ ଥାନା ଅନ୍ତର୍ଗତ ଲିଟିସର୍ଗି ପଞ୍ଚାୟତ ସ୍ଥିତ ଦହନାପାଲି ଗାଁର ଜଣେ ବୃଦ୍ଧାଙ୍କୁ ଏକ ବିଷଧର ସାପ କାମୁଡ଼ିବାରୁ ମୃତ୍ୟୁବରଣ କରିଛନ୍ତି। ପ୍ରାପ୍ତ ଖବର ଅନୁସାରେ, ଦହନାପାଲି ଗାଁର କଲମେ ବେଓ୍ୱା (୭୦) ନାମକ ବୃଦ୍ଧା ଜଣକ ନିଜ ଗାଈ ଗୁହାଳକୁ ଗୋବର ଗୋଟେଇବାକୁ ଯାଇଥିବା ବେଳେ ବୃଦ୍ଧାଙ୍କୁ ଏକ ବିଷଧର ସାପ କାମୁଡ଼ି ଦେଇଥିଲା। ସେତିକି ବେଳେ ପରିବାର ଲୋକେ ଗୁଣି ଗାରେଡ଼ି କରିଥିଲେଏହାପରେ ଅବସ୍ଥା ଗୁରୁତର ହେବାରୁ ବୃଦ୍ଧାଙ୍କୁ ଖଡ଼ିଆଳ ମିଶନ ହସ୍ପିଟାଲକୁ ନିଆଯିବା ବାଟରେ ପ୍ରାଣବାୟୁ ଉଡ଼ି ଯାଇଥିଲା। ଏହି ପରିବାର ଅତି ଗରିବ ଶ୍ରେଣୀର ହୋଇଥିବାରୁ ଆର୍ଥିକ ସହାୟତା ଯୋଗାଇ ଦେବା ପାଇଁ ଦାବି ହେଉଛି।ଏହି ପରିବାରରେ ମୃତ ବୃଦ୍ଧାଙ୍କର ଦୁଇ ପୁଅ ଅଛନ୍ତି।

## ପାରଳାଖେମୁଣ୍ଡିରେ ଖାଦ୍ୟର ମାନ ଯାଞ୍ଚ ହେବ କେବେ ?

ଗଜପତି(ମହାଭାରତ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିରେ ସନ୍ଧ୍ୟା ହେଲେ ରାସ୍ତା କଡ଼ରେ ଫାଷ୍ଟଫୁଡ଼ ଠାରୁ ଆରମ୍ଭ କରି ଟିଫିନ,ଚାଟ,ଗୁପୁଚୁପ ବିକ୍ରି ହୋଇଥାଏ। କିନ୍ତୁ ଖାଦ୍ୟର ମାନ ଯାଞ୍ଚ ହେଉ ନଥିବାରୁ ନିମ୍ନମାନର ଖାଦ୍ୟ ବିକ୍ରି ହେଉଥିବାର ଅଭିଯୋଗ ହେଉଛି। ଉପଯୁକ୍ତ ପରିବେଶ ନଥିବା ସହ ସ୍ୱଚ୍ଛ ପାନୀୟ ଜଳ ଯୋଗାଇ ଦିଆଯାଉ ନାହିଁ। ରାସ୍ତାକଡ଼ର ଧୂଳି ଉଡିବା ସାଙ୍ଗକୁ ନାଳ ନିକଟରେ ବିକ୍ରି ଓ ବାସି ଖାଦ୍ୟ ବିକ୍ରି ହେଉଥିବାର ଅଭିଯୋଗ ହେଉଛି। ପୌର ପରିଷଦ କେବଳ ଟିକସ ଆଦାୟ କରିବାରେ ବାଉଳା ସେମାନଙ୍କୁ ସ୍ଥାୟୀ ଦୋକାନ ଦିଆଯାଉ ନାହିଁୟ ସେହିଭଳି ହୋଟେଲ ଗୁଡିକ ମଧ ଯାଞ୍ଚ କରାଯାଉ ନାହିଁ। ସ୍ୱଚ୍ଛ ପାନୀୟ ଜଳ ଦେବା ବାବଦରେ ପାଣିବୋତଲ ଦିଆଯାଇ ୨୦ ଟଙ୍କା ଚାର୍ଜ ନିଆଯାଉଛି। ସ୍ୱଚ୍ଛ ନିର୍ମଳ ପାନୀୟ ସଫା ସୁତୁରା ଓ ଉନ୍ନତ ମାନର ଖାଦ୍ୟ ଯୋଗାଇବା କଥା କିନ୍ତୁ ଦୀର୍ଘ ଦିନ ହେଲା ତାହା ଯାଞ୍ଚ କରାଯାଉ ନାହିଁ। ବର୍ତ୍ତମାନ ରଥଯାତ୍ରା ଚାଲିଥିବାରୁ ସହରକୁ ପୁରପଲ୍ଲୀରୁ ଠାକୁରଙ୍କୁ ଦର୍ଶନ କରିବା ଓ ଯାତ୍ରା ବୁଲିବା ପାଇଁ ଭକ୍ତମାନେ ଆସିଥାନ୍ତି। ତା ସାଙ୍ଗକୁ ଦୋକାନ ଷ୍ଟଲ ହୋଟେଲ ଗୁଡିକରେ ଖାଦ୍ୟ ଖାଇଥାନ୍ତି। ତେଣୁ ଚାଟ ଦୋକାନ,ଟିଫିନ ଦୋକାନ, ହୋଟେଲ, ଫାଷ୍ଟ ଫୁଡ଼ ଷ୍ଟଲରେ ଖାଦ୍ୟର ମାନ ଯାଞ୍ଚ କରିବାର ଆବଶ୍ୟକତା ରହିଛି। ସ୍ୱଚ୍ଛ ପାନୀୟ ଜଳ ପ୍ରଦାନ ଓ ସ୍ୱଚ୍ଛତା ରହିବା ଆବଶ୍ୟକତା ରହିଛି। ଏହି ସମୟରେ ବହୁଳ ପଲିଥିନ ବ୍ୟବହୃତ ବହୁତ ହେଉଛି। ଯାଞ୍ଚ କରାଯିବା ଆବଶ୍ୟକତା ରହିଛି। ଗାଈ ଗୋରୁ ଗୁଡିକ ଖାଦ୍ୟ ପଦାର୍ଥ ଲାଗିଥିବା ଜରି ଖୟଇ ଦେଉଛନ୍ତି। ଘୋରାଇ ଗ୍ୟାସ ସିଲିଣ୍ଡର ବହୁଳ ବ୍ୟବହାର ହେଉଛି ପୁଣି ଚଢା ଦରରେ ବିକ୍ରି ହେଉଥିବାର ଅବିଯୋଗ ହେଉଛ। କାରଣ ଯାତ୍ରା ଚାଲିଥିବାରୁ ବିଭିନ୍ନ ହୋଟେଲରେ ଷ୍ଟଲ ଗୁଡିକରେ ଘରୋଇ ଗ୍ୟାସ ସିଲିଣ୍ଡର ବହୁତ ବ୍ୟବହାର ହେଉଛି। ତେଣୁ ଯାଞ୍ଚ କରିବା ଅବଶ୍ୟକତା ରହିଛି ।

## ଲିଙ୍ଗାପଦାରେ ନୂତନ ତାରିଣୀ ମନ୍ଦିର, ବିଗ୍ରହ ପ୍ରତିଷ୍ଠା ଉତ୍ସବ



ଗୁରୁଡ଼ିଝାଟିଆ: ମଞ୍ଜେଶ୍ୱର ପଞ୍ଚାୟତର ଲିଙ୍ଗାପଦା ଗ୍ରାମରେ ନୂତନ ତାରିଣୀ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଛି। ଗ୍ରାମର ଆବାଳ ବୃଦ୍ଧ ବନିତାଙ୍କ ଭିତରେ ମାଆଙ୍କ ପ୍ରତିଷ୍ଠା ଉତ୍ସବ ପାଇଁ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଛି। ଏଥିପାଇଁ ଯାଜ୍ଞିକ ପଣ୍ଡିତମାନଙ୍କ ଦ୍ୱାରା ଯଜ୍ଞ କାର୍ଯ୍ୟ ଅନୁଷ୍ଠିତ ହୋଇଛି। ଅସୀତ ମହାରାଜଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ପଣ୍ଡିତମାନେ ମାଆଙ୍କ ନୂତନ ମନ୍ଦିର ଓ ପ୍ରାଣ ପ୍ରତିଷ୍ଠା କରିଥିଲେ। ବଂଶୀଧର ବେହେରା ଯଜ୍ଞକର୍ତ୍ତା ଭାବେ କାର୍ଯ୍ୟ ସଂପାଦନ କରିଥିବା ବେଳେ ଗାଁର ମୁରବୀ ଯୋଗେନ୍ଦ୍ର କୁମାର ସାହୁ, ଦେବରାଜ ସାହୁ, ଭାଗିରଥି ବେହେରା, ପ୍ରାଣକୃଷ୍ଣ ସାହୁ, ଶରତ ଚନ୍ଦ୍ର ସାହୁ, ନାରାୟଣ ସାହୁ, ବଳରାମ ସାହୁ, କାଳନ୍ଦୀ ବେହେରା, ଚଗଲା ସାହୁ ପ୍ରମୁଖ ଙ୍କ ସହିତ ଗ୍ରାମର ମୁରବୀ ଓ ଯୁବକମାନେ ଉପସ୍ଥିତ ରହି ମାଆଙ୍କ କାର୍ଯ୍ୟକୁ ସଫଳ କରିଥିଲେ।ଆଜି ଅପରାହ୍ନରେ ପୂର୍ଣ୍ଣାହୁତୀ ସଂପନ୍ନ ହୋଇଛି।

## ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଗାଡ଼ି ପୋଡ଼ି, ପୁଲିସ ତଦନ୍ତ ଆରମ୍ଭ

କେଶଦୁରାପାଳ : ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଜଣେ ଯୁବକଙ୍କ ଗାଡ଼ି ପୋଡ଼ି ଦିଆଯାଇଥିବା ଅଭିଯୋଗ ହୋଇଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ଭଣ୍ଡାରିପଡ଼ା ଗ୍ରାମରେ ଏକ ରାଜନୈତିକ ଦଳ କର୍ମୀମାନେ ଜଣେ ଯୁବକକୁ ସଂଘବଦ୍ଧ ହୋଇ ଆକ୍ରମଣ କରିବାକୁ ଆସିଥିଲେ ।ଏହା ଜାଣିପାରି ବିରୋଧି ଦଳର କର୍ମୀ ପାଲଟା ଆକ୍ରମଣ କରିଥିଲେ।ଫଳରେ ସେମାନେ ଗାଡି ଛାଡି ଘଟଣାସ୍ଥଳରୁ ଚାଲିଯାଇଥିଲେ। ଏହାପରେ ସେହି ଗାଡିକୁ ପୋଡି ଦିଆଯାଇଥିବା ଅଭିଯୋଗ ହୋଇଛି। ଏସଂପର୍କରେ ରାମଚନ୍ଦ୍ରପୁର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ପୋଡ଼ା ଗାଡିକୁ ଜବତ କରିଛି।

## ସଚେତନତାମୂଳକ ପଦକ୍ଷେପ ପାଇଁ ସିନେ ତାରକା ଜ୍ୟାକି ଶ୍ରଫଙ୍କ ସଚେତନତା ବାର୍ତ୍ତା

ନୟାଗଡ଼, ( ମହାଭାରତ ) : ଓଲିଉଡ୍ ସିନେ ତାରକା ସବ୍ୟସାଚୀ ଓ ଅର୍ଚ୍ଚିତାଙ୍କ ପରେ ମୋବାଇଲ ଚୋରି ହେଲେ ନୟାଗଡ଼ ଜିଲ୍ଲା ପୁଲିସ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସଚେତନତାମୂଳକ ବାର୍ତ୍ତା ଦେଇଛନ୍ତି ବଲିଉଡ୍ ତାରକା ଜ୍ୟାକି ଶ୍ରପ୍ ଜ୍ୟାକି ଆଜି ଏକ ଭିଡିଓ ବାର୍ତ୍ତାରେ ଜୟ ଜଗନ୍ନାଥରୁ ଆରମ୍ଭ କରି ରଥଯାତ୍ରା ପାଇଁ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏହାପରେ ଜିଲ୍ଲା ପୁଲିସ ପକ୍ଷରୁ ଚୋରା ମୋବାଇଲ ଖୋଜିବା ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଜ୍ୟାକି କହିଥିଲେ ଯେ,




ମୋବାଇଲ ଚୋରି ହେଲେ କି ହଜିଲେ ଏଣିକି ଆଉ ଥାନାକୁ ଯିବାକୁ ପଡ଼ିବନି।ଘରେ ବସି ଜିଲ୍ଲା ପୁଲିସର ସୋସିଆଲ ମିଡିଆ ଆକାଉଣ୍ଟ୍ସ ହେଉ ଅବା ଓ୍ୱେବସାଇଟରେ ଚୋରି ହୋଇଥିବା ମୋବାଇଲ ସଂକ୍ରାନ୍ତରେ ଟିକିନିଖି ତଥ୍ୟ ଦେବାକୁ ହେବ। ଜିଲ୍ଲା ଓ୍ୱେବସାଇଟରେ ଚୋରି ହୋଇଥିବା ମୋବାଇଲର ସମସ୍ତ ତଥ୍ୟ ପଞ୍ଜୀକରଣ ହେବା ପରେ ଏହାକୁ ଖୋଜିବା ପାଇଁ ପୁଲିସ ପଦକ୍ଷେପ ନେବା ଆରମ୍ଭ କରିବ। ପରେ ଯଦି ଏହି ଚୋରା ମୋବାଇଲ ଠାବ କରାଯାଏ, ତେବେ ଏହାକୁ ସଂପୃକ୍ତ ବ୍ୟକ୍ତିଙ୍କୁ ଫେରାଇ ଦିଆଯିବ। ଏସ୍ପି ରାହୁଲ ଜୈନ କିଛି ଦିନ ତଳେ ଏହି ଯୋଜନା ସଂକ୍ରାନ୍ତରେ ଗଣମାଧ୍ୟମରେ ସୂଚନା ଦେଇଥିଲେ। ବର୍ତ୍ତମାନ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ସେ ନିଷ୍ପତ୍ତି ନେଇଛନ୍ତି। ଫଳରେ ଜିଲ୍ଲାର ସମସ୍ତ ଥାନାରେ ଏ ନେଇ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଥିବା ଜଣାପଡ଼ିଛି। ପୂର୍ବରୁ ଝାରସୁଗୁଡ଼ା ଓ ବରଗଡ଼ ଜିଲ୍ଲାରେ ଶ୍ରୀ ଜୈନ ଏସ୍ପି ଥିବା ବେଳେ ଏହି ଯୋଜନାକୁ ଆପଣାଇ ସଫଳ ହୋଇଛନ୍ତି। ବରଗଡ଼ ଜିଲ୍ଲାରେ ପୁଲିସ ୧୦୧ଟି ଓ ଝାରସୁଗୁଡ଼ାରେ ୨୦୧ଟି ମୋବାଇଲ ଜବତ କରି ଲୋକ ମାନଙ୍କୁ ଫେରାଇଥିଲା। ଏଣୁ ନୟାଗଡ଼ରେ ମଧ ଏହି ରଣନୀତିକୁ ସଫଳତାର ସହ କାର୍ଯ୍ୟକାରୀ କରାଇବା ପାଇଁ ସେ ପ୍ରୟାସ ଆରମ୍ଭ କରିଛନ୍ତି।

## ସାପ କାମୁଡ଼ାରେ ଶିଶୁ ପୁତ୍ର ମୃତ

ପାଟଣା: ଘଟଗାଁ ଥାନା ଢେଙ୍କିକୋଟ ଫାଣ୍ଡି ଅନ୍ତର୍ଗତ ବଡମସିଣାବିଲା ଗ୍ରାମରେ ଗତକାଲି ଚିତି ସାପ କାମୁଡ଼ାରେ ଜଣେ ଶିଶୁ ପୁତ୍ର ପ୍ରାଣ ହରାଇଛ। ବଡ଼ମସିଣାବିଲା ଗ୍ରାମର କମଳା କାନ୍ତ ନାଏକ ପରିବାର ସହ ଘରେ ଚଟାଣରେ ଶୋଇଥିବା ସମୟରେ ଅର୍ଦ୍ଧ ରାତ୍ରରେ ତାଙ୍କ ଅଢେଇ ବର୍ଷର ଶିଶୁ ପୁତ୍ର ଜଗଜିତ ନାଏକଙ୍କ ହାତ ଆଙ୍ଗୁଠିକୁ ଏକ ଚିତି ସାପ କାମୁଡି ଦେଇଥିଲାୟ ଘଟଣା ଜାଣି ଜଗଜିତକୁ ସାଙ୍ଗେ ସାଙ୍ଗେ ଘଟଗାଁ ଓ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ରାତ୍ରି ସାଢ଼େ ୪ଟାରେ ଜଗଜିତକୁ ଡାକ୍ତର ମୃତ ଘୋଷଣା କରିଥିଲେ।

## ଭୂତ ଚାଷୀଙ୍କୁ ଅଦା ବାଣ୍ଟିଲେ ଉଦ୍ୟାନ କୃଷି ବିଭାଗ

### ବ୍ଲକ୍ ଅଧିକାରୀଙ୍କ ପାଖରେ କୃଷକଙ୍କ ତାଲିକା ନାହିଁ

ଭାପୁର, ( ମହାଭାରତ ) : ଭୂତ ଚାଷୀ ଖାଇଗଲେ ଅଦାୟ କୃଷକଙ୍କ ଆର୍ଥିକ ସୁଧାର ନିମନ୍ତେ ବିଭିନ୍ନ ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି। ମାତ୍ର ଏହି ଯୋଜନାର ସୁଫଳ ଭାପୁର ବ୍ଲକ୍ ଅଞ୍ଚଳରେ ଚାଷୀଙ୍କୁ ମିଳୁନଥିବା ଅଭିଯୋଗ ହୋଇଛି। ସୂଚନା ମୁତାବକ, ରାଜ୍ୟ ଉଦ୍ୟାନ ବିଭାଗ ତରଫରୁ ଭାପୁର ବ୍ଲକ୍ ଉଦ୍ୟାନ ବିଭାଗ କାର୍ଯ୍ୟାଳୟକୁ କୃଷକ ମାନଙ୍କ ପାଇଁ ଅଦା ବିହନ ଆସିଥିଲା। ୨୦ଟି ପଞ୍ଚାୟତର ୪୦ ଜଣ କୃଷକଙ୍କର ୪ହେକ୍ଟର ଜମି ପାଇଁ ୨୮ କ୍ୱିଣ୍ଟାଲ୍ ଅଦା ବିହନ ଆସିଥିଲା ଚାଷୀଙ୍କୁ ଚିହ୍ନଟ କରି ୭୦ କେଜି ଅଦା ପ୍ୟାକେଟ୍କୁ



୪ହଜାର ୮ଶହ ଟଙ୍କାରେ କିଣିବା ସହିତ ବିଲରେ ଅଦାଗଛ ଦେଖି କୃଷକ ମାନଙ୍କ ଆକାଉଣ୍ଟକୁ ସବସିଡି ଅର୍ଥ ପ୍ରଦାନର ବ୍ୟବସ୍ଥା ରହିଛି। ମାତ୍ର ଭାପୁର ବ୍ଲକ୍ ଉଦ୍ୟାନ ନ ବିଭାଗ ପକ୍ଷରୁ କୃଷକ ମାନଙ୍କୁ ଉପେକ୍ଷା କରି ଦଲାଲ ମାନଙ୍କ ଇଙ୍ଗିତରେ ବିଭିନ୍ନ ହୋଟେଲ, ଜଳଖିଆ ଦୋକାନ ଓ ଛକ ବଜାରରେ ଅଦା ବିକ୍ରି କରାଯାଇଥିବା ଅଭିଯୋଗ ହୋଇଛି। ବଜାରରେ ଅଦା କେଜି ପିଛା ବର୍ତ୍ତମାନ ୨୪୦ ଟଙ୍କା ରହିଛି। ଉଦ୍ୟାନ ବିଭାଗ ଠାରୁ ଏହି ଅଦା ନେଇଥିବା କିଛି ଚାଷୀ ବଜାର ଦାଠାରୁ କମ୍ ଦାମରେ ବାହାରେ ବିକ୍ରି କରିଥିବା କୃଷକ ମାନେ ଅଭିଯୋଗ କରିଛନ୍ତି। ଏ ବାବଦରେ ଭାପୁର ବ୍ଲକ୍ ଉଦ୍ୟାନ ବିଭାଗ ପକ୍ଷରୁ ମିଳିଥିବା ସୂଚନା ମୁତାବକ ଅଦା କିଣିଥିବା ଚାଷୀ ମାନଙ୍କ ନାମ ଦାୟିତ୍ୱରେ ଥିବା ଅଧିକାରୀ କହିପାରୁ ନାହାନ୍ତି, କି କାଗଜପତ୍ର ଦେଖାଇପାରୁ ନାହାନ୍ତି। ସେହି କାର୍ଯ୍ୟାଳୟରେ ଥିବା ସହକାରୀ ଉଦ୍ୟାନ ସମ୍ପ୍ରସାରଣ ବିଭାଗ ତରଫରୁ ମିଳିଥିବା ସୂଚନା ମୁତାବକ, ବିଭାଗ ପକ୍ଷରୁ ଗଣମାଧ୍ୟମକୁ ସିଧା କୃଷକମାନଙ୍କ ତାଲିକା ଦେଇ ହେବନାହିଁ।ଅଫିସ ଫୋରମ୍ରେ ଦେବୁୟ ତେବେ ଏଭଳି ଘଟଣା ପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତଥା ନୟାଗଡ଼ ଜିଲ୍ଲାପାଳ ଗୁରୁତ୍ୱ ଦେବାକୁ ଭାପୁର ବ୍ଲକ୍ ର ବହୁ ଜନ ପ୍ରତିନିଧି ଏବଂ ସାଧାରଣ ରେ ଦାବି ହେଉଛି।

## ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳ ପାଲଟିଛି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର

ଘୁ ଉଦୟଗିରି(ମହାଭାରତ): କନ୍ଧମାଳ ଜିଲ୍ଲା ଘୁମୁସର ଉଦୟଗିରି ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟରତ ଡାକ୍ତର କିମ୍ବା ଅଧିକାରୀ ନିମନ୍ତେ ଦୀର୍ଘ ୧୭ ବର୍ଷରୁ ଉର୍ଦ୍ଧ୍ୱ ହେବ ଷ୍ଟାଫ୍ କ୍ୱାଟର ଗୁଡ଼ିକ ଅର୍ଦ୍ଧନିର୍ମିତ ଅବସ୍ଥାରେ ରହିଛ। କିନ୍ତୁ ଦୁଃଖ ଓ ପରିତାପର ବିଷୟ ଉକ୍ତ କୋଠା ୩ଟି ସମ୍ପୂର୍ଣ ହୋଇପାରିଲା ନାହିଁ। କୋଠା ନିର୍ମାଣ ଅସମ୍ପୂର୍ଣ୍ଣ ରହିବା କାରଣ ନେଇ ସାଧାରଣରେ ଚର୍ଚ୍ଚା। ହେଉଥିବା ବେଳେ ବିଭାଗୀୟ ଯନ୍ତ୍ରୀ, ଠିକାଦାର ଓ ଅଧିକାରୀ ସୁପ୍ତ ଅବସ୍ଥାରେ। ଏବେକାର ଅଧିକାରୀମାନଙ୍କୁ କୋଠା ନିର୍ମାଣ ବିଷୟରେ ପ୍ରଶ୍ନ କଲେ କେହି ଜାଣି ନ ଥିବା ଉତ୍ତର ମିଳୁଛି। ତେବେ ଅର୍ଦ୍ଧ ନିର୍ମିତ କୋଠା ଗୁଡ଼ିକ ମଧ୍ୟରୁ ଗୋଟିଏ କୋଠା ବ୍ଲକ ପ୍ରଶାସନ ପକ୍ଷରୁ ସମ୍ପୂର୍ଣ୍ଣ କରାଯାଇଛି।କିନ୍ତୁ ଆଉ ୨ ଟି କୋଠା ବାକି ରହିଛି । ଏହି ଦୁଇଟି କୋଠା ଏବେ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡା ସ୍ଥଳ ପାଲଟିଛି। ପ୍ରତିଦିନ ଏହି ଅର୍ଦ୍ଧନିର୍ମିତ ଗୃହରେ ଅନୈତିକ କାର୍ଯ୍ୟ ହେଉଥିବା ବେଳେ ଗଞ୍ଜେଇ, ମଦ, ଜୁଆ ଭଳି ଅନୈତିକ କାର୍ଯ୍ୟ ସେଠାରେ ଚାଲିଥିବା ନେଇ ସାଧାରଣରେ ଆଲୋଚନା ହେଉଛି। ଏହି କୋଠା ଭିତରେ ବିଭିନ୍ନ ଆପତି ଜନକ ଜିନିଷ(ବ୍ୟବହୃତ କୋଣ୍ଡମ) ମଦ ବତଲ, ଗଞ୍ଜେଇ, ବିଡ଼ି, ସିଗାରେଟ, ଅଳିଆ ଆବର୍ଜନା ଦେଖିବାକୁ ମିଳୁଛି ତେବେ ସରକାର ଏହି କୋଠାଗୁଡ଼ିକର ନିର୍ମାଣ ସମ୍ପୂର୍ଣ୍ଣ କଲେନାହିଁ କି କାର୍ଯ୍ୟ ଉପଯୋଗୀ ହେଲା ନାହିଁ ବୋଲି ଚର୍ଚ୍ଚା ହେଉଛି। ସେପଟେ ମେଡ଼ିକାଲ୍ ଷ୍ଟାଫ୍ ଅନ୍ୟତ୍ର ଭଡ଼ା ରହୁ ଥିବା ବେଳେ କ୍ୱାର୍ଟର ଅଭାବରୁ ଅନେକ ସମୟରେ ସ୍ୱାସ୍ଥ୍ୟ ସେବା ମଧ ଅବହେଳା ହେଉଛି। କାରଣ ବ୍ଲକ ଓ ସହର ନିମନ୍ତେ ଏହା ମୁଖ୍ୟ ଚିକିତ୍ସାଳୟ ହୋଇଥିବା ବେଳେ ୫୦ ହଜାରରୁ ଅଧିକ ଲୋକ ଏହି ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ନିର୍ଭର କରୁଛନ୍ତ। ଏହି କୋଠା ଚାରି ପାଖରେ ସୁରକ୍ଷା ପାଚେରୀ ନିର୍ମାଣ କରାଯାଇଛି। ହେଲେ କୌଣସି ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ କିମ୍ବା ଅନ୍ୟ କେହି ମଧ ତଦାରଖ କରିବା ପାଇଁ ନିଯୁକ୍ତି ହୋଇନାହାନ୍ତି। ଏହା ଭିତରେ ଅବାଧ ଅନୈତିକ କାର୍ଯ୍ୟ କରିବା ନିମନ୍ତେ ଅସାମାଜିକ ବ୍ୟକ୍ତି ସୁଯୋଗ ପାଉଛନ୍ତି। ଏହା ଗୋଟିଏ ସୁରକ୍ଷିତ ସ୍ଥାନ ହୋଇଛି ଅସାମାଜିକ ବ୍ୟକ୍ତିଙ୍କ ଅନୈତିକ କାର୍ଯ୍ୟ ପାଇଁ ଯାହା ଫଳରେ ସେମାନେ ଏହାର ଅପବ୍ୟବହାର କରୁଛନ୍ତି। ତେବେ ପ୍ରଶ୍ନ ଉଠେ କିଏ କରିବ ଏହାର ଯତ୍ନଓ କିଏ କରିବ ଏହାର ସୁରକ୍ଷା। ଯେପରି ଅନୈତିକ କାର୍ଯ୍ୟ ବନ୍ଦ୍ ହେବ ଓ ସ୍ୱାସ୍ଥ୍ୟ ବିଭାଗ କୋଠାଗୁଡିକ କାର୍ଯ୍ୟକାରୀ ହେବ ଓ ଷ୍ଟାଫ୍ ଏଠାରେ ରହି ସେବା ଯୋଗାଇବେୟ ସ୍ଥାନୀୟ ପ୍ରଶାସନ ଏଥି ପ୍ରତି ଦୃଷ୍ଟି ଦେଲେ ଉକ୍ତ ସ୍ଥାନରେ ଅନୈତିକ କାର୍ଯ୍ୟକଳାପ ବନ୍ଦ୍ ହେଇପାରିବ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

# ୫୫ନମ୍ବର୍ ଜାତୀୟ ରାଜପଥ କଡ଼ରେ କାରଖାନାର ବିଷାକ୍ତ ପାଉଁଶ

## ସମସ୍ୟାର ସମାଧାନ ନହେଲେ ଆଗକୁ ହେବ ରାସ୍ତାରୋକ

**ହିନ୍ଦୋଳ,(ମହାଭାରତ) :** କଳ କରଖାନାରୁ ନିର୍ଗତ ବିଷାକ୍ତ ପାଉଁଶ ପାହାଡ଼ ଗଦା ପାଇଁ ହନ୍ତସନ୍ତ ହେଲେଣି ଦୁଇ ପଞ୍ଚାୟତର ଗ୍ରାମବାସୀ ଏବଂ ପଥଚାରୀ। ଯଥାଶୀଘ୍ର ପାଉଁଶ ଗଦା ନହଟିଲେ ଆଗକୁ ହେବ ଜୋରସୋର ଆନ୍ଦୋଳନ,ଚେତିଲେଣି ଦୁଇ ପଞ୍ଚାୟତର ଲୋକେ । ସୂଚନା ଥାଉକି ଢେଙ୍କାନାଳ ଜିଲ୍ଲା ଓଡାପଡା ତହସିଲ ଅନ୍ତର୍ଗତ ନୟାଭାଗିରଥିପୁର ଓ ନିମିଧା ଗ୍ରାମପଞ୍ଚାୟତର ପରିସୀମାର ଚତୃପାର୍ଶ୍ୱରେ ଏବେ ଗଦା ହେଉଛି କଳକାରଖାନାରୁ ନିର୍ଗତ ବିଷାକ୍ତ ପାଉଁଶ।୫୫ ନମ୍ବର ଜାତୀୟ ରାଜପଥର ଉଭୟ ପାର୍ଶ୍ୱ ରୁ ଆରମ୍ଭ କରି ନିମିଧା ଗ୍ରାମର ମୁଖ୍ୟ ରାସ୍ତାର ଦୁଇପାର୍ଶ୍ୱ ଓ ରେଙ୍ଗାଳି ଦକ୍ଷିଣ କେନାଲର ଉଭୟ ପାର୍ଶ୍ୱରେ ବିନା ଅନୁମତିରେ ବେଆଇନି ଭାବରେ ପାଉଁଶ କିଏ ଢ଼ାଳୁଛି,ଏବଂ କାହା ଇଙ୍ଗିତରେ ଢାଳୁଛି ପ୍ରଶାସନ ପାଖରେ ନାହିଁ ସୂଚନା ନାଁ ସମସ୍ତଙ୍କ ମିଳିଭଗତରେ ରୋଜଗାର ଆଶାରେ ଜାଣି ଜାଣି ପରିବେଶକୁ ଏମିତି ବିଷାକ୍ତ କରି ଟନ ଟନ ଓଜନର ପାଉଁଶ କାରବାର କରି ପରିବେଶକୁ ବିଷମୟ କରାଯାଉଛି ତାହା ହେଉଛି ବଡ଼ ପ୍ରଶ୍ନ ? ସବୁଠାରୁ ବଡ଼ କଥା ଏହା ଯେ ବିଷାକ୍ତ ପାଉଁଶ ପାହାଡ଼ ଗଦା ପାଇଁ ଏବେ ନିମିଧା ଗ୍ରାମର ମୁଖ୍ୟରାସ୍ତାରେ ଯାତାୟାତ କରିବାକୁ ଉପୁଜୁଛି ବହୁ ସମସ୍ୟା। ଏହି ବିଷାକ୍ତ ପାଉଁଶ ପାନୀୟ ଜଳ ଓ ବନ୍ଧ ପୋଖରୀରେ ମିଶୁଛି ଏବଂ ଏହାକୁ ବ୍ୟବହାର କରି ସାଧାରଣ ଲୋକ ମାନେ ରୋଗାକ୍ରାନ୍ତ ହେଉଛନ୍ତି। ଦୈନିକ ହଜାର ହଜାର ଗାଡ଼ି ମୋଟର ଯିବା ଆସିବା କଟକ ସମ୍ବଲପୁର ୫୫ ନମ୍ବର୍ ଜାତୀୟ ରାଜପଥର ରାସ୍ତା



କଡ଼ରେ ରଖାଯାଇଥିବା ବିଷାକ୍ତ ପାଉଁଶ ଉଡ଼ିବା ଫଳରେ ଯାତାୟାତ ବାଧାପ୍ରାପ୍ତ ହେବା ସାଙ୍ଗକୁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଅଞ୍ଚଳବାସୀ। ଏପଟେ ସତ୍ୟମ୍ ଶିବମ ସୁନ୍ଦରମ କଲେଜର ମାତ୍ର କିଛି ମିଟର ଦୂରରେ ଥିବା ପାଉଁଶ ଡମ୍ପ ପ୍ୟାଡ କଲେଜ ବାତାବରଣ କୁ ନଷ୍ଟ କରୁଥିବାବେଳେ ପାଖରେ ଥିବା ରାଜସ୍ୱ ନିରୀକ୍ଷକଙ୍କ ନଜର ନାହିଁ।ଓଡ଼ାପଡ଼ା ତହସିଲଦାରଙ୍କୁ ପଚାରିବାରୁ ସେ ଏହି ବିଷୟରେ କିଛି ଜାଣିନାହାନ୍ତି ଏବଂ ଜିଲ୍ଲାପାଳ ନିର୍ଦ୍ଦେଶ ଦେଲେ ଏଥିପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ ଓଡାପଡା ତହସିଲଦାର ମହେଶ୍ୱର ବେହେରା।ତେବେ ଦେଖିବାକୁ ବାକି ରହିଲା ଖବର ପ୍ରସାରଣ ପରେ ପ୍ରଶାସନ କଣ ପ୍ରକାର ପଦକ୍ଷେପ ଗ୍ରହଣ କରୁଛନ୍ତି ,ଆଉ କେବେ ଗ୍ରାମବାସୀ ମାନଙ୍କୁ ଏହି ଧୂଳି ଧୁଆଁରୁ ମୁକ୍ତି ମିଳୁଛି।

# ଆମ ଓଡ଼ିଶା ନବୀନ ଓଡ଼ିଶା କମ୍ୟୁନିଟି ଗୃହ ନିର୍ମାଣରେ ଦୁର୍ନିତି ଅଭିଯୋଗ



**ଟିଟିଲାଗଡ,(ମହାଭାରତ) :** ସଇଁତଲା ବ୍ଲକ ବୁଢ଼ାବାହାଲ ପଂଚାୟତ ଅନ୍ତର୍ଗତ କୁଟୁରାମୁଣ୍ଡା ଗ୍ରାମରେ ଆମ ଓଡ଼ିଶା ନବୀନ ଓଡ଼ିଶା କମ୍ୟୁନିଟି ଗୃହ ନିର୍ମାଣ କାର୍ଯ୍ୟ ଚାଲୁ ରହିଛି । କମ୍ୟୁନିଟି ଗୃହ ନିର୍ମାଣ ପାଇଁ ସରକାରଙ୍କ ତରଫରୁ ୨ଲକ୍ଷ ପଚାର ହଜାର ଟଙ୍କାର ଅନୁଦାନ ଆସିଥିବାବେଳେ ଅଂଚଳର ଜଣେ ଠିକାଦାର ଏହି କାର୍ଯ୍ୟ କରୁଅଛନ୍ତି । ଏହି କାର୍ଯ୍ୟରେ ବ୍ୟାପକ ଦୁର୍ନିତି ହେଉଥବା ଏବଂ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହେଉଥବା ନେଇ ଗ୍ରାମବାସୀ ଆଜି ବିଡ଼ିଓଙ୍କ ଠାରେ ଲିଖିତ ଅଭିଯୋଗ କରିଛନ୍ତି। ଗ୍ରାମବାସୀଙ୍କ କହିବା ଅନୁସାରେ କୁଟୁରାମୁଣ୍ଡା ଗ୍ରାମରେ ରାଜ୍ୟ ସରକାରଙ୍ଗ ତରଫରୁ ଆମ ଓଡ଼ିଶା ନବୀନ ଓଡ଼ିଶା ଜମ୍ୟୁନିଟି ଗୃହ ନିର୍ମାଣ କାର୍ଯ୍ୟ କରିବା ପାଇଁ ଅନୁଦାନ ଆସିଛି । ଉକ୍ତ କାର୍ଯ୍ୟଟି ଗ୍ରାମର ମଧ୍ୟ ଭାଗରେ କରିବା ପାଇଁ ଜିଓଟେକେ ତରଫରୁ ସ୍ଥାନ ନିରୂପଣ କରାଯାଇଥିଲା ଏବଂ ଏଥିରେ ଗ୍ରାମବାସୀ ମଧ୍ୟ ସହମତି ପ୍ରଦାନ କରିଥିଲେ । କିନ୍ତୁ ଗ୍ରାମ ମଧ୍ୟଭାଗରେ କାର୍ଯ୍ୟକରାଗଲେ କାର୍ଯ୍ୟର ମାନ ମଧ୍ୟ ଠିକଠାକ ରଖବାକୁ ପଡ଼ିବ । ଏହାସହ ଗ୍ରାମବାସୀଙ୍କ ମଧ୍ୟ କାର୍ଯ୍ୟ ଉପରେ ନଜର ରହିବ ବୋଲି ଚିନ୍ତା କରି ଉକ୍ତ କାର୍ଯ୍ୟକୁ ସେ ଗୋଚର ଜମିରେ ନିର୍ମାଣ କରୁଛନ୍ତି । କମ୍ୟୁନିଟି ଗୃହ ନିର୍ମାଣ ପାଇଁ ଠିକାଦାର ଜଣକ କୌଣସି କାର୍ଯ୍ୟାଦେଶ ପାଇନଥିବାବେଳେ କାର୍ଯ୍ୟର କୌଣସି ଫଳକ ମଧ୍ୟ ଲଗାଇନଥିବା ଅଭିଯୋଗ ଗ୍ରାମବାସୀ କରିଛନ୍ତି । ଏହା ପୂର୍ବରୁ ଠିକାଦାର ଜଣକ ମନରେଗା ଯୋଜନାରେ ୧୦ଲକ୍ଷ ଟଙ୍କାର ଏକ ପୋଖରୀ କାର୍ଯ୍ୟ ଠିକାରେ ପାଇଥିଲେ । ଉକ୍ତ କାର୍ଯ୍ୟକୁ ସେ ଗ୍ରାମର ଗୋଚର ଜମିରେ ଟ୍ରାକ୍ଟର ଓ ଜେସିବି ଲଗାଇ ପୋଖରୀ ଖନନ କରି ଟଙ୍କା ହଡ଼ପ କରିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏହି କାର୍ଯ୍ୟକୁ ବନ୍ଦ କରିବା ସହ ଏହାର ତଦନ୍ତ କରାଯାଉ ବୋଲି ଗ୍ରାମର ପଙ୍କଜ ଗହୀର ପ୍ରମୋଦ ଗହୀର, ମାର୍କଣ୍ଡ ସୁନା, ବିକଳ ବାଗ ରଂଜନ ବାଗ, ନିର୍ମଳ ବାଗଙ୍ଗ ସମେତ ବହୁ ଗ୍ରାମବାସୀ ବିଡ଼ିଓ ବିନୟ ଭୋଇଙ୍କ ନିକଟରେ ଲିଖତ ଅଭିଯୋଗ କରିଛନ୍ତି । ଏ ବିଷୟରେ ବିଡ଼ିଓ ଶ୍ରୀ ଭୋଇଙ୍କୁ ପଚାରିବାରୁ ଘଟଣାର ତଦନ୍ତ କରାଯିବ ବୋଲି କହିଥିଲେ ।

# ଗୁଣ୍ଡିଚା ବାଡ଼ିରେ ଅନ୍ନ ପ୍ରସାଦ ସେବନ କଲେ ପ୍ରଶାସନିକ ଅଧିକାରୀ



**ଗଜପତି,(ମହାଭାରତ) :** ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ଠାରେ ଥିବା ଗୁଣ୍ଡିଚାବାଡ଼ି ଠାରେ ଅନ୍ନ ପ୍ରସାଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି ।ଗୁଣ୍ଡିଚା ଯାତ୍ରା ଠାରୁ ବାହୁଡ଼ା ଯାତ୍ରା ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ସାଧାରଣ ଲୋକଙ୍କ ପାଇଁ ଅନ୍ନ ପ୍ରସାଦ କମିଟି ପକ୍ଷରୁ ଅନ୍ନ ପ୍ରସାଦ ସେବନ ବ୍ୟବସ୍ଥା ରହିଥାଏ କିନ୍ତୁ ଆଜି ପ୍ରତ୍ୟେକ ବିଭାଗର ସରକାରୀ କର୍ମଚାରୀ , ପ୍ରଶାସନିକ ଅଧିକାରୀ ଓ ଜିଲ୍ଲାର ଗଣମାଧମ ପ୍ରତିନିଧି ଓ ବିଭିନ୍ନ ଅନୁଷ୍ଠାନମାନଙ୍କ ନିମନ୍ତେ ପ୍ରସାଦ ସେବନ ବ୍ୟବସ୍ଥା ରହିଛି ।ଠାକୁରଙ୍କୁ ଅନ୍ନ ଭୋଗ ହେଲା ପରେ ମନ୍ଦିର ସେବାୟତମାନେ ପ୍ରସାଦ ସେବନ କରିଥିଲେ। ତାପରେ ସମସ୍ତ ଶ୍ରଦ୍ଧାଳୁ ଭକ୍ତ ମାନଙ୍କୁ ଅନ୍ନ ପ୍ରସାଦ ପ୍ରଦାନ କରାଯାଇ ଥିଲା।।ତତ ସହିତ ରଥଯାତ୍ରା ଅନ୍ନ ପ୍ରସାଦ କମିଟିର ସଦସ୍ୟ ମାନେ ଏହି କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପରିଚାଳନା କରିଥିଲେ ।ଗଜପତି ରୁ ବିବେକାନନ୍ଦ ବେହେରା

# ଅଟୋଗାଡି ସହ ଶାଳ ଚୌକାଠ ଜବତ

**କେନ୍ଦୁଝର,(ମହାଭାରତ) :** କେନ୍ଦୁଝର ଜିଲ୍ଲା ପାଟଣା ବନାଞ୍ଚଳ ଦ୍ୱାରା ଅଟୋ ଗାଡି ସହ ଶାଳ କାଠ ଜବତ କରାଯାଇଛି । ସୂଚନା ରୁ ପ୍ରକାଶ ପାଟଣା ବନାଞ୍ଚଳ ଅଧିକାରୀ ବିନୋଦ ବିହାରୀ ସର୍ଦାର କୌଣସି କାର୍ଯ୍ୟ ନେଇ କେନ୍ଦେଇପଶି ମୁଖେ ଯାଉ ଥିବା ବେଳେ ଏକ ନାଳି ରଙ୍ଗର ଅଟୋ ରେ ଜରି ଗୋଲା ହୋଇ ଯାଉ ଥିବା ବେଳେ ବନାଞ୍ଚଳ ଗାଡି ସନ୍ଦେହରେ



ଅଟୋକୁ ପିଛା କରିବାରୁ ଅଟୋ ଡ୍ରାଇଭର ଅଟୋ ଛାଡି ପଳେଇ ଯିବାରୁ ଘଟଣା ସ୍ଥଳରେ ପହଁଞ୍ଚି ଦେଖ ନ୍ତି ତ ଅଟୋ ରେ ୮ଖଣ୍ଡ ଶାଳ ଚୌକାଠ ରହି ଥିଲା । ଘଟଣାସ୍ଥଳରୁ ଅଟୋକୁ ଜବତ କରି ପାଟଣା ବନାଞ୍ଚଳ କାର୍ଯ୍ୟାଳୟକୁ ଅଣାଯାଇଛି । ଏହି କାଠ ଜବତରେ ବନବିଭାଗ ପାରା କର୍ମଚାରୀ ସଞ୍ଜୟ ମହାନ୍ତ,ତ୍ରିଲୋଚନ ମହାନ୍ତ, ଏମ୍.ଡି ୱାସିମ୍,ଭାସ୍କର ନାଏକ ସାମିଲି ଥିବା ବେଳେ କାଠର ଆନୁମାନିକ ମୂଲ୍ୟ ୧୬ହଜାର ଟଙ୍କା ଦେବା ବୋଲି ବନାଞ୍ଚାଳ ଅଧିକାରୀ ସୂଚନା ଦେଇଛନ୍ତି ।

# ପାଟଣା ବସଷ୍ଟାଣ୍ଡରେ ଅନିୟମିତା ନିଯୁକ୍ତି ନେଇ ଗ୍ରାମବାସୀଙ୍କ ବିରୋଧ



**କେନ୍ଦୁଝର,(ମହାଭାରତ) :** କେନ୍ଦୁଝର ଜିଲ୍ଲା ପାଟଣା ବଷ୍ଟାଣ୍ଡ ରେ ଅନିୟମିତା ନିଯୁକ୍ତି ନେଇ ଗ୍ରାମବାସୀଙ୍କ ବିରୋଧ କରିଛନ୍ତି। ସୂଚନାରୁ ପ୍ରକାଶ ପାଟଣା ନୂତନ ବସଷ୍ଟାଣ୍ଡ ରେ କୌଣସି ଏକ ଠିକା ସଂସ୍ଥା ପକ୍ଷରୁ ସୁପ୍ରଭାଇଜର,ସିକ୍ୟୁରିଟି ଗାର୍ଡ,ସଫେଇ କର୍ମୀ ମାନ ଙ୍କୁ ବାହାର ବ୍ଲକ ଗୁଡିକ ରୁ ନିଯୁକ୍ତି ଦିଆଯାଇ ଥିବା ନେଇ ସାଧୁପଡା ଗ୍ରାମବାସୀ ବିରୋଧ କରିଛନ୍ତି । ବଷ୍ଟାଣ୍ଡ ରେ ନିଯୁକ୍ତି ନିମନ୍ତେ କୌଣସି ବିଜ୍ଞାପନ ନ ଥାଇ କିପରି ଏହି କର୍ମଚାରୀ ନିଯୁକ୍ତି କରାଯାଇଛି । ତାହା ସଧାରଣ ବଡ଼ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏହି ନୂତନ ବଷ୍ଟାଣ୍ଡ ରେ ପାଟଣା ବ୍ଲକ ରୁ କାହିଁକି କେଉଁ କାରଣ ନେଇ କୌଣସି ଲୋକଙ୍କୁ ନିଯୁକ୍ତି ଦିଆଯାଇ ନାହିଁ ଗ୍ରାମବାସୀଙ୍କ ମହଲ ତାହା ବିରୋଧ ରେ ଆଲୋଚନା ଜୋର ଧରିଛି । ଗ୍ରାମବାସୀଙ୍କ ଗୋଟିଏ ମତ ଆଗାମୀ ଦିନରେ ଠିକା ସଂସ୍ଥା ପକ୍ଷରୁ ଯଦି ନିଯୁକ୍ତି କର୍ମଚାରୀ ହଟାଇ ପାଟଣା ବ୍ଲକ ଅଞ୍ଚଳ ରୁ ଲୋକ ଙ୍କୁ ନିଯୁକ୍ତି ନ କରାଯାଏ । ଏହି ବିରୋଧ ପର୍ଵର୍ତ୍ତି ଦିନରେ ତୀବ୍ର ରୂପ ନେବ ବୋଲି ଗ୍ରାମବାସୀ ଚେତାବନୀ ଦେଇ ଛନ୍ତି । ଖବର ପାଇ ପାଟଣା ପୋଲିସ ଘଟଣାସ୍ଥଳ ପହଞ୍ଚି ଗ୍ରାମବାସୀ ପ୍ରତିବାଦକୁ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ହୋଇଛି । ଆଗାମୀ ଦିନରେ ଗ୍ରାମବାସୀ କଥା ଠିକା ସଂସ୍ଥା ରଖିବ ନୂତନ ନିଯୁକି ଦେବ ତାହା ଦେଖିବାକୁ ରହିଲା ।

# ଟାଟା ପାୱାର ପକ୍ଷରୁ ୫ଜଣଙ୍କୁ ମୋବାଇଲ ପୁରସ୍କାର ପ୍ରଦାନ

**କେନ୍ଦୁଝର,(ମହାଭାରତ) :** କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ସଭାଗୃହ ରେ ଟାଟା ପାୱାର ପକ୍ଷ ରୁ ପୁରୁଣା ବିଦ୍ୟୁତ ବକେୟା ଟଙ୍କା ସହ ସଠିକ ସମୟରେ ବିଦ୍ୟୁତ ବିଲ ଟଙ୍କା ପୈଠ କାରୀ ଙ୍କ ପାଇଁ ଚଳିତବର୍ଷ ଟାଟା ପାୱାର ଏକ ପୁରସ୍କାର ମୋବାଇଲ ଫୋନ ସୁଯୋଗ



ରଖିଥିଲେ । ଏଥିରେ ବିଦ୍ୟୁତ ହିତାଧିକାରୀ ୪ଟି ପଞ୍ଚାତ ୟତ ରୁ ୫ଜଣ ପୁରୁଣା ବର୍ଷର ବିଦ୍ୟୁତ ବିଲ ସହ ସଠିକ ସମୟରେ ବିଲ ଟଙ୍କା ପୈଠ କରି ଆସୁଥିବା ୫ଜଣ ଙ୍କୁ ଟାଟା ପାୱାର ପକ୍ଷ ମୋବାଇଲ ବିଜୟତା ଚୟନ କରାଯାଇ ଛି । ଏହି ୫ଜଣ ହେଲେ ପାଟଣା ବି.ଡ଼ି.ଓ ଶିବ ପ୍ରସାଦ ମୁର୍ମୁ,ଜି.ପି.ଓ ରଶ୍ମିରେଖା ମହାନ୍ତି,ଟାଟା ପାୱାର ଏଚ୍.ଓ.ଜି ନବୀନ ଶର୍ମା,ତୁରୁମୁଙ୍ଗା ଏସ୍.ଡି.ଓ ଜନ୍ମଜୟ ବେହେରା,ଏସ୍.ସି.ଓ ସର୍ଭ ସାଧୁ,ଗ୍ରାହକ ସେବା ଅଧିକାରୀ ମାସୁମା ନାଜ୍,ଲପାମୁଦ୍ରା ଲେଙ୍କା ଙ୍କ ଉପସ୍ଥିତରେ ବଡ଼ପାଟଣା ପଞ୍ଚାୟତ ର ସନାତନ ନାଏକ,ବାବୁଲା ମହାନ୍ତ, ସରାସକୋଲା ପଞ୍ଚାୟତ ର ନବକିଶୋର ପାତ୍ର,କେନ୍ଦେଇପଶି ପଞ୍ଚାୟତ ର ଭରତ ଚନ୍ଦ୍ର ନାଏକ, ଟାଙ୍ଗରପଡା ପଞ୍ଚାୟତ ର ସହଦ୍ୱେ ସାହୁ ସମେତ ୫ଜଣ ଙ୍କୁ ଗୋଟିଏ ଗୋଟିଏ ବିଡ଼ିଓ ଙ୍କ ଦ୍ୱାରା ମୋବାଇଲ ଫୋନ ପୁରସ୍କୃତ କରାଯାଇଛି ।

# ରାଇରଙ୍ଗପୁର ମହିଳା ମହାବିଦ୍ୟାଳୟରେ ସମ୍ବର୍ଦ୍ଧନା ସଭା



**ରାଇରଙ୍ଗପୁର,(ମହାଭାରତ) :** ବୃକ୍ଷ୍ୟ ରୋପଣ କଲେ ସାଂସଦ ଓ ବିଧାୟକ ରାଇରଙ୍ଗପୁର ବାମନଘାଟି ଉପଖଣ୍ଡର ଏକମାତ୍ର ସର୍ବପୁରାତନ ମହାବିଦ୍ୟାଳୟ ରାଇରଙ୍ଗପୁର ମହିଳା ମହାବିଦ୍ୟାଳୟ ଆଜି ମହାବିଦ୍ୟାଳୟ ପରିସରରେ ମୟୁରଭଞ୍ଜ ସାଂସଦ ତଥା ବିଧାୟକଙ୍କ ଉଦ୍ଦ୍ୟେଶରେ ସମ୍ବର୍ଦ୍ଧନା ସଭାର ଆୟୋଜନ କରିଥିଲା କ୍ଷ ସମ୍ବର୍ଦ୍ଧନା ସଭାର ମୁଖ୍ୟ ଅତିଥି ଥିଲେ। ସାଂସଦ ନବଚରଣ ମାଝୀ, ସମ୍ମାନିତ ଅତିଥି ଥିଲେ ବିଧାୟକ ଜଲେନ ନାଏକ ଅନ୍ୟତମ ସମ୍ମାନିତ ଅତିଥିଙ୍କ ଆସନ ଗ୍ରହଣ କରିଥିଲେ ବିଜେପି ର ରାଜ୍ୟ ସମ୍ପାଦକ ନବୀନ ରାମ, ବିଜେପି ନଗର ସଭାପତି ସୁରଥ କୁମାର ପଟ୍ଟନାୟକ, ରାଷ୍ଟ୍ର ପତିଙ୍କ ବ୍ୟକ୍ତିଗତ ଅତିରିକ୍ତ ସହାୟକ ସୁରଥ ମହାନ୍ତ, ମଂଚାସୀନ ଅନ୍ୟତମ ଅତିଥି ଥିଲେ ଅଧ୍ୟାପିକା ରାଜଶ୍ରୀ ଦାଶ ସଭାପତିତ୍ୟ କରିଥିଲେ ଅନୁଷ୍ଠାନର ଅଧକ୍ଷ ରବିନାରାୟଣ ଶତପଥୀ ଆବାହକ ସଂଯୋଜକ ଥିଲେ ଅଧ୍ୟାପକ ବିଜୟ ରାମ । ସମ୍ବର୍ଦ୍ଧନା ଉତ୍ସବର ସମାପନ ପରେ ମହାବିଦ୍ୟାଳୟ ପରିସରରେ ବୃକ୍ଷ୍ୟ ରୋପଣ କାର୍ଯ୍ୟ କ୍ରମ ହୋଇଥିଲା । ସମସ୍ତ କାର୍ଯ୍ୟ କ୍ରମରେ ସହଯୋଗ କରିଥିଲେ ଅନୁଷ୍ଠାନର ସମାପ୍ତି ରାଣୀ ଦାସ, ତିଲଉମା ଷଡ଼ଙ୍ଗୀ, ସୁଭଦର୍ଶନୀ ମିଶ୍ର, ପ୍ରିୟଉମା ହେମ୍ବ୍ରମ ରାଜଶ୍ରୀ ନାୟକ, କାରୁ ମାର୍ଣ୍ଡି, ଅବନୀ ନାୟକ, ଜୋଶଧାରା ମହାନ୍ତ, ତୃପ୍ତିଲତା ମହାନ୍ତ, ରଞ୍ଜୁଲତା ନାୟକ, ଦୀପିକା ମହାରଣା, କୁନି ବେହେରା ଏବଂ ମାୟା ମହାଳି ।

# ଝରକାରେ ଫାଶୀ ଲଗାଇ ମହିଳାଙ୍କ ଆତ୍ମହତ୍ୟା

**କେନ୍ଦୁଝର,(ମହାଭାରତ) :** କେନ୍ଦୁଝର ଜିଲ୍ଲା ପାଟଣା ଥାନା ଟାଇଁଶିରା ଗ୍ରାମରେ ନିଜ ଶୋଇବା ଘରର ଝରକାରେ ଫାଶୀ ଲଗାଇ ଜଣେ ମହିଳା ଆତ୍ମହତ୍ୟା କରିଛନ୍ତି। ମୃତ ମହିଳା ହୀରା ନାଏକ ବୋଲି ଜଣାପଡିଛି। ସେ ଗତ ରାତିରେ ଖାଇପିଇ ଶୋଇବା ପରେ ବିଳମ୍ବିତ ରାତିରେ ଝରକା ରେ ଫାଶୀ ଲଗାଇ ଆତ୍ମହତ୍ୟା କରିଛନ୍ତି। ଆଜି ସକାଳୁ ପରିବାର ଲୋକେ ଦେଖିବା ପରେ ପୋଲିସ କୁ ଖବର ଦେଇଥିଲେ। ଘଟଣା ସ୍ଥଳରେ ପୋଲିସ ପହଞ୍ଚି ମୃତଦେହ କୁ ଜବତ କରି ଘଟଣାର ତଦନ୍ତ ଚଳାଇଛି। ଅନ୍ୟ ପକ୍ଷରେ ମହିଳା ଜଣଙ୍କ କେଉଁ ପରିସ୍ଥିତିରେ ଆତ୍ମହତ୍ୟା କଲେ ତାହା ସ୍ପଷ୍ଟ ହୋଇନି। ଶବ ବ୍ୟବଚ୍ଛେଦ ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ପୋଲିସ କହିଛି।

# ସାକ୍ଷରତା ସମିତି ପକ୍ଷରୁ ବିଶ୍ୱ ଜନସଂଖ୍ୟା ଦିବସ ପାଳିତ

**ପାରାଦୀପ,(ମହାଭାରତ) :** ପାରାଦୀପ ସାକ୍ଷରତା ସମିତି ପକ୍ଷରୁ ବିଶ୍ୱ ଜନସଂଖ୍ୟା ଦିବସ ସ୍ଥାନୀୟ ପୋର୍ଟ ଅଫିସର୍ସ କ୍ଲବ ସମ୍ମିଳନୀ କକ୍ଷରେ ମହା ସମାରୋହରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ପାରାଦୀପ ବନ୍ଦର ସଚିବ ତଥା ସମିତିର କାର୍ଯ୍ୟକାରୀ ଅଧକ୍ଷ ୟୁ.ଆର.ମୋହନ ରାଜୁ ଙ୍କ ପୌରହିତ୍ୟରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ରେ ବନ୍ଦର ଅଧକ୍ଷ ପି.ଏଲ.ହରନାଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତା ଅତିଥି ଭାବେ ପାରାଦୀପ ଲେଡିଜ କ୍ଲବ ର ସଭାନେତ୍ରୀ ପି.ଗିରିଜା ସୁନ୍ଦରୀ, ମୁଖ୍ୟବକ୍ତା ଭାବେ ଡା.ରାଜ କିଶୋର ମଲ୍ଲିକ, ସମ୍ମାନିତ ବକ୍ତା ଭାବେ ଡା.ରୁନୁ ସିଂ ପ୍ରମୁଖ ଯୋଗ ଦେଇଥିଲେ । ସାକ୍ଷରତା ସମିତିର ଉପାଧକ୍ଷ ଅକ୍ଷୟ କୁମାର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ପ୍ରାରମ୍ଭରେ ଅତିଥି ମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ଓ ସାକ୍ଷରତା ସମିତିର ସ୍ୱେଚ୍ଛାସେବୀ ମାନଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ସଂଗୀତ ଗାନ କରାଯାଇ କାର୍ଯ୍ୟକ୍ରମ ର ଶୁଭାରମ୍ଭ କରାଯାଇଥିଲା । ପରେ ଜାଗୃତି ବିଦ୍ୟାଳୟ ର ଭିନ୍ନକ୍ଷମ ଛାତ୍ରୀ ମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା । ଏହି ଅବସରରେ ଉପସ୍ଥିତ ଅତିଥି ଓ ବକ୍ତା ମାନେ ବିଶ୍ୱ ଜନସଂଖ୍ୟା ଦିବସ ପାଳନର ଆଭିମୁଖ୍ୟ ଓ ଜନସଂଖ୍ୟା ନିୟନ୍ତ୍ରଣ ର ଆବଶ୍ୟକତା ସମ୍ପର୍କରେ ବିଭିନ୍ନ ଦୃଷ୍ଟିକୋଣ ଉପରେ ଆଲୋକପାତ କରିଥିଲେ । ଏହାପରେ ଜାଗୃତି ବିଦ୍ୟାଳୟର ଶିକ୍ଷୟିତ୍ରୀ, ଛାତ୍ରୀ, ପାରାଦୀପ ସାକ୍ଷରତା ସମିତି ପକ୍ଷରୁ ଟେଲରିଙ୍ଗ ଓ କମ୍ପୁଟର ତାଲିମ ପ୍ରଦାନ କରୁଥିବା ପ୍ରଶିକ୍ଷିକା ମାନଙ୍କୁ ସେମାନଙ୍କର ପ୍ରଶଂସନୀୟ କାର୍ଯ୍ୟ ପାଇଁ ମୁଖ୍ୟ ଅତିଥି ପି.ଏଲ. ହରନାଦ ଓ ସମ୍ମାନିତା ଅତିଥି ପି.ଗିରିଜା ସୁନ୍ଦରୀ ଙ୍କ ଦ୍ୱାରା ଉପହାର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହାପରେ ଅତିଥିଙ୍କ ଦ୍ୱାରା ପାଞ୍ଚ ଜଣ ଆର୍ଥିକ ଭାବେ ଦୁର୍ବଳ ଓ ବୟୋବୃଦ୍ଧାଙ୍କୁ ବର୍ଷା ଦିନ ପାଇଁ ଛତା ପ୍ରଦାନ କରାଯାଇଥିଲା । ଏହି ଅବସରରେ ସାକ୍ଷରତା ସମିତିର ସ୍ୱେଚ୍ଛାସେବୀ ରଶ୍ମିତା ପ୍ରଧାନଙ୍କୁ ଆର୍ଥିକ ସକ୍ଷମ କରିବା ପାଇଁ ଅତିଥି ମାନଙ୍କ ଦ୍ୱାରା ଏକ ସିଲେଇ ମେସିନ ପ୍ରଦାନ କରାଯାଇଥିଲା । ଶେଷରେ ସମିତିର ସମ୍ପାଦକ ରାମଚନ୍ଦ୍ର ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ପାରାଦୀପ ଲେଡିଜ କ୍ଲବ ଓ ସ୍ଥାନୀୟ ମହିଳା ସଂଗଠନର ଶତାଧିକ ମହିଳା ଯୋଗ ଦେଇଥିଲେ ।

# ଶିଶୁଙ୍କ ଓଜନ ଏବଂ ଉଚ୍ଚତା ନିରୀକ୍ଷଣ ତାଲିମ



**ରାୟଗଡା,(ମହାଭାରତ) :** ଜିଲ୍ଲାସ୍ତରୀୟ ଶିଶୁଙ୍କ ଓଜନ ଏବଂ ଉଚ୍ଚତା ନିରୀକ୍ଷଣ ଡାଟା ଏଣ୍ଟ୍ରି ଇନ ପୋଷଣ ଟ୍ରେକର ପୂର୍ଣ୍ଣ ଆହାର ଉପରେ ୨ ଦିନିଆ ତାଲିମ କାର୍ଯ୍ୟକ୍ରମ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ମନୋରମା ଦେବୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମ ରେ ପ୍ରଶିକ୍ଷକ ଭାବେ ରାଜ୍ୟ ମହିଳା ଓ ଶିଶୁ ବିଭାଗ ଓ ୟୁନିସେଫ ସଂଯୋଜକ ଡକ୍ଟର ବରଦା ମହାପାତ୍ର ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମିଞ୍ଜ ଯୋଗ ଦେଇ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ପ୍ରଥମ ଦିନରେ ଗୋଶାଣୀ, କାଶୀ ନଗର, ରାୟଗଡ ଏବଂ ଆର ଉଦୟଗିରି ର ସମସ୍ତ CDPO, ସୁପ୍ ଭାଇଜାର, ପୋଷଣ ବ୍ଲକ ସଂଯୋଜକ, ମମତା, ପି ଏ ଏବଂ ମିଶନ ଶକ୍ତି ବି ପି ସି ମାନେ ଯୋଗ ଦେଇ ତାଲିମ ପ୍ରାପ୍ତ କରିଥିଲେ। ଦ୍ୱିତୀୟ ଦିନରେ ନୂଆ ଗଡ଼,ମୋହନା ଏବଂ ଗୁମ୍ମାର ସମସ୍ତ ଓଉଉଝ କ୍ଷେତ୍ର ପରିଚାଳକ ଯୋଗ ଦେଇ ଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରୋଗ୍ରାମ ଅଫିସର ଶାରଳା ପାତ୍ର,ନମିତା ମହାରଣା, DSWO କେ ସୁନିତା ଜିଲ୍ଲା ପୋଷଣ ସଂଯୋଜିକା ପାଏଲ ପାଣିଗ୍ରାହୀ ଡି ପି ସି ମମତା,ମନୋଜ ପଣ୍ଡା, NOP ମେନେଜର ଅଜୟ କୁମାର ନାୟକ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।ଜିଲ୍ଲାରେ ଶିଶୁଙ୍କ ଓଜନ ଓ ଉଚ୍ଚତା ପ୍ରତି ଦୃଷ୍ଟି ଦିଆଯିବାକୁ ପ୍ରଶିକ୍ଷଣ ଦେବା ସହ ଆଲୋଚନା କରାଯାଇଥିଲା।

# ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁଙ୍କ ଧନ୍ୟବାଦ ସମାବେଶ

**ପାରାଦ୍ୱୀପ,(ମହାଭାରତ) :** ରାଜ୍ୟ ସରକାରଙ୍କ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା (ସ୍ୱାଧୀନ) ରାଷ୍ଟ୍ରମନ୍ତ୍ରୀ ତଥା ପାରାଦ୍ୱୀପ ବିଧାୟକ ସମ୍ପଦ ଚନ୍ଦ୍ର ସ୍ୱାଇଁ ଙ୍କ ଏକ ଧନ୍ୟବାଦ ସମାବେଶ ଗୁରୁବାର ଦିନ କୁଜଙ୍ଗ ବ୍ଲକ ପଡିଆ ଠାରେ ଅନୁଷ୍ଠିତ ହୋଇଯାଇଛି । ନିର୍ବାଚନ ରେ ସମ୍ମାନଜନକ ଭୋଟରେ ବିଜୟୀ କରାଇଥିବାରୁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଓ ଜଗତସିଂହପୁର ସାଂସଦ ବିଭୁପ୍ରସାଦ ତରାଇ ଅଞ୍ଚଳବାସୀ ତଥା ସମସ୍ତ ଭୋଟର ମାନଙ୍କୁ କୃତଜ୍ଞତା ଓ ଧନ୍ୟବାଦ ଜଣାଇଥିଲେ। ବିଜେପି ନେତା ରଶ୍ମିରଞ୍ଜନ ସାମନ୍ତରାୟ ଙ୍କ ଅଧକ୍ଷତାରେ ଆୟୋଜିତ ଏହି ସଭାରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଥିଲେ ଯେ ମୁଁ ଏହି ସ୍ୱାଭିମାନି ପାରାଦୀପ ମାଟିର ପୁଅ, ଆମର ଏହି ମାଟିରେ ସଂଭ୍ରମତା ଏବଂ ସଭ୍ୟତା ଭରି ରହିଛି । ଆମେ ଅନ୍ୟମାନଙ୍କ ଠାରୁ କିଛି ବି ଛୋଟିଆ ସାହାଯ୍ୟ କିମ୍ବା ସହଯୋଗ ପାଇଲେ, ସେମାନଙ୍କୁ ସମ୍ମାନ ଦେବା ପାଇଁ ହୃଦୟରୁ କୃତଜ୍ଞତା ବା ଧନ୍ୟବାଦ ଜଣାଇଥାଉ । ଏହି ଶିକ୍ଷାକୁ ନେଇ ମୁଁ ପିଲାଟି ଦିନରୁ ବଢିଛି ଏବଂ ନିଜକୁ ଗଢିଛି କ୍ଷ ଆଜି ଆପଣମାନଙ୍କ ସାହାଯ୍ୟ ଓ ସହଯୋଗରେ ମୁଁ ପାରାଦୀପ ନିର୍ବାଚନମଣ୍ଡଳୀର ବିଧାୟକ ଭାବରେ ନିର୍ବାଚିତ ହୋଇପାରିଛି। ସେହିପରି ନିର୍ବାଚିତ ହେବାପରେ ପ୍ରଧାମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ, ରାଷ୍ଟ୍ରୀୟ ସଭାପତି ଜେ.ପି.ନଡ୍ଡା, ମାନ୍ୟବର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ସଭାପତି ମନମୋହନ ସାମଲ ତଥା ଦଳର ନେତୃମଣ୍ଡଳୀଙ୍କ ଆଶୀର୍ବାଦରେ ରାଜ୍ୟ ମନ୍ତ୍ରୀମଣ୍ଡଳରେ ସ୍ଥାନ ପାଇଛି ସେଥିପାଇଁ





ହୃଦୟରୁ ଆପଣ ସମସ୍ତଙ୍କୁ କୃତଜ୍ଞତା ଜଣାଉଛି । ବିଗତ ଅଢେଇ ଦଶନ୍ଧି ଧରି ରାଜ୍ୟରେ ବିଜୁ ଜନତା ଦଳ ଶାସନ କରିଆସୁଥିଲା । ଆମ ପାରାଦୀପ ନିର୍ବାଚନମଣ୍ଡଳୀରେ ବିଗତ ଚାରି ଦଶନ୍ଧି ଧରି ଗୋଟିଏ ପରିବାର ମଧ୍ୟରେ ଶାସନର ସମସ୍ତ କ୍ଷମତା ଠୁଳ ହୋଇ ରହିଥିଲା । ସେଥିପାଇଁ ଆଜି ଆପଣମାନେ ଅନୁଭବ କରିପାରୁଥିବେ ପାରାଦୀପ ନିର୍ବାଚନଣ୍ଡଳୀ ଯେଉଁଭଳି ବିକାଶ ପଥରେ ଆଗେଇବା କଥା ତାହା ବାସ୍ତବରେ ହୋଇପାରିନାହିଁ । ଯେଉଁମାନେ ପାରାଦୀପକୁ ନିଜର ପୈତୃକ ସମ୍ପତି ବୋଲି ଭାବୁଥିଲେ, ଆପଣମାନେ ସେମାନଙ୍କୁ ବାସ୍ତବ ଚିତ୍ର ଦେଖାଇଛନ୍ତି । ମୋ ଜାଣତରେ ପାରାଦୀପରେ ନିର୍ବାଚନ ଜିତିବା ପରେ କେହି ଜଣେ ବି ବିଧାୟକ କିମ୍ବା ମନ୍ତ୍ରୀ ସାଧାରଣ ଜନତାଙ୍କୁ ଧନ୍ୟବାଦ ଅର୍ପଣ କରିନାହାଁନ୍ତି । ତାର ସବୁଠାରୁ ବଡ କାରଣ ରହିଛି ମାଟିର ପ୍ରଭେଦ ଅଥବା ଶାଳୀନତାର ଅଭାବ । ପାରାଦୀପ ମାଟି ଯୋଗ୍ୟ ବ୍ୟକ୍ତିଙ୍କୁ ସମ୍ମାନ ଦେଇ ଜାଣେ, ସାଧାରଣ ଲୋକଙ୍କୁ କୃତଜ୍ଞତା ଅର୍ପଣ କରିବାରେ କୃପଣ ଭାବ ପରିପ୍ରକାଶ କରେନାହିଁ । ବର୍ଷ ବର୍ଷ ଧରି ପାରାଦୀପ ର ସାଧାରଣ ଜନତାଙ୍କର ଯେଉଁ ସବୁ ମୌଳିକ ସମସ୍ୟାକୁ ଅଣଦେଖା କରାଯାଇଛି, ତାହାର ସମାଧାନ କରିବା ପାଇଁ ମୁଁ ପ୍ରତିବଦ୍ଧ ହୋଇ କାର୍ଯ୍ୟ କରିବି, ଏଥିରେ ତିଳେ ମାତ୍ର ସନ୍ଦେହ କରିବେ ନାହିଁ । ଏହି ମାଟିର ପୂର୍ବ ଗୌରବକୁ ଫେରାଇ ଆଣି ରାଜ୍ୟର ଏକ ପ୍ରତିଷ୍ଠିତ ତଥା ଆଦର୍ଶ ନିର୍ବାଚନମଣ୍ଡଳୀ ଭାବରେ ପାରାଦୀପର ନାଁକୁ ଉପରକୁ ଉଠାଇବା ଏବଂ ଅଞ୍ଚଳର ସର୍ବାଙ୍ଗୀନ ବିକାଶ ପାଇଁ ଅହରହ ଉଦ୍ୟମ ଜାରି ରଖିବି । ପାରାଦୀପ ମାଟିକୁ ଲୁଟିବାକୁ ଆସିଥିବା କିଛି ବହିରାଗତ ବେପାରି, ଯେଉଁମାନେ ଛଦ୍ମବେଶରେ ଅତି ଚାଲାକିରେ ରାଜନୀତିରେ ଯୋଗଦେଇ ନିରୀହ ଜନତାଙ୍କୁ ମିଛ ସତ କହି ଦୀର୍ଘ ବର୍ଷ ଧରି ପରିବାର ରାଜନୀତିର ପୃଷ୍ଠପୋଷକତାରେ ଲୁଟି ଚାଲିଛନ୍ତି, ସେମାନଙ୍କୁ ଏହି ସ୍ୱାଭିମାନି ମାଟିରୁ ବିତାଡିତ ନକଲା ପର୍ଯ୍ୟନ୍ତ ଶାନ୍ତିରେ ଶୋଇବି ନାହିଁ । ଏହି ମାଟି ତଥା ଏଠିକାର ଜନତା ଇଂରେଜ ଶାସନ ଆଗରେ ମୁଣ୍ଡ ନୁଆଁଇ ନଥିଲେ ତେଣୁ ବହିରାଗତଙ୍କ ଛଳନା ଏବେ ଜଳ ଜଳ ହୋଇ ଦେଖାଯାଉଛି, ସେମାନଙ୍କୁ କୌଣସି ରିହାତି ମିଳିବାର ନାହିଁ । ପରିଶେଷରେ ସମସ୍ତଙ୍କୁ ପୂନର୍ବାର ଧନ୍ୟବାଦ ଜଣାଇ ମନ୍ତ୍ରୀ ଶ୍ରୀ ସ୍ୱାଇଁ ସାଧାରଣରେ ଅନୁରୋଧ କରିଥିଲେ କି ଆପଣମାନେ ଧର୍ଯ୍ୟ ରଖନ୍ତୁ ଆପଣଙ୍କ ପ୍ରତ୍ୟେକ ମୌଳିକ ସମସ୍ୟାର ସମାଧାନ ପାଇଁ ମୁଁ ଚେଷ୍ଟା ଆରମ୍ଭ କରିଛି, ତାହା ଧୀରେ ଧୀରେ ବାସ୍ତବ ରୂପ ନେବ। ଦୀର୍ଘ ବର୍ଷର ଅବ୍ୟବସ୍ଥା ଘେରରୁ ନିର୍ବାଚନମଣ୍ଡଳୀକୁ ସଠିକ ଉପାୟରେ ତଥା ସଠିକ ମାର୍ଗରେ ପରିଚାଳିତ କରିବା ପାଇଁ ଧୈର୍ଯ୍ୟର ଆବଶ୍ୟକତା ରହିଛି, ତେଣୁ ଆପଣମାନେ ନିଶ୍ଚିତ ଭାବରେ ମୋ କଥାର ଗରୁତ୍ୱକୁ ଉପଲବ୍ଧି କରିପାରୁଥିବେ । ଏହି ସଭାରେ ଏତେ ସଂଖ୍ୟାରେ ଯୋଗଦେଇ କାର୍ଯ୍ୟକ୍ରମ କୁ ସଫଳ କରିଥିବାରୁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସଭାପତି ସତ୍ୟବ୍ରତ ମହାନ୍ତି, ବିଜେପି ନେତା ସତ୍ୟସାରଥୀ ମହାନ୍ତି,ତପନ ତ୍ରିପାଠୀ, ନିରଞ୍ଜନ ପାତ୍ର,ଅରକ୍ଷିତ ଦାସ ପ୍ରଦୀପ୍ତ ମହାପାତ୍ର, ନୃସିଂହ ଚୌଧୁରୀ,ଚୈତନ୍ୟ ଖଟୁଆ, ରଶ୍ମିରଂଜନ ସାମନ୍ତରାୟ,ସୁବ୍ରତ ପ୍ରଧାନ, ଦେବେନ୍ଦ୍ର ରାଉତ, ରୋହିତ ଜେନା, ଶ୍ରୀନିବାସ ସ୍ୱାଇଁ, ପ୍ରଜ୍ଞାଦିପି ପଟ୍ଟନାୟକ,ବନିତା ପ୍ରିୟଦର୍ଶିନୀ, ସରପଞ୍ଚ ପ୍ରତିନିଧି ଅଭୟ ପରିଡା, କିଶୋରୀ ବେଉରା,ଦିପ୍ତିମୟୀ ବସ୍ତିଆ,ପ୍ରତାପ ଦାସ,ସରପଞ୍ଚ ଶିବପ୍ରସାଦ ସାହୁ, କୁଜଙ୍ଗ ବ୍ଲକ ପ୍ରତିନିଧି ଦିଲୀପ ବେହେରା ପ୍ରମୁଖ ଉପସ୍ଥିତ ଥିଲେ କ୍ଷ ଏହି ଅବସରରେ ବିଭିନ୍ନ ଅନୁଷ୍ଠାନ ଓ ସଂଗଠନ ପକ୍ଷରୁ ମନ୍ତ୍ରୀ ଓ ସାଂସଦ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ବିଜୟ ସହ ଆଣ୍ଡରସନ୍‌ଙ୍କ ଯୁଗ ଶେଷ

## ଅନ୍ତିମ ମ୍ୟାଚରେ ୪ ୱିକେଟ ନେଲେ 'ଜିମ୍ମି'

## ୧୮୮ ଟେଷ୍ଟରୁ ରେକର୍ଡ ୭୦୪ ୱିକେଟ

ଲଣ୍ଡନ, ୧୨।୭ (ଏଜେନସି): ଶେଷ ହୋଇଛି ଗୋଟିଏ ଯୁଗ କ୍ରିକେଟରୁ ସନ୍ନ୍ୟାସ ନେଇଛନ୍ତି। ଇଂଲଣ୍ଡର ଦ୍ରୁତ ବୋଲର ଜେମ୍ସ ଆଣ୍ଡରସନ ଓରଫ ଜିମ୍ମୀ। ୨୧ ବର୍ଷ ଧରି କ୍ରିକେଟ ଖେଳି ଆସୁଥିବା ଜିମ୍ମୀ ଆଜି ଶେଷରେ ବିଦାୟ ନେଇଛନ୍ତି। ୱେଷ୍ଟଇଣ୍ଡିଜ ବିପକ୍ଷ ଟେଷ୍ଟ ସିରିଜର ପ୍ରଥମ ମ୍ୟାଚ୍‌କୁ ଇଂଲଣ୍ଡ ଐତିହାସିକ ଲର୍ଡସରେ ବିଜୟୀ ହୋଇ ଜିମ୍ମୀଙ୍କୁ ସୁଖଦ ବିଦାୟ ଦେଇଛି। ଆଜି ନିଜର ଶେଷ ବଲ ପକାଇଥିବା ଆଣ୍ଡରସନଙ୍କ କ୍ୟାରିୟର ୨୦୦୩ରେ ଆରମ୍ଭ ହୋଇଥିଲା।

୨୦ ବର୍ଷୀୟ ଆଣ୍ଡରସନ ଏବେ ୪୧ ବର୍ଷ ବୟସର ହୋଇଯାଇଛନ୍ତି। ଯେଉଁ ଲର୍ଡସରୁ ସେ କ୍ୟାରିୟର ଆରମ୍ଭ କରି ପ୍ରଥମ ବଲ ପକାଇଥିଲେ ଆଜି ସେହି ସ୍ଥାନରେ ଶେଷ ବଲ ପକାଇଛନ୍ତି। ନିଜର ଶେଷ ମ୍ୟାଚ୍‌ରେ ମଧ୍ୟ ଆଣ୍ଡରସନ ୪ ୱିକେଟ ନେଇଛନ୍ତି। ଫଳରେ ଇଂଲଣ୍ଡ ଇଂନିସ ଓ ୧୧୪ ରନରେ ୱେଷ୍ଟଇଣ୍ଡିଜକୁ ହରାଇଛି। ୪୧ ବର୍ଷୀୟ ଆଣ୍ଡରସନ ୫ ୱିକେଟ ସହ ବିଦାୟ ନେବାର ସମ୍ଭାବନା ସୃଷ୍ଟି ହୋଇଥିଲା।କିନ୍ତୁ ସେ କଟ ଆଣ୍ଡ ବୋଲ୍ଡ ସୁଯୋଗ ହାତ ଛଡ଼ା କରିଥିଲେ। ତଥାପି ବିଜୟ ସହ ସେ ଲର୍ଡସ ମୈଦାନାରୁ ବିଦାୟ ନେଇଛନ୍ତି। ପରିବାର ଲୋକଙ୍କ ଉପସ୍ଥିତି ଓ ସାଥୀ ଖେଳାଳି ତାଙ୍କୁ ଲୁହ ଭିଜେ ଆଖିରେ ବିଦାୟ ଦେଇଛନ୍ତି। ଇଂଲଣ୍ଡ ପାଇଁ ୧୮୮ଟି ଟେଷ୍ଟ ମ୍ୟାଚ୍‌ରେ ଆଣ୍ଡରସନ ୭୦୪ ୱିକେଟ ନେଇଛନ୍ତି ସେ ୪୦୦୩୭ଟି ବଲ ପକାଇଛନ୍ତି। ତାଙ୍କ ବୋଲିଂ ହାର ୨୬.୪୫ ଓ ଷ୍ଟ୍ରାଇକ ରେଟ ୫୬.୮ ରହିଛି ତାଙ୍କ ଶ୍ରେଷ୍ଠ ପ୍ରଦର୍ଶନ ୭/୪୨।

ଆଣ୍ଡରସନ ଏବେ ବିଶ୍ୱ ଟେଷ୍ଟ କ୍ରିକେଟର ତୃତୀୟ ସର୍ବାଧିକ ୱିକେଟ ଦଖଲକାରୀ ଖେଳାଳି ତାଙ୍କ ଉପରେ ମୁଥିଆ ମୁରଲୀଧରନ ଓ ଶେନ ୱାର୍ଣ୍ଣ ରହିଛନ୍ତି। ୭୦୮ ୱିକେଟ ସହ ୱାର୍ଣ୍ଣ ଦ୍ୱିତୀୟ ଓ ୮୦୦ ୱିକେଟ ସହ ମୁରଲୀଧରନ ୧ନଂ ସ୍ଥାନରେ ରହିଛନ୍ତି। ୨୧ ବର୍ଷ ଧରି ଟେଷ୍ଟ କ୍ରିକେଟ ଖେଳିଥିବା ଆଣ୍ଡରସନ ସୀମିତ ଓଭର କ୍ରିକେଟରେ ମଧ୍ୟ ନିଜର ଜଲୱା ଦେଖାଇଛନ୍ତି ସେ ଇଂଲଣ୍ଡ ପାଇଁ ୧୯୪ଟି ଦିନିକିଆରେ ୨୬୯ ଓ ୧୯ଟି ଟି-୨୦ରେ ୧୮ଟି ୱିକେଟ ନେଇଥିଲେ।

୨୦୧୫ ବିଶ୍ୱକପ ପରଠାରୁ ସେ ଆଉ ସୀମିତ ଓଭର କ୍ରିକେଟରେ ନଜର ଆସି ନଥିଲେ। ସେ କେବଳ ଟେଷ୍ଟ କ୍ରିକେଟ ଖେଳିବାରେ ଲାଗିଥିଲେ ଷ୍ଟୁଆର୍ଟ ବ୍ରଡ୍ ଓ ଆଣ୍ଡରସନଙ୍କ ଯୋଡ଼ି ଇଂଲଣ୍ଡ ପାଇଁ ଟେଷ୍ଟରେ ଦୀର୍ଘ ବର୍ଷ ହେଲା କମାଲ କରି ଚାଲିଥିଲେ। ପ୍ରଥମେ ବ୍ରଡ ଓ ଏବେ ଆଣ୍ଡରସନ ମଧ୍ୟ କ୍ରିକେଟକୁ ଅଲବିଦା କହିଛନ୍ତି। ୨୦୦୩ ମେ ମାସରେ ଆଣ୍ଡରସନ ଜିମ୍ବାୱେ ବିପକ୍ଷ ଟେଷ୍ଟରେ ଡେବ୍ୟୁ କରିଥିଲେ। ଦୀର୍ଘ ୨୧ ବର୍ଷ ମଧ୍ୟରେ ସେ ୧୮୮ଟି ଟେଷ୍ଟ ଖେଳି ସାରିଲେଣି ଟେଷ୍ଟ କ୍ରିକେଟରେ ଦ୍ରୁତ ବୋଲର ଭାବେ ସର୍ବାଧିକ ୱିକେଟ ଦଖଲ କରିଥିବା ତାଲିକାରେ ଆଣ୍ଡରସନଙ୍କ ପଛକୁ ୬୦୪ ୱିକେଟ ସହ ଷ୍ଟୁଆର୍ଟ ବ୍ରଡ ଓ ଗ୍ଲେନ ମ୍ୟାଗ୍ରାଥ (୫୬୩) ରହିଛନ୍ତି ଭାରତ ବିପକ୍ଷରେ ସେ ୧୪୯ଟି ୱିକେଟ ନେଇଛନ୍ତି। ଏହା ମଧ୍ୟରୁ ୪୪ଟି ୱିକେଟ ଭାରତରେ ଖେଳିଥିବା ୧୭ଟି ଟେଷ୍ଟରୁ ମିଳିଛି।

ଆଣ୍ଡରସନ ଘରୋଇ ମାଟି ଅର୍ଥାତ ଇଂଲଣ୍ଡରେ ୪୩୪ ଓ ବିଦେଶରେ ୨୬୬ ୱିକେଟ ନେଇଛନ୍ତି। କେବଳ ଏସିଆରେ ତାଙ୍କ ୱିକେଟ ସଂଖ୍ୟା ୯୨ ରହିଛି ଆଣ୍ଡରସନ ତାଙ୍କ ଟେଷ୍ଟ କ୍ୟାରିୟରରେ ଜିମ୍ବାୱେର ମାର୍କ ଭେରମେଉଲେନଙ୍କୁ ଆଉଟ କରି ପ୍ରଥମ ୱିକେଟ ପାଇଥିଲେ। ଏହାପରେ ଜ୍ୟାକ କ୍ୟାଲିସଙ୍କୁ ଆଉଟ କରି ୧୦୦ତମ, ଅଷ୍ଟ୍ରେଲିଆର ପିଟର ସିଡ୍‌ଲଙ୍କୁ ଆଉଟ କରି ୨୦୦ତମ, ନ୍ୟୁଜିଲ୍ୟାଣ୍ଡର ପିଟର ଫୁଲଟନଙ୍କୁ ଆଉଟ କରି ୩୦୦ତମ, ମାର୍ଟିନ ଗପ୍ଟିଲଙ୍କୁ ଆଉଟ କରି ୪୦୦ତମ, ୱେଷ୍ଟଇଣ୍ଡିଜର କ୍ରେଗ ବ୍ରାଥୱେଟଙ୍କୁ ଆଉଟ କରି ୫୦୦ତମ ଓ ପାକିସ୍ତାନର ଆଝାର ଅଲୀଙ୍କୁ ଆଉଟ କରି ଆଣ୍ଡରସନ ୬୦୦ତମ ୱିକେଟ ଦଖଲ କରିଥିଲେ। ସେହିପରି ନିକଟରେ ଭାରତର କୁଲଦୀପ ଯାଦବଙ୍କୁ ଆଉଟ କରି ସେ ତାଙ୍କ ଟେଷ୍ଟ କ୍ୟାରିୟରର ୭୦୦ ୱିକେଟ ପୂରଣ କରିଥିଲେ।



### ଦ୍ରୁତ ବୋଲର ଭାବେ ସର୍ବାଧିକ ୱିକେଟ

୧୮୮ ମ୍ୟାଚ୍‌ରେ ୭୦୪ ୱିକେଟ ନେବାରେ ଆଣ୍ଡରସନ ପ୍ରଥମ ଦ୍ରୁତ ବୋଲର ବ୍ରଡ୍ ୬୦୪ ୱିକେଟ ସହ ଦ୍ୱିତୀୟ ସ୍ଥାନରେ ଅଛନ୍ତି।

### ସର୍ବାଧିକ ୫ ୱିକେଟ ନେବାରେ ୬ଷ୍ଠ

ଆଣ୍ଡରସନ ତାଙ୍କ ଲମ୍ବା କ୍ୟାରିୟରରେ ୩୨ଥର ୫ କିମ୍ବା ତା ଠାରୁ ଅଧିକ ୱିକେଟ ନେଇଛନ୍ତି। ଟେଷ୍ଟ କ୍ରିକେଟରେ ସେ ସର୍ବାଧିକ ଫାଇଫର ନେଇଥିବା ୬ଷ୍ଠ ବୋଲର। ତାଙ୍କ ଉପରେ ମୁରଲୀଧରନ ୬୭ଥର, ରିଚାର୍ଡ ହାଡଲୀ ୩୬ଥର, ଅନୀଲ କୁମ୍ବଲେ ୩୫ ଥର, ରବି ଅଶ୍ୱୀନ ୩୬ ଥର ଓ ରଙ୍ଗନା ହେରାଥ ୩୪ ଥର ରହିଛନ୍ତି।ଆଣ୍ଡରସନଙ୍କ ଏହି ୩୨ଥର ଫାଇଫର ମଧ୍ୟରୁ ୩ଥର ୧୦ ୱିକେଟ ବି ଦଖଲ କରିଛନ୍ତି।

### ଦ୍ୱିତୀୟ ସର୍ବାଧିକ ଟେଷ୍ଟ ମ୍ୟାଚ୍ ଖେଳିଥିବା ଖେଳାଳି

ଆଣ୍ଡରସନ ୧୮୮ଟି ଟେଷ୍ଟ ମ୍ୟାଚ୍ ଖେଳିବା ପରେ ଅବସର ନେଇଛନ୍ତି। ହା ବିଶଶ୍ୱରେ ଦ୍ୱିତୀୟ ସର୍ବାଧିକ ତାଙ୍କ ଉପରେ ୨୦୦ ଟେଷ୍ଟ ସହ ସଚିନ ତେନ୍ଦୁଲକର ରହିଛନ୍ତି। ଏହି ଦୁଇ ଖେଳାଳିଙ୍କ ବ୍ୟତୀତ ଅଷ୍ଟ୍ରେଲିଆର ନାଥନ ଲାୟନ ଅଛନ୍ତି ସେ ୧୨୯ଟି ଟେଷ୍ଟ ଖେଳିଛନ୍ତି।

## ବଡ଼ ବିଜୟ ପରେ ବି ଭାରତକୁ ଟପି ପାରିଲାନି ଇଂଲଣ୍ଡ

ନୂଆଦିଲ୍ଲୀ, ୧୨।୭: ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଖେଳାଯାଇଥିବା ଟେଷ୍ଟ ସିରିଜ୍‌ରେ ଇଂଲଣ୍ଡ ବୃହତ୍ ବ୍ୟବଧାନରେ ବଡ଼ ବିଜୟ ହାସଲ କରିଛି। କିନ୍ତୁ ଦଳ ଏବେବି ବିଶ୍ୱ ଟେଷ୍ଟ ଚାମ୍ପିୟନ୍ ପଏଣ୍ଟ ଟେବୁଲ୍‌ର ତଳେ ରହିଛି ଅନ୍ୟପଟେ ଭାରତୀୟ କ୍ରିକେଟ୍ ଟିମ୍ ପଏଣ୍ଟ ଟେବୁଲର ଶୀର୍ଷରେ ରହିଛି। ଲର୍ଡସରେ ଖେଳାଯାଇଥିବା ପ୍ରଥମ ଟେଷ୍ଟରେ ଇଂଲଣ୍ଡ ୱେଷ୍ଟଇଣ୍ଡିଜ୍‌କୁ ୧୧୪ ରନ୍‌ରେ ହରାଇଛି ୧୧ ମ୍ୟାଚ୍‌ରୁ ଇଂଲଣ୍ଡ ୪ଟି ମ୍ୟାଚ୍ ଜିତିବା ସହିତ ଏହାର ପ୍ରତିଶତ ୨୫ ରହିଛି। ଇଂଲଣ୍ଡ ୬ ମ୍ୟାଚ୍ ହାରିଛି ଏବଂ ଅନ୍ୟ ଗୋଟିଏ ମ୍ୟାଚ୍ ଡ୍ର ରହିଥିଲା। ଅନ୍ୟପକ୍ଷରେ ୱେଷ୍ଟଇଣ୍ଡିଜ୍ ଟିମ୍‌କୁ ପାଞ୍ଚଟି ମ୍ୟାଚ୍‌ରୁ ମାତ୍ର ଗୋଟିଏରେ ବିଜୟର ସ୍ୱାଦ ଚାଖିବାକୁ ମିଳିଛି ଏବଂ ୨୬.୬୬ ପ୍ରତିଶତ ବିଜୟ ସହିତ ଟିମ୍ ଷଷ୍ଠ ସ୍ଥାନରେ ରହିଛି।

## ରାଉରକେଲାରେ ହକି ଇଣ୍ଡିଆ ଲିଗ୍

ଭୁବନେଶ୍ୱର, ୧୨।୭: ଚଳିତ ବର୍ଷ ଡିସେମ୍ବର ୨୭ ତାରିଖରୁ ହକି ଇଣ୍ଡିଆ ଲିଗ୍ ଆରମ୍ଭ ହେବ। ଏନେଇ ହକି ଇଣ୍ଡିଆର ସଭାପତି ଦିଲୀପ ତିର୍କୀ ସୂଚନା ଦେଇଛନ୍ତି। ଏହି ଲିଗ୍ ଡିସେମ୍ବର ୨୭ରୁ ଆରମ୍ଭ ହୋଇ ୨୦୨୫ ଫେବୃଆରୀ ୧ ତାରିଖ ପର୍ଯ୍ୟନ୍ତ ଖେଳାଯିବ। ଏଥିରେ ପୁରୁଷ ବିଭାଗରେ ୫ଟି ଦଳ ଭାଗନେବାକୁ ଯାଉଥିବା ବେଳେ ମହିଳା ବିଭାଗରେ ୬ଟି ଦଳ ଭାଗନେବେ। ଓଡ଼ିଶାର ରାଉରକେଲା ଷ୍ଟାଡିୟମ୍ ଏବଂ ଝାଡ଼ଖଣ୍ଡର ରାଞ୍ଚିରେ ଏହି ଲିଗ୍‌ର ସମସ୍ତ ମ୍ୟାଚ୍ ଖେଳାଯିବ। ଓଡ଼ିଶାର ଏକ ଟିମ୍ ମଧ୍ୟ ଏହି ଲିଗ୍‌ରେ ଭାଗ ନେବ ବୋଲି ସଭାପତି ଦିଲୀପ ତିର୍କୀ ସୂଚନା ଦେଇଛନ୍ତି।

# କୋହଲିଙ୍କୁ ଉସୁକାଇଲେ ଆଫ୍ରିଦି

ନୂଆଦିଲ୍ଲୀ, ୧୨।୭ (ଏଜେନ୍ସି): ୨୦୨୫ ଚାମ୍ପିୟନ୍ସ ଟ୍ରଫି ସମ୍ବନ୍ଧରେ ବୟାନବାଜି ଜାରି ରହିଛି। ବାସ୍ତବରେ ଏହି ଆଇସିସି ଟୁର୍ନାମେଣ୍ଟ ପାକିସ୍ତାନରେ ଅନୁଷ୍ଠିତ ହେବାକୁ ଯାଉଛି, କିନ୍ତୁ ଖେଳାଳିଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ବିସିସିଆଇ ପାଇଁ ଟିମ ଇଣ୍ଡିଆକୁ ପାକିସ୍ତାନ ପଠାଇବା ଅତ୍ୟନ୍ତ କଷ୍ଟକର।ଏଭଳି ପରିସ୍ଥିତିରେ ପାକିସ୍ତାନର ପୂର୍ବତନ କ୍ରିକେଟରମାନେ ଭାରତୀୟ ଦଳକୁ ପାକିସ୍ତାନକୁ ନିମନ୍ତ୍ରଣ କରିବା ପାଇଁ କ୍ରମାଗତ ଭାବେ ବଡ଼ ବିବୃତ୍ତି ଦେଉଛନ୍ତି।ବର୍ତ୍ତମାନ ପୂର୍ବତନ ଭେଟେରାନ ଅଲରାଉଣ୍ଡର ତଥା ଅଧିନାୟକ ଶାହିଦ ଆଫ୍ରିଦିଙ୍କ ନାମ ମଧ୍ୟ ଏହି ତାଲିକାରେ ଯୋଡି ହୋଇଛି। ୨୦୨୫ ଚାମ୍ପିୟନ୍ସ ଟ୍ରଫି ପାଇଁ ପାକିସ୍ତାନର ପୂର୍ବତନ ଅଧିନାୟକ ଶାହିଦ ଆଫ୍ରିଦି ଭାରତକୁ ପାକିସ୍ତାନ ଗସ୍ତ କରିବାକୁ ଅନୁରୋଧ କରିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ଭାରତୀୟ ଦଳ ବିଶେଷ କରି ବିରାଟ କୋହଲି ପାକିସ୍ତାନକୁ ଆସିବା ଦୁଇ ଦେଶ ମଧ୍ୟରେ ଶାନ୍ତି ପ୍ରତିଷ୍ଠା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ।



ଶାହିଦ ଆଫ୍ରିଦି କହିଛନ୍ତି, ମୁଁ ଟିମ ଇଣ୍ଡିଆକୁ ସ୍ୱାଗତ କରିବି ଯେତେବେଳେ ପାକିସ୍ତାନ ଦଳ ଭାରତ ଗସ୍ତରେ ଆସୁଥିଲା, ସେତେବେଳେ ଆମେ ଭାରତରୁ ବହୁତ ସମ୍ମାନ ଓ ପ୍ରେମ ପାଇଥାଉ ୨୦୦୫-୦୬ରେ ଯେତେବେଳେ ଭାରତୀୟ ଦଳ ପାକିସ୍ତାନକୁ ଆସିଥିଲା, ସେତେବେଳେ ସମସ୍ତେ ଆନନ୍ଦ ନେଇଛନ୍ତି।

ସେ ଆହୁରି ମଧ୍ୟ କହିଛନ୍ତି, କ୍ରିକେଟ ଲୋକଙ୍କୁ ଏକଜୁଟ କରିବାର ଶକ୍ତି ରଖିଛି ଏବଂ ଭାରତ ଏବଂ ପାକିସ୍ତାନ ପରସ୍ପରର ଦେଶରେ ଖେଳିବା ଦେଖିବାଠାରୁ ଅଧିକ ଆନନ୍ଦଦାୟକ କିଛି ହେବ ନାହିଁ। ବିରାଟ କୋହଲି ଏକ ବିଶ୍ୱସ୍ତରୀୟ ଆଇକନ ଏବଂ ପାକିସ୍ତାନରେ ତାଙ୍କର ଉପସ୍ଥିତି ଲକ୍ଷ ଲକ୍ଷ ପ୍ରଶଂସକଙ୍କ ପାଇଁ ଆନନ୍ଦ ଅଟେ। ବିରାଟ କୋହଲିଙ୍କ ଟି -୨୦ ଇଣ୍ଟରନ୍ୟାଶନାଲରୁ ଅବସର ନେବା ନିଷ୍ପତ୍ତି ସମ୍ପର୍କରେ ଆଫ୍ରିଦି କହିଛନ୍ତି, କୋହଲିଙ୍କ ଟି -୨୦ରୁ ଅବସର ନେବା ନିଷ୍ପତ୍ତି ଆଶ୍ଚର୍ଯ୍ୟଜନକ ଥିଲା। ତାଙ୍କର ଅଭିଜ୍ଞତା ଏବଂ ନେତୃତ୍ୱ ଭାରତୀୟ ଦଳ ପାଇଁ ଅମୂଲ୍ୟ।

## ଭାଜପାକୁ ସମର୍ଥନ କଲେ ଆଶୀର୍ବାଦ ବେହେରା

ଭୁବନେଶ୍ୱର, ୧୨।୭ (ଏଜେନସି): ଓଡ଼ିଶା କ୍ରିକେଟ୍ ଆସୋସିଏଶନର ପୂର୍ବତନ ସଭାପତି ଆଶୀର୍ବାଦ ବେହେରା ତାଙ୍କ ପକ୍ଷ ବଦଳାଇଛନ୍ତି। ପୂର୍ବରୁ ସେ ବିଜେଡିକୁ ସମର୍ଥନ କରୁଥିଲେ। ଏବେ ଭାଜପାକୁ ସମର୍ଥନ କରିବେ ବୋଲି କହିଛନ୍ତି। ଆଗକୁ ଓସିଏରେ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ରଙ୍କ ପ୍ରବେଶ ନେଇ ଚର୍ଚ୍ଚା ହେଉଥିବାବେଳେ ଏ ବିଷୟରେ ସେ କହିଛନ୍ତି, କୀଡାରେ ଦଳଗତ ରାଜନୀତି ନାହିଁ ବିନା ଅନୁଦାନରେ କ୍ରୀଡାର ବିକାଶ ହୋଇପାରିବ ନାହିଁ ଏଣୁ କ୍ରୀଡା ସଂଗଠନ ଗୁଡିକ ସରକାରଙ୍କ ସହ ରହିବାକୁ ପଡ଼ିବ ବର୍ତ୍ତମାନ ଓସିଏରେ ପ୍ରଣବ ପ୍ରକାଶ ଦାସ ଅଛନ୍ତି, ଆଗକୁ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ଓସିଏକୁ ଆସିଲେ ତାଙ୍କୁ ସେ ସମର୍ଥନ କରିବେ। ଓସିଏର ନିର୍ବାଚନ ୨୦୨୫ରେ ହେବ, ସେହି ସମୟରେ ଲଳିତେନ୍ଦୁଙ୍କ ନାମ ଆସିଲେ ବିଚାର କରାଯିବ ବୋଲି ଆଶୀର୍ବାଦ ବେହେରା କହିଛନ୍ତି । ଏଥିସହ ଫୁଟବଲ ଆସୋସିଏଶନ ଅଫ ଓଡ଼ିଶାର ନୂତନ ସଭାପତି ସମୀର ଦେ ନିର୍ଦ୍ଵନ୍ଦ୍ୱରେ ନିର୍ବାଚିତ ହୋଇଥିବାରୁ ସେ ତାଙ୍କୁ ସ୍ୱାଗତ ଜଣାଇଛନ୍ତି।

# ଗମ୍ଭୀରଙ୍କ ପ୍ରସ୍ତାବକୁ ଅଗ୍ରାହ୍ୟ କରି ଦେଲା ବିସିସିଆଇ !

ମୁମ୍ବାଇ, ୧୨।୭ (ଏଜେନସି): ରାହୁଲ ଦ୍ରାବିଡଙ୍କ କାର୍ଯ୍ୟକାଳ ଶେଷ ହେବା ପରେ ଟିମ୍ ଇଣ୍ଡିଆର ମୁଖ୍ୟ କୋଚ୍ ଭାବେ ନିଯୁକ୍ତି ପାଇଛନ୍ତି ଗୌତମ ଗମ୍ଭୀର ବିସିସିଆଇ ତାଙ୍କୁ ଏହି ପଦରେ ନିଯୁକ୍ତି ଦେବା ପରଠାରୁ ଅନ୍ୟ କୋଚିଂ ସପୋର୍ଟ ଷ୍ଟାଫଙ୍କ ଚୟନ ନେଇ ଅନେକ ରିପୋର୍ଟ ସାମ୍ନାକୁ ଆସିଛି। ସଦ୍ୟ ଏକ ରିପୋର୍ଟ ଅନୁଯାୟୀ, ଟିମ୍ ଇଣ୍ଡିଆର ଫିଲ୍ଡିଂ କୋଚ୍ ଭାବେ ଦକ୍ଷିଣ ଆଫ୍ରିକାର ପୂର୍ବତନ ଖେଳାଳି ଜଣ୍ଟି ରୋଡ୍‌ସଙ୍କୁ ନିଯୁକ୍ତ କରିବାକୁ ପ୍ରସ୍ତାବ ଦେଇଥିଲେ ଗୌତମ ଗମ୍ଭୀର। ତେବେ ତାଙ୍କର ଏହି ପ୍ରସ୍ତାବକୁ ଅଗ୍ରାହ୍ୟ କରି ଦେଇଛି ବିସିସିଆଇ।

ହିନ୍ଦୁସ୍ତାନ ଟାଇମ୍ସରେ ଏହି ରିପୋର୍ଟ ପ୍ରକାଶ ପାଇବା ପରେ ଆଉ କିଛି ଗଣମାଧ୍ୟମ ମଧ୍ୟ ଏହାକୁ ପ୍ରକାଶ କରିଛନ୍ତି। ସେଥିରେ ଆହୁରି ଲେଖାଯାଇଛି ଯେ ବିସିସିଆଇ ଚାହୁଁଛି ସମସ୍ତ ସପୋର୍ଟ ଷ୍ଟାଫ ଭାରତୀୟ ହୋଇଥିବା ଆବଶ୍ୟକ। ସେହିପରି ଟିମ୍ ଇଣ୍ଡିଆର ପୂର୍ବତନ ଫିଲ୍ଡିଂ କୋଚ୍ ଟି ଦିଲ୍ଲୀପଙ୍କୁ ବିସିସିଆଇ ପୁଣି ଥରେ ସେହି ପଦରେ ନିଯୁକ୍ତ ଦେବାକୁ ଆଗ୍ରହୀ ଥିବା କୁହାଯାଉଛି। ଏହି ଖବର ଆସିବା ପୂର୍ବରୁ କୋଚିଂ ସପୋର୍ଟ ଷ୍ଟାଫଙ୍କୁ ନେଇ ଆହୁରି ଅନେକ ଖବର ଜାତୀୟ ଗଣମାଧ୍ୟମରେ ପ୍ରକାଶ ପାଇଛି। ଗତକାଲି ଆସିଥିବା ଏକ ଖବର ଅନୁଯାୟୀ, ଟିମ୍ ଇଣ୍ଡିଆର ବୋଲିଂ କୋଚ୍ ଭାବେ



ପୂର୍ବତନ ବୋଲର ବିନୟ କୁମାରଙ୍କୁ ନିଯୁକ୍ତି ଦେବାକୁ ଗୌତମ ଗମ୍ଭୀର ପ୍ରସ୍ତାବ ଦେଇଥିଲେ। କିନ୍ତୁ ବିସିସିଆଇ ତାଙ୍କୁ ନେବାକୁ ଆଗ୍ରହ ପ୍ରକାଶ କରିନି। ଟିମ୍ ଇଣ୍ଡିଆର ପୂର୍ବତନ ଷ୍ଟାର ବୋଲର ଜାହିର ଖାନ ଅବା ଲକ୍ଷ୍ମୀପତି ବାଲାଜୀଙ୍କୁ ବୋଲିଂ କୋଚ୍ ଭାବେ ନେବାକୁ ବିସିସିଆଇ ବିଚାର କରୁଥିବା ଏହି ଖବରରେ କୁହାଯାଇଥିଲା।

ଅନ୍ୟପକ୍ଷରେ ଆଜି ଆସିଥିବା ଆଉ ଏକ ଖବର ଅନୁଯାୟୀ, ଏହି ଖବରରେ ସତ୍ୟତା ନାହିଁ ଗୌତମ ଗମ୍ଭୀର ତାଙ୍କ ପସନ୍ଦର କୋଚିଂ ସପୋର୍ଟ ଷ୍ଟାଫ୍‌ଙ୍କ ନାଁ ବିସିସିଆଇକୁ ଦେଇଛନ୍ତି ବିସିସିଆଇ। ସେହି ନାଁଗୁଡ଼ିକ ଉପରେ ବିଚାର କରୁଛି। ସହଯୋଗୀ କୋଚ୍ ପଦ ପାଇଁ ଗୌତମ ଗମ୍ଭୀର କାଲେ ଅଭିଷେକ ନାୟାରଙ୍କ ନାଁ ପ୍ରସ୍ତାବ ଦେଇଛନ୍ତି। ବିସିସିଆଇ ମଧ୍ୟ ତାଙ୍କୁ ନେବାକୁ ରାଜି ଥିବା ଜଣାପଡ଼ିଛି। ଅଭିଷେକ ନାୟାର କୋଲକାତା ନାଇଟ ରାଇଡର୍ସରେ ସହଯୋଗୀ କୋଚ୍ ଅଛନ୍ତି। କୋଲକାତା ନାଇଟ ରାଇଡର୍ସ ଏଥର ଆଇପିଏଲ୍ ଚାମ୍ପିୟନ ହେବା ପରେ ତାଙ୍କର ଅବଦାନକୁ ମଧ୍ୟ ସମସ୍ତେ ବହୁତ ପ୍ରଶଂସା କରିଥିଲେ।। ସୂଚନାଯୋଗ୍ୟ, ମୁଖ୍ୟ କୋଚ୍ ଭାବେ ଦ୍ରାବିଡ଼ଙ୍କ କାର୍ଯ୍ୟକାଳ ଶେଷ ହେବା ସହିତ ଟିମ୍ ଇଣ୍ଡିଆର ବ୍ୟାଟିଂ, ବୋଲିଂ ଓ ଫିଲ୍ଡିଂ କୋଚ୍ ଭାବେ ବିକ୍ରମ ରାଠୋର, ପାରସ ମହାମ୍ବ୍ରେ ଓ ଟି. ଦିଲ୍ଲୀପଙ୍କ କାର୍ଯ୍ୟକାଳ ଶେଷ ହୋଇଯାଇଛି।

### ପାକିସ୍ତାନ ଗଣମାଧ୍ୟମରେ ଚର୍ଚ୍ଚା

# ଚାମ୍ପିଅନ୍ସ ଟ୍ରଫିରୁ ବାଦ୍ ବଡ଼ିବ ଟିମ୍ ଇଣ୍ଡିଆ ?

ନୂଆଦିଲ୍ଲୀ, ୧୨।୭: ୨୦୨୫ ଚାମ୍ପିଅନ୍ସ ଟ୍ରଫିର ଆୟୋଜନ ଦାୟିତ୍ୱ ପାକିସ୍ତାନକୁ ମିଳିଛି। ଏହି ଆଇସିସି ଟୁର୍ନାମେଣ୍ଟ ପାଇଁ ପାକିସ୍ତାନ କ୍ରିକେଟ ବୋର୍ଡ ଜୋରଦାର ପ୍ରସ୍ତୁତି ଚଳାଇଛି। ଆସନ୍ତା ବର୍ଷ ଫେବୃଆରୀ ୧୯ରୁ ମାର୍ଚ୍ଚ ୯ ଯାଏ ଏହି ଟୁର୍ନାମେଣ୍ଟ ଖେଳାଯିବ। କିନ୍ତୁ ଏଥିଲାଗି ଭାରତୀୟ କ୍ରିକେଟ ଟିମ୍ ପାକିସ୍ତାନ ଗସ୍ତ କରିବ କି ନାହିଁ ତାହା ଏଯାବତ ସ୍ପଷ୍ଟ ହୋଇନାହିଁ। ଏସବୁ ମଧ୍ୟରେ ପାକିସ୍ତାନୀ ଗଣମାଧ୍ୟମ ପକ୍ଷରୁ ବଡ଼ ଦାବି କରାଯାଇଛି। ୨୦୨୫ରେ ଚାମ୍ପିଅନ୍ସ ଟ୍ରଫି ଲାଗି ଟିମ୍ ଇଣ୍ଡିଆର ପାକିସ୍ତାନ ଯିବା ସମ୍ଭାବନା କମ୍।ଏମିତିରେ ବିସିସିଆଇ ଆଇସିସିକୁ ଟୁର୍ନାମେଣ୍ଟକୁ ହାଇବ୍ରିଡ ମଡେଲରେ ଆୟୋଜିତ କରିବାକୁ ଅନୁରୋଧ କରିବାକୁ ଯୋଜନା କରୁଛି।

ଏହି ସମୟରେ ଆଇସିସି ପାକିସ୍ତାନରେ ଟୁର୍ନାମେଣ୍ଟର ଆୟୋଜନ କରିବା ଉଚିତ। ଯଦି ଭାରତ ଏଥିରୁ ଓହରିଯାଏ। ତେବେ ଶ୍ରୀଲଙ୍କା ଦଳର ସ୍ଥାନ ନେବ। ଏପରିକି ଶ୍ରୀଲଙ୍କା କ୍ରିକେଟ ଆଇସିସିର ସବୁଜ ସଙ୍କେତକୁ ଅପେକ୍ଷା କରିଛି ବୋଲି ପାକିସ୍ତାନୀ ଗଣମାଧ୍ୟମ ଦାବି କରିଛି। କହିବାକୁ ଗଲେ ଚାମ୍ପିଅନ୍ସ ଟ୍ରଫିରେ ୮ ଦଳ ଅଂଶଗ୍ରହଣ କରନ୍ତି। ୨୦୨୩ ଦିନିକିଆ ବିଶ୍ୱକପ୍ ସମୟର ସୁପର-୮ ଦଳମାନେ ଏହି ଟୁର୍ନାମେଣ୍ଟରେ ଭାଗ ନେବେ ଶ୍ରୀଲଙ୍କା ଉକ୍ତ ଦଳର ଅଂଶ ନ ଥିଲା। ଯଦି ଟିମ ଇଣ୍ଡିଆ ଟ୍ରଫିରୁ ନାମ ପ୍ରତ୍ୟାହାର କରେ, ତେବେ ଏକ ନୂତନ ଦଳ ଟୁର୍ନାମେଣ୍ଟରେ ପ୍ରବେଶ କରିବ। ଆଇସିସି ର୍‍ୟାଙ୍କିଂ ଅନୁଯାୟୀ ଶ୍ରୀଲଙ୍କା ଏଥିଲାଗି ଦାବିଦାର।

କହିରଖୁଛୁ, ୨୦୦୮ରୁ ଭାରତୀୟ ଟିମ୍ ପାକିସ୍ତାନ ଗସ୍ତ କରିନାହିଁ। ପୂର୍ବରୁ ପାକିସ୍ତାନ ମଧ୍ୟ ଏସିଆ କପ୍ ୨୦୨୩ ଆୟୋଜନ କରିଥିଲା। ହେଲେ ଭାରତ ଲାଗି ଟୁର୍ନାମେଣ୍ଟଟି ଏକ ହାଇବ୍ରିଡ ମଡେଲରେ ଆୟୋଜିତ ହୋଇଥିଲା ଟିମ୍ ଇଣ୍ଡିଆ ଶ୍ରୀଲଙ୍କାରେ ସମସ୍ତ ମ୍ୟାଚ୍ ଖେଳିଥିଲା। ଏଣୁ ୨୦୨୫ରେ ମଧ୍ୟ ଦୁବାଇ କିମ୍ବା ଶ୍ରୀଲଙ୍କାରେ ମ୍ୟାଚ୍ ଆୟୋଜନ କରିବାକୁ ବିସିସିଆଇ ଆଇସିସିକୁ କହିପାରେ ଯଦି ଆଇସିସି ଏହାକୁ ଅନୁମୋଦନ କରେ, ତେବେ ହାଇବ୍ରିଡ ମଡେଲରେ ଚାମ୍ପିଅନ୍ସ ଟ୍ରଫି ମଧ୍ୟ ଖେଳାଯାଇପାରେ।

# ଛାଡ଼ପତ୍ର ଚର୍ଚ୍ଚା ମଧ୍ୟରେ ଏହି ଯୁବତୀଙ୍କ ସହ ନଜର ଆସିଲେ ହାର୍ଦ୍ଦିକ

ମୁମ୍ବାଇ, ୧୨।୭ (ଏଜେନ୍ସି): ଅଭିନେତ୍ରୀ-ମଡେଲ ନତାଶା ଷ୍ଟାନକୋଭିକ୍ ଓ ଭାରତର ଷ୍ଟାର କ୍ରିକେଟର ହାର୍ଦ୍ଦିକ ପାଣ୍ଡ୍ୟା ତାଙ୍କ ବ୍ୟକ୍ତିଗତ ଜୀବନ ପାଇଁ ଏବେ ଚର୍ଚ୍ଚାରେ ଅଛନ୍ତି ନତାଶା ଏବଂ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଅଲଗା ହେବାର ଚର୍ଚ୍ଚା ଦୀର୍ଘ ଦିନ ଧରି ଚାଲି ଆସୁଥିଲେ ବି ଏହି ଦମ୍ପତି ଏହା ଉପରେ ନୀରବତା ବଜାୟ ରଖିଛନ୍ତି। ସେମାନଙ୍କ ମଧ୍ୟରୁ କେହି ଆନୁଷ୍ଠାନିକ ଭାବେ ଏହି ଖବର ଉପରେ କେଣସି ପ୍ରତିକ୍ରିୟା ରଖିନଥିବା ବେଳେ ନତାଶା ଓ ହାର୍ଦ୍ଦିକ କରୁଥିବା ପୋଷ୍ଟ ଏବେ ପୁଣି କୁହୁଳୁଥିବା ନିଆଁରେ ଘିଅ ଢ଼ାଳିଛି। ଛାଡପତ୍ର ଖବର ମଧ୍ୟରେ ଭାରତ ଟି-୨୦ବିଶ୍ୱକପ ଜିତିବା ପରେ ବି କେଣସି ପୋଷ୍ଟ ସେୟାର କରିନଥିଲେ। ନତାଶା ଏହା ସହ ହାର୍ଦ୍ଦିକ ମଧ୍ୟ କେବଳ ନିଜ ପୁଅ ସହ ଜିତିବାର ଖୁସି ପାଳନ କରିଥିବା ଦେଖାଯାଇଥିଲା। ଏସବୁ ଦେଖିବା ପରେ ଦୁହିଁଙ୍କ ମଧ୍ୟରେ କିଛି ଠିକ୍ ନଥିବା ନେଇ ଚର୍ଚ୍ଚା ଆରମ୍ଭ ହୋଇଛି।



ଏମଧ୍ୟରେ ଜଣେ ଯୁବତୀ ହାର୍ଦ୍ଦିକଙ୍କ ସହ ଫଟୋ ସେୟାର କରିଛନ୍ତି ଫଟୋରେ ଦୁହେଁ ହସୁଥିବା ବେଳେ ପରସ୍ପରକୁ ଦେଖୁଛନ୍ତି। ଏହି ଫଟୋ ଭାଇରାଲ ହେବା ପରେ ଲୋକେ ହାର୍ଦ୍ଦିକଙ୍କୁ ବିବାହ କରିବାକୁ ଉପଦେଶ ଦେବା ଆରମ୍ଭ କରିଛନ୍ତି। ତେବେ ଯୁବତୀଜଣକ କେବଳ ହାର୍ଦ୍ଦିକଙ୍କ ସହ ନୁହେଁ, ତାଙ୍କ ଭାଇ ଓ ଭାଉଜଙ୍କ ସହ ମଧ୍ୟ ଫଟୋ ଉଠାଇଥିବା ଦେଖାଯାଇଛି। ଯୁବତୀଙ୍କ ନାମ ପ୍ରାଚୀ ସୋଲାଙ୍କି ବୋଲି ଜଣାପଡ଼ିଥିବା ବେଳେ ହାର୍ଦ୍ଦିକଙ୍କ ସହ ତାଙ୍କ ସମ୍ପର୍କ କଣ ତାହା ଜଣାପଡ଼ିନାହିଁ।

# କାର୍ ରେସିଂ ଦୁନିଆରେ ପ୍ରବେଶ କଲେ ସୌରଭ ଗାଙ୍ଗୁଲି

ନୂଆଦିଲ୍ଲୀ, ୧୨।୭: ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ତଥା ବିସିସିଆଇର ପୂର୍ବତନ ସଭାପତି ସୌରଭ ଗାଙ୍ଗୁଲି କାର୍ ରେସିଂ ଦୁନିଆରେ ପ୍ରବେଶ କରିଛନ୍ତି। ଚଳିତ ବର୍ଷ ଅଗଷ୍ଟରୁ ସେପ୍ଟେମ୍ବର ମାସରେ ଭାରତୀୟ ରେସିଂ ଫେଷ୍ଟିଭାଲର ତୃତୀୟ ସିଜନ ସୌରଭ ଗାଙ୍ଗୁଲି କୋଲକାତା ରୟାଲ ଟାଇଗର୍ସ ରେସିଂ ଦଳ କିଣିଛନ୍ତି।

ଏହି ଫେଷ୍ଟିଭାଲରେ କୋଲକାତା ଦଳ ଡେବ୍ୟୁ କରିବ, ଯେଉଁଥିରେ ହାଇଦ୍ରାବାଦ, ବେଙ୍ଗାଲୁରୁ, ଚେନ୍ନାଇ, ଦିଲ୍ଲୀ, ଗୋଆ, କୋଚି ଏବଂ ଅହମ୍ମଦାବାଦର ଦଳ ଅଛନ୍ତି। ଇଣ୍ଡିଆନ ରେସିଂ ଫେଷ୍ଟିଭାଲ ହେଉଛି ରେସିଙ୍ଗ ପ୍ରମୋସନ ପ୍ରାଇଭେଟ ଲିମିଟେଡ (ଆରଆରପିଏଲ) ଏବଂ ଜେ ଆଣ୍ଡ କେ ପର୍ଯ୍ୟଟନ ବିଭାଗ ମିଳିତ ଭାବେ ଆରମ୍ଭ ହୋଇଥିବା ଏକ ମୋଟର୍ସପୋର୍ଟ ଇଭେଣ୍ଟ ଏହା ଅଧୀନରେ ଦୁଇଟି ପ୍ରତିଯୋଗିତା ଆୟୋଜିତ ହୋଇଛି, ଯାହାର ପ୍ରତ୍ୟେକଟି ପାଞ୍ଚ ରାଉଣ୍ଡ ରେସିଂକୁ ନେଇ ଗଠିତ, ଯାହା ଭାରତର ଅନେକ ପ୍ରତିଷ୍ଠିତ ସ୍ଥାନରେ ଆୟୋଜିତ ହୋଇଛି। ସୌରଭ ଗାଙ୍ଗୁଲି ଭାରତର ସର୍ବଶ୍ରେଷ୍ଠ କ୍ରିକେଟରମାନଙ୍କ ମଧ୍ୟରୁ ଜଣେ ଏବଂ ସାରା ଦେଶରେ ବହୁତ ଲୋକପ୍ରିୟ ସେ କୋଲକାତା ରୟାଲ ଟାଇଗର୍ସ ରେସିଂ ଦଳର ମାଲିକ ହେବା ଭାରତରେ ମୋଟର୍ସପୋର୍ଟକୁ ପ୍ରୋତ୍ସାହିତ କରିବା ପାଇଁ କାର୍ଯ୍ୟ କରିବ।

# ଇତିହାସ ରଚିଲେ ଇଂଲିଶ ଟିମର କ୍ୟାପ୍ଟେନ ବେନ ଷ୍ଟୋକ୍ସ

ଲଣ୍ଡନ, ୧୨।୭: ଇଂଲଣ୍ଡ ଟିମର ଷ୍ଟାର ଅଲରାଉଣ୍ଡର ତଥା ଅଧିନାୟକ ବେନ ଷ୍ଟୋକ୍ସ ଇତିହାସ ରଚିଛନ୍ତି ସେ ୱେଷ୍ଟଇଣ୍ଡିଜର ମହାନ କ୍ରିକେଟର ଗ୍ୟାରୀ ସୋବର୍ସ ଓ ଦକ୍ଷିଣ ଆଫ୍ରିକାର କିମ୍ବଦନ୍ତୀ କ୍ରିକେଟର ଜ୍ୟାକ କାଲିସ୍‌ଙ୍କ ସମକକ୍ଷ ହୋଇଛନ୍ତି।ସେ ବିଶ୍ୱର ତୃତୀୟ ଓ ଇଂଲଣ୍ଡର ପ୍ରଥମ କ୍ରିକେଟର ଭାବେ ବ୍ୟାଟିଂରେ ୬ ହଜାରରୁ ଅଧିକ ରନ ଓ ୨୦୦ରୁ ଅଧିକ ୱିକେଟ ଦଖଲ କରିଛନ୍ତି।



ସେ ଲର୍ଡସରେ ଚାଲିଥିବା ୱେଷ୍ଟଇଣ୍ଡିଜ ବିପକ୍ଷ ପ୍ରଥମ ଟେଷ୍ଟରେ ଏପରି କୀର୍ତ୍ତିମାନ ହାସଲ କରିଛନ୍ତି। ଆଜି ଷ୍ଟୋକ୍ସ ତାଙ୍କ ପ୍ରଥମ ଓଭରରେ କ୍ରିକ ମ୍ୟାକେଞ୍ଜିଙ୍କୁ ଆଉଟ କରି ୨୦୦ତମ ଟେଷ୍ଟ ୱିକେଟ ଦଖଲ କରିଥିଲେ।

ଏଯାଏ ଇଂଲଣ୍ଡ ପାଇଁ ୧୦୩ଟି ଟେଷ୍ଟ ଖେଳିଥିବା ଷ୍ଟୋକ୍ସ ୨୦୦ଟି ୱିକେଟ ନେଇଥିବା ବେଳେ ୬୩୨୦ ରନ କରିଛନ୍ତି ଏହା ମଧ୍ୟରେ ୧୩ଟି ଶତକ ଓ ୨୧ଟି ଅର୍ଦ୍ଧଶତକ ରହିଛନ୍ତି ଟେଷ୍ଟ କ୍ରିକେଟରେ ତାଙ୍କର ସର୍ବାଧିକ ବ୍ୟକ୍ତିଗତ ସ୍କୋର ହେଉଛି ୨୫୮। ସୋବର୍ସ ୯୩ଟି ଟେଷ୍ଟରେ ୮୦୩୨ ରନ ଓ ୨୩୫ ୱିକେଟ ନେଇଥିଲେ। କାଲିସ ୧୬୬ ଟେଷ୍ଟରେ ୧୩,୨୮୯ ରନ ଓ ୨୯୨ଟି ୱିକେଟ ଦଖଲ କରିଛନ୍ତି। ଅନ୍ୟପକ୍ଷରେ ବିଶ୍ୱର ୬ଷ୍ଠ ଓ ଇଂଲଣ୍ଡର ପ୍ରଥମ ଖେଳାଳି ଭାବେ ଷ୍ଟୋକ୍ସ ଅନ୍ତର୍ଜାତୀୟ କ୍ରିକେଟରେ ୧୦ ହଜାରରୁ ଅଧିକ ରନ ଓ ୩୦୦ରୁ ଅଧିକ ୱିକେଟ ନେଇଛନ୍ତି। ଏଯାଏ ୨୬୦ଟି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିବା ଷ୍ଟୋକ୍ସ ୧୦,୩୬୮ ରନ କରିଥିବା ବେଳେ ଏଥିରେ ୧୮ଟି ଶତକ ଓ ୫୬ଟି ଅର୍ଦ୍ଧଶତକ ରହିଛି। ଷ୍ଟୋକ୍ସଙ୍କ ବ୍ୟତୀତ ୱେଷ୍ଟଇଣ୍ଡିଜର କାର୍ଲ ହୁପୋର, ଶ୍ରୀଲଙ୍କାର ସନତ ଜୟସୂରିୟା, କାଲିସ, ପାକିସ୍ତାନର ଶାହିଦ ଆଫ୍ରିଦି ଓ ବାଂଲାଦେଶର ସାକିବ ଅଲ ହାସନ ମଧ୍ୟ ୧୦ ହଜାରରୁ ଅଧିକ ରନ ଓ ୩୦୦ରୁ ଅଧିକ୍‌କେଟ ନେଇଛନ୍ତି।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ